

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୪ ନଭେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 14 NOVEMBER 2020

Vol.No. 30 ■ No. 288 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର୍ ଅବସାନ ଘଟାଇ୍ ଖୁବ୍ ଶୀଘ୍ର ପ୍ରକାଶ ପାଉଛି ପୂଜାସଂଖ୍ୟା...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ଆଲୋକର ପର୍ବ ଦୀପାବଳୀ ଉପଲକ୍ଷେ 'ଧ୍ୱନି ପ୍ରତିଧ୍ୱନି' ପରିବାର ତରଫରୁ ହାର୍ଦ୍ଦିକ ଅଭିନନ୍ଦନ





# କରୋନା ସମୟରେ କୃଷି ହିଁ ଆମ ଅର୍ଥନୀତି ପାଇଁ ବଡ ଆଶା : ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୩।୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୫-ଟି କାର୍ଯ୍ୟକ୍ରମ ଅଧୀନରେ କୃଷକ, କୃଷି କର୍ମଚାରୀ ମାନଙ୍କ ପାଇଁ କୃଷକ ଡାଟାବେସ୍, କୃଷିସାମଗ୍ରୀ ବିକ୍ରେତାମାନଙ୍କ ପାଇଁ ଅନ୍‌ଲାଇନ ଲାଇସେନ୍‌ସ ପ୍ରଦାନ, ଦକ୍ଷ କର୍ମଚାରୀ ମାନଙ୍କ ପାଇଁ ପ୍ରୋତ୍ସାହନ କାର୍ଯ୍ୟକ୍ରମ ଆଦି ବିଭିନ୍ନ ଅନ୍‌ଲାଇନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । କୃଷକ ଓଡିଶା କାର୍ଯ୍ୟକ୍ରମରେ ରାଜ୍ୟର ୭୬ ଲକ୍ଷ ଚାଷୀ ମାନଙ୍କୁ ନେଇ କୃଷକ ଡାଟାବେସ୍ ଶୁଭାରମ୍ଭ କରାଯାଇଛି । ଏହି ଡାଟାବେସ୍ ର ଯାଂଚ ପ୍ରକ୍ରିୟା ୧୦୦ ଦିନ ମଧ୍ୟରେ ସଂପୂର୍ଣ୍ଣ କରାଯାଇ କୃଷକ ମାନଙ୍କୁ ପରିଚୟ ପତ୍ର ପ୍ରଦାନ କରାଯିବ । ଏହାଦ୍ୱାରା କୃଷକମାନେ ବିଭିନ୍ନ ଯୋଜନା ଓ ସେବାର ସୁଫଳ ଅତି ଶୀଘ୍ର ପାଇପାରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କୃଷକ ଓଡିଶାରେ ୭୬ ଲକ୍ଷ ଚାଷୀଙ୍କ ଡାଟାବେସ୍ ରଖାଯିବା ବହୁତ ଭଲ ଉଦ୍ୟମ । ଏହାସହିତ ସବୁ ଚାଷୀ ମାନଙ୍କୁ କୃଷକ ପରିଚୟ ପତ୍ର ମଧ ଦିଆଯିବ । ଏହାଦ୍ୱାରା ଚାଷୀମାନେ ସହଜରେ ବିଭିନ୍ନ ସରକାରୀ ସୁବିଧା ପାଇପାରିବେ । ଚାଷୀ ନିଜ କାମ ଛାଡି ବାରମ୍ୱାର ସରକାରୀ କାର୍ଯ୍ୟାଳୟକୁ ନ ଆସି ଘରେ ରହି ଅନ୍‌ଲାଇନ ଜରିଆରେ ସେବା ପାଆନ୍ତୁ ବୋଲି ସେ ଚାହାନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଆରମ୍ଭ ହେଉଥିବା କୃଷକ ଓଡିଶା, ଇନପୁଟ୍ ଡିଲରମାନଙ୍କ ପାଇଁ ଅନ୍‌ଲାଇନ ଲାଇସେନ୍‌ସ, ଓୟୁଏଟି ଛତ୍ରଛାତ୍ରୀମାନଙ୍କୁ ଅନ୍‌ଲାଇନ ସାର୍ଟିଫିକେଟ,ଏଗ୍ରିକଲଚରାଲ୍ ଫିଲ୍ଡ ଷ୍ଟାଫ୍ ମାନଙ୍କ ପାଇଁ 'ଦକ୍ଷତା' ଆଦି କାର୍ଯ୍ୟକ୍ରମ ବିଭାଗକୁ ଚାଷୀ ମାନଙ୍କ ସହିତ ସିଧା ଯୋଡିବାରେ ସହାୟକ ହେବ ।ଭଲ କାମ କରୁଥିବା କୃଷି ବିଭାଗର କର୍ମଚାରୀ ମାନଙ୍କୁ ସ୍ୱୀକୃତି ଦେବା ପାଇଁ ହେଉଥିବା ଉଦ୍ୟମକୁ ସେ ପ୍ରଶଂସା କରି ଦକ୍ଷ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଚାଷ ଆମ ଅର୍ଥନୀତିର ମେରୁଦଣ୍ଡ । କରୋନା ସମୟରେ କୃଷି ହିଁ ଆମ ଅର୍ଥନୀତି ପାଇଁ ବଡ ଆଶା ଭାବରେ ଦେଖାଦେଇଛି । ଏବର୍ଷ ଆମେ ଅଧିକ ଫସଲ ଆଶା କରୁଛୁ । ଏଥିପାଇଁ ଆମର ଚାଷୀ ଭାଇଙ୍କୁ ସେ ଅଭିନନ୍ଦନ ମଧ ଜଣାଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷି ସାମଗ୍ରୀ ବିକ୍ରେତା ମାନଙ୍କ ପାଇଁ ଇ-ଲାଇସେନ୍‌ସ ପ୍ରଦାନ ସହିତ ୬ଟି ଅନ୍‌ଲାଇନ ସେବା ଏବଂ ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଅନ୍‌ଲାଇନ ସାର୍ଟିଫିକେଟ ଓ ମାର୍କସିଟ୍ ଆଦି ୯ଟି ସେବା କାର୍ଯ୍ୟକ୍ରମ ମଧ ଆରମ୍ଭ କରିଥିଲେ । ଦକ୍ଷତା କାର୍ଯ୍ୟକ୍ରମରେ ଦକ୍ଷ କୃଷି କର୍ମଚାରୀ ମାନଙ୍କୁ ସ୍ୱୀକୃତି ଓ ପୁରସ୍କାର ପ୍ରଦାନ କରାଯାଉଛି । ଏହି କାର୍ଯ୍ୟକ୍ରମରେ ସେପ୍ଟେମ୍ବର ମାସରେ ୨୨ ଜଣ କର୍ମଚାରୀ ଓ ଅକ୍ଟୋବର ମାସରେ ୩୮ ଜଣ କର୍ମଚାରୀଙ୍କୁ ସ୍ୱୀକୃତି ପ୍ରଦାନ କରାଯାଇଛି ।


▶▶ପୃଷ୍ଠା ୭


### ଅମ୍ଫନ ବାତ୍ୟା ପାଇଁ ଓଡ଼ିଶାକୁ ଅତିରିକ୍ତ ୧୨୮.୨୩କୋଟିର କେନ୍ଦ୍ରୀୟ ସହାୟତା

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁବେଳେ ଓଡ଼ିଆଙ୍କ ସାଥୀରେ: ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ ଭୁବନେଶ୍ୱର,୧୩।୧୧ (ନି.ପ୍ର): ପ୍ରାକୃତିକ ବିପର୍ଯ୍ୟୟ ତଥା ଅମ୍ଫନ ବାତ୍ୟା ଦ୍ୱାରା ପ୍ରଭାବିତ ଓଡ଼ିଶାକୁ ପୂର୍ବରୁ ତତ୍କାଳୀନ ୫୦୦ କୋଟି ଏବଂ ପୁଣି ଅତିରିକ୍ତ ୧୨୮.୨୩ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଦେଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରଗୃହ ମନ୍ତ୍ରୀ ଅମିତ ଶାହାଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଆର୍ଥିକ ସହାୟତା ଓଡ଼ିଶାକୁ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଏବଂ ବାତ୍ୟା ପରବର୍ତ୍ତୀ ସଂକଟ ସମୟରେ ଲଢ଼ିବା ପାଇଁ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି । ୨୦୨୦ ମଇ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ ବାତ୍ୟା ଅମ୍ଫନ ବାତ୍ୟା ପ୍ରଭାବିତ ରାଜ୍ୟ ଓଡ଼ିଶା ଏବଂ ପଶ୍ଚିମବଙ୍ଗକୁ ଗସ୍ତ କରି ଓଡ଼ିଶା ପାଇଁ ତତ୍କାଳୀନ ୫୦୦ କୋଟି ଏବଂ ପଶ୍ଚିମବଙ୍ଗ ପାଇଁ ୧୦୦୦ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରିଥିଲେ । ପ୍ରଧାନମନ୍ତ୍ରୀ ବିଶେଷଭାବରେ ଓଡ଼ିଶାର କଠିନ ସମୟରେ ସର୍ବଦା ଓଡ଼ିଆ ଲୋକଙ୍କ ସହ କାନ୍ଧକୁ କାନ୍ଧ ମିଳାଇ ଛିଡ଼ା ହୋଇଛନ୍ତି ବୋଲି ଶ୍ରୀ ପ୍ରଧାନ କହିବା ସହ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ଦ୍ୱାରା ପ୍ରଭାବିତ ହୋଇଥିବା ରାଜ୍ୟ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ, ସିକ୍କିମ, କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରକୁ ଅତିରିକ୍ତ ୪୩୮୧.୮୮ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଦିଆଯାଇଛି । ଏହି ଆର୍ଥିକ ସହାୟତା ବାତ୍ୟା, ବନ୍ୟା, ଭୂସ୍ଖଳନ ଯୋଗୁଁ କ୍ଷତି ହୋଇଥିବା ରାଜ୍ୟ ଗୁଡ଼ିକର ଭିତିଭୂମି ଏବଂ ଜୀବନଜୀବିକାର ପୁନଃଉଦ୍ଧାର କାମକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

## ଆଜି ଦିନ ୨ ଟାରୁ ବନ୍ଦ ରହିବ ମୋ ବସ୍ ସେବା

ଭୁବନେଶ୍ୱର,୧୩।୧୧ (ନି.ପ୍ର): ଆସନ୍ତାକାଲି ଦୀପାବଳି ଅବସରରେ୧୫ଟି ରୁଟରେ ଅପରାହ୍ଣ ୨ଟା ପର୍ଯ୍ୟନ୍ତ 'ମୋ ବସ୍' ଚାଲିବ ।୨ ଟା ପରେ ମୋ ବସ୍ ସେବା ରାତି ପର୍ଯ୍ୟନ୍ତ ବନ୍ଦ ରହିବ । ସେହିପରି ଆସନ୍ତାକାଲି ମାଷ୍ଟରକ୍ୟାଂଟିନ ଟର୍ମିନାଲ୍ ରେ ଥିବା କାଉଂଟର ମଧ ବନ୍ଦ ରହିବ । ଏ ନେଇ କ୍ୟାପିଟାଲ ରିଜିୟନ ଅରବାନ ଟ୍ରାନ୍ସପୋର୍ଟ(କ୍ରୁଟ) ସୂଚନା ଦେଇଛି । ଦୀପାବଳୀରେ ଯାତ୍ରୀମାନଙ୍କ ସୁବିଧା ପାଇଁ କ୍ୟାପିଟାଲ ରିଜିୟନ ଅରବାନ ଟ୍ରାନ୍ସପୋର୍ଟ(କ୍ରୁଟ) ପକ୍ଷରୁ ସିଟିବସ ଚଳାଚଳ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଭୁବନେଶ୍ୱରର ବିଭିନ୍ନ ରୁଟ୍ ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ଯାତ୍ରୀମାନେ ଏହି ସମୟରେ ସିଟି ବସରେ ଯାତ୍ରା କରିପାରିବେ । ରୁଟ୍-୧୧ରେ ଥିବା ନନ୍ଦନବିହାରରୁ(୭.୧୫, ୮.୧୦, ୯.୦୫, ୯.୩୫, ୧୦.୩୦,୧୧.୩୦)ରେ ଲିଙ୍ଗିପୁରକୁ ବସ ଚଳାଚଳ କରିବାକୁ ଥିବା ବେଳେ ଲିଙ୍ଗିପୁରରୁ(୮.୦୦,୯.୦୦, ୧୦.୦୦, ୧୧.୦୦, ୧୧.୩୦)ରେ ନନ୍ଦନବିହାରକୁ ବସ ଚଳାଚଳ କରିବ ।ସେହିଭଳି ରୁଟ୍-୧୨ରେ ଥିବା ମାଷ୍ଟରକ୍ୟାଂଟିନରୁ(୭.୪୦,୮.୨୦, ୯.୦୦, ୯.୪୦, ୧୦.୨୦, ୧୧.୦୦)ରେ ନନ୍ଦନକାନନକୁ ବସ ଚଳାଚଳ କରିବାକୁ ଥିବା ବେଳେ ନନ୍ଦନକାନନରୁ(୭.୪୦, ୮.୨୦,୮.୫୦,୯.୩୦,୧୦.୧୦, ୧୦.୫୦,୧୧.୩୦)ରେ ବସ ଚଳାଚଳ କରିବ । ରୁଟ୍-୫୦ରେ ଥିବା ମାଷ୍ଟରକ୍ୟାଂଟିନରୁ (୬.୩୦,୭.୨୦,୮୩୦)ରେ ପୁରୀ ବସଷ୍ଟାଣ୍ଡକୁ ବସ ଚଳାଚଳ କରିବାକୁ ଥିବା ବେଳେ ପୁରୀ ବସ ଷ୍ଟାଣ୍ଡରୁ(୮.୨୦,୯.୧୦,୧୦.୩୫)ରେ ମାଷ୍ଟରକ୍ୟାଂଟିନକୁ ବସ ଚଳାଚଳ କରିବ । କ୍ରୁଟ ପକ୍ଷରୁ ଦିଆଯାଇଥିବା ସମୟ ଅନୁସାରେ ଯାତ୍ରୀମାନେ ସହଜରେ ବସରେ ନିଜର ଗନ୍ତବ୍ୟସ୍ଥଳକୁ ଯାତ୍ରା କରିପାରିବେ । ଏ ନେଇ କ୍ରୁଟ ପକ୍ଷରୁ ଏକ ସମୟ ବିବରଣୀ ଦିଆଯାଇଛି ।


DADLS-60



ପବିତ୍ର ଦୀପାବଳି-୨୦୨୦ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଆନନ୍ଦ ଓ ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହିତ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

ବୈଶ୍ୱିକ ମହାମାରୀ କରୋନା ବିରୋଧରେ ସମଗ୍ର ମାନବଜାତିର ଲଢ଼େଇରେ ଓଡ଼ିଶାର ପ୍ରଦର୍ଶନ ବେଶ ଉତ୍ସାହଜନକ ଓ ପ୍ରେରଣାଦାୟୀ । ଏହି ଲଢ଼େଇରେ ସାମିଲ ହୋଇ ଧୈର୍ଯ୍ୟ ଓ ସାହସର ସହ ମୁକାବିଲା ନିମନ୍ତେ ସମସ୍ତଙ୍କର ସହଯୋଗ ଆଶା କରୁଛି ।

(ଗଣେଶୀ ଲାଲ)

OIPR:15001/13/0101/2021

DADLS-60



ମୁଖ୍ୟମନ୍ତ୍ରୀଙ୍କ ଦୀପାବଳି ଶୁଭେଚ୍ଛା

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ବିକାଶର ଆଲୋକରେ ସମସ୍ତଙ୍କ ଜୀବନକୁ ଉଦ୍‌ଭାସିତ କରିବା ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ।

ଟୀକା ବାହାରିବା ପର୍ଯ୍ୟନ୍ତ ଆମେ କୋଭିଡ଼ ନିୟମାବଳୀର ପାଳନ ଯଥା- ଠିକ୍ ଭାବରେ ମାସ୍କ ପିନ୍ଧିବା, ହାତ ଧୋଇବା ଏବଂ ସାମାଜିକ ଦୂରତା ରକ୍ଷା କରିବା ଅତ୍ୟନ୍ତ ଜରୁରୀ । ଆତସବାଜି ନ ଫୁଟାଇ କେବଳ ଦୀପ ଜଳାଇ ଚଳିତ ବର୍ଷ ଦୀପାବଳୀ ପାଳନ କରିବା ପାଇଁ ସମସ୍ତଙ୍କୁ ମୋର ଅନୁରୋଧ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR:15001/13/0101/2021

DADLS-60



ପବିତ୍ର ଦୀପାବଳି - ୨୦୨୦ ଉପଲକ୍ଷେ ବାର୍ତ୍ତା

ପବିତ୍ର ଦୀପାବଳିର ଶୁଭ ଅବସରରେ ଓଡ଼ିଶାବାସୀ ସମସ୍ତ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧିର କାମନା କରୁଛି ।

ଦୀପାବଳି ପାଳନ ଯୋଗୁଁ ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣ, କରୋନା ସଂକ୍ରମିତଙ୍କ ପାଇଁ କ୍ଷତିକାରକ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରୁଥିବାରୁ ସରକାରଙ୍କ ତରଫରୁ ଚଳିତ ବର୍ଷ ଦୀପାବଳିକୁ କୋଭିଡ୍ କଟକଣା ଅନୁପାଳନ ପୂର୍ବକ ପାଳନ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି । କରୋନା ସଂକ୍ରମଣ ବିରୁଦ୍ଧରେ ଜାରି ରହିଥିବାରୁ ଏହି ଲଢ଼େଇରେ ସମସ୍ତେ ସାମିଲ ହୋଇ ଆଲୋକର ପର୍ବ ଦୀପାବଳି ପାଳନ କରିବାକୁ ମୁଁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR:15001/13/0101/2021


## ବିନ୍ଦୁସାଗରରେ ପିଣ୍ଡଦାନ ବନ୍ଦ

ଭୁବନେଶ୍ୱର,୧୩।୧୧ (ନି.ପ୍ର): ଚଳିତ ବର୍ଷ ପୟା ଶ୍ରାଦ୍ଧରେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ସିଂହଦ୍ୱାର ଏବଂ ବିନ୍ଦୁସାଗର କୂଳରେ ପିଣ୍ଡଦାନକୁ ବ୍ୟାନ୍ କରାଯାଇଛି । ଦୀପାବଳି ଦିନ ପୟାଶ୍ରାଦ୍ଧରେ ପିତୃପୁରୁଷଙ୍କୁ ପିଣ୍ଡଦାନ କରାଯାଇଯାଇଥାଏ । ଏହି ଦିନ ଲିଙ୍ଗରାଜ ମନ୍ଦିର ଏବଂ ବିନ୍ଦୁସାଗରରେ ପ୍ରତିବର୍ଷ ପ୍ରବଳ ଭିଡ ହେଉଥିବାରୁ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଏହି ନିଷ୍ପତି ନେଇଛି । କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ପ୍ରକାର ଧାର୍ମିକ ସମାବେଶ ଗୁଡିକୁ ବ୍ୟାନ୍ କରିଛନ୍ତି । ମନ୍ଦିର ଗୁଡିକ ମଧ୍ୟ ବନ୍ଦ ରହିଛି ।

## ରାଜ୍ୟରେ ଆଉ ୧୨ ଜଣଙ୍କର କରୋନାରେ ମୃତ୍ୟୁ : ମୃତ୍ୟୁ ସଂଖ୍ୟା ୧୪୯୫ ହେଲା




ଭୁବନେଶ୍ୱର,୧୩।୧୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୧୨ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୧୪୯୫ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାର ୩ ଜଣ, ଖୋର୍ଦ୍ଧା ଓ କଟକ ଜିଲ୍ଲାରେ ୨-୨ ଜଣ ଅଛନ୍ତି । ସେହିପରି ଅନୁଗୁଳ. କନ୍ଧମାଳ, କୋରାପୁଟ, ପୁରୀ, ସମ୍ବଲପୁର ଜିଲ୍ଲାର ଜଣେ ଜଣେ ଅଛନ୍ତି । ଅନୁଗୁଳ ଜିଲ୍ଲାର ଜଣେ ୫୮ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । ସେ ମଧୁମେହ ରୋଗରେ ପୀଡିତ ଥିଲେ । ଭୁବନେଶ୍ୱରର ୪୮ ଓ ୫୭ ବର୍ଷୀୟ ଦୁଇ ଜଣ ପୁରୁଷ ମୃତ୍ୟୁବରଣ କରିଛନ୍ତି । ଢେଙ୍କାନାଳ ଜିଲ୍ଲାର ଜଣେ ୬୯ ବର୍ଷୀୟ ପୁରୁଷ ଓ ଅନ୍ୟ ଜଣେ ୫୨ ବର୍ଷୀୟ ପୁରୁଷଙ୍କ ମୃତ୍ୟୁ ଘଟିଛି । କନ୍ଧମାଳ ଜିଲ୍ଲାର ୪୬ ବର୍ଷୀୟ ପୁରୁଷ ତଥା କୋରାପୁଟ ଜିଲ୍ଲାର ଜଣେ ୬୦ ବର୍ଷୀୟ ମହିଳା କରୋନା ସଂକ୍ରମିତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୪୫ ବର୍ଷୀୟ ପୁରୁଷ, ସମ୍ବଲପୁର ଜିଲ୍ଲାର ୬୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସୁନ୍ଦରଗଡ ଜିଲ୍ଲାର ୫୫ ଓ ୫୧ ବର୍ଷୀୟ ପୁରୁଷ ତଥା ଜଣେ ୫୨ ବର୍ଷୀୟା ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

## ଓଡିଶାରେ ଖୋଲିବ ୪ଟି ବାଣିଜ୍ୟିକ କୋର୍ଟ

ଭୁବନେଶ୍ୱର,୧୩।୧୧ (ନି.ପ୍ର): ରାଜ୍ୟରେ ୪ ଗୋଟି ବାଣିଜ୍ୟିକ କୋର୍ଟ ପ୍ରତିଷ୍ଠା କରାଯିବ । ବାଣିଜ୍ୟିକ ମାମଲାଗୁଡିକର ବିଚାର ନିମନ୍ତେ ଏ ଭଳି କୋର୍ଟ ପ୍ରତିଷ୍ଠା କରାଯାଉଛି । ରାଜ୍ୟ ସରକାର ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ସୁପାରିସ ଏବଂ ପରାମର୍ଶକ୍ରମେ କଟକ ସଦର , ଭୁବନେଶ୍ୱର . ବ୍ରହ୍ମପୁରରେ ଓ ସମ୍ବଲପୁର ଠାରେ ୪ ଗୋଟି ସିଭିଲ ଜଜ୍ ( ସିନିୟର ଡିଭିଜନ ) କୋର୍ଟ ପ୍ରତିଷ୍ଠା କରିବା ନିମନ୍ତେ ନିଷ୍ପତି ନେଇଛନ୍ତି ବୋଲି ଆଇନ ମନ୍ତ୍ରୀ ପ୍ରତାପ ଜେନା ସୂଚନା ଦେଇଛନ୍ତି । ଏହା ବର୍ତ୍ତମାନ ବିଦ୍ୟମାନ ଥିବା ସେହି କୋର୍ଟ ଗୁଡିକ ସହିତ ପ୍ରତିଷ୍ଠିତ ହେବ । ଏହି ବାଣିଜ୍ୟିକ କୋର୍ଟ ଗୁଡିକର ସ୍ଥାନୀୟ ସୀମା ଯଥାକ୍ରମେ କଟକ , ଅନୁଗୋଳ . ଢେଙ୍କାନାଳ . ଜାଜପୁର ଏବଂ ଖୋର୍ଦ୍ଧା ଓ ଗଞ୍ଜାମ , କନ୍ଧମାଳ , ବୌଦ୍ଧଏବଂ ଗଜପତି ଜଜ୍ ସିପ୍ ଗୁଡିକର ଅଧିକାରିତାରେ ସୀମିତ ରହିବ ।ବୋଲି ମନ୍ତ୍ରୀ ଶ୍ରୀ ଜେନା ପ୍ରକାଶ କରିଛନ୍ତି । ଏ ନେଇ ବିଧି ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

# ହତ୍ୟା ଘଟଣାର ପର୍ଦ୍ଦାଫାଶ କଲା ପଟାଙ୍ଗି ପୋଲିସ : ୩ ଗିରଫ

ଜୟପୁର,୧୩।୧୧ (ନି.ପ୍ର): ଜୟପୁର ପଟାଙ୍ଗି ପୋଲିସ ଯୁବ ବ୍ୟବସାୟୀଙ୍କୁ ହତ୍ୟା ଘଟଣାର ପର୍ଦ୍ଦାଫାଶ କରିଛି। ଜଣେ ସୁପାରୀ କିଲରଙ୍କ ସହ ୩ ଜଣଙ୍କୁ ଗିରଫ କରିଛି ପୋଲିସ। ସେମାନଙ୍କଠାରୁ ହତ୍ୟା କରିଥିବା ସାମଗ୍ରୀ, ଗୋଟିଏ କାର୍, ଗୋଟିଏ ବୁଲେଟ୍ ସହ କିଛି ଗ୍ଲୋଭସ ମଧ୍ୟ ଜବତ କରିଛି । ସୂଚନା ଅନୁସାରେ ଅନୀଲଙ୍କ ଭାଇ ସୁନୀଲ ପାଢ଼ୀ ପଟାଙ୍ଗିର ଯୁବ ବ୍ୟବସାୟୀ ଗଙ୍ଗା ପ୍ରସାଦ ଚୌଧୁରୀଙ୍କ ନିକଟରେ ଅନଲାଇନ୍ ଗେମ୍ ଖେଳି ପ୍ରାୟ ୩ ଲକ୍ଷ ଟଙ୍କା ହାରି ଯାଇଥିଲେ । ଗଙ୍ଗା ପ୍ରସାଦ ବାରମ୍ବାର ଏହି ଟଙ୍କା ସୁନୀଲଙ୍କୁ ମାଗୁଥିଲେ । ହେଲେ ପାଖରେ ଟଙ୍କା ନଥିବାରୁ ସୁନୀଲ ଏହା ଦେଇ ପାରୁନଥିଲେ । ବାପାଙ୍କ ଠାରୁ ଲକ୍ଷେ ଟଙ୍କା ଆଣି ପରିଶୋଧ କରିଥିଲେ । ହେଲେ ବାକି ୨ ଲକ୍ଷ ଟଙ୍କା ଦେଇ ପାରିନଥିଲେ । ଆଉ ଏହାକୁ ନେଇ ସୁନୀଲଙ୍କ ଘରେ ଅଶାନ୍ତି ଲାଗି ରହୁଥିଲା । ତେଣୁ ଗଙ୍ଗାଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ ସୁନୀଲଙ୍କ ଭାଇ ଅନୀଲ । ସେ ପ୍ରଥମେ ଗଂଜେଇ ବ୍ୟବସାୟ କରିବା ବାହାନାରେ ଗଙ୍ଗାଙ୍କ ସହ ବନ୍ଧୁତା କରିଥିଲେ । ଏହା ପରେ ଗଙ୍ଗାଠାରୁ ୪୦ ହଜାର ଟଙ୍କା ଧାର ଆଣିଥିଲେ । ଆଉ ଏହି ଟଙ୍କାରେ ସେ ପାରଳାଖେମୁଣ୍ଡିର ଦୁଇ ଜଣଙ୍କୁ ସୁପାରୀ ଦେଇଥିଲା । ପୂର୍ବ ଯୋଜନା ଅନୁସାରେ ଗଙ୍ଗାଙ୍କୁ ଗତ ୩ ତାରିଖରେ ହତ୍ୟା କରାଯାଇଥିଲା । ଏହି ଘଟଣାରେ ମୁଖ୍ୟ ସୁପାରିକିଲର ଫେରାର ହୋଇଯାଇଥିବା ବେଳେ ଘଟଣାର ମାଷ୍ଟରମାଇଣ୍ଡ ଅନୀଲ ପାଢ଼ୀ, ଜଣେ ସୁପାରୀ କିଲରଙ୍କ ସମେତ ୩ ଜଣଙ୍କୁ ଗିରଫ କରିଛି ପୋଲିସ । ତେବେ ବଡ଼ ଭାଇ ଅନଲାଇନ ଗେମରେ ଗଙ୍ଗାଙ୍କଠାରୁ ହାରିବା ଓ ସାନଭାଇ ତାଙ୍କଠାରୁ ହିଁ ଧାର ନେଇ ସେହି ଟଙ୍କାରେ ସୁପାରି ଦେଇ ତାଙ୍କୁ ହତ୍ୟା କରିବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ରାୟଗଡ଼ାରୁ ବିଶାଖାପାଟଣା ଓ ସମ୍ବଲପୁରକୁ ଚାଲିବ ସ୍ୱତନ୍ତ୍ର ଟ୍ରେନ୍




ରାୟଗଡ଼ା,୧୩।୧୧ (ନି.ପ୍ର): ଜିଲ୍ଲା ରେ କରୋନା କଟକଣା କୋହଳ ହେବା ପରେ ରେଳ ମନ୍ତ୍ରାଳୟ ପକ୍ଷରୁ ଅନେକ ଯାତ୍ରୀବାହୀ ରେଳ ଚଳାଚଳ ଆରମ୍ଭ ହୋଇଛି । ଏହି କ୍ରମରେ ରେଳ ଯାତ୍ରୀମାନଙ୍କ ଦୈନନ୍ଦିନ ରେଳଯାତ୍ରାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ୱାଲଟେର ଡିଭିଜନ ଓ ସମ୍ବଲପୁର ଡିଭିଜନ ମଧ୍ୟରେ ପୁଣି ରେଳ ସେବା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ରାୟଗଡ଼ା ରେଳ ଡିଭିଜନ ଦେଇ ଉଭୟପଟୁ ଦୁଇଟି ସ୍ୱତନ୍ତ୍ର ଏକ୍ସପ୍ରେସ ଟ୍ରେନ୍ ଚଳାଚଳ କରିବା ନେଇ ପୂର୍ବତଟ ରେଳ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହି ଦୁଇଟି ଟ୍ରେନ୍ ଆସ'। ୧୫ ତାରିଖରୁ ଚଳାଚଳ କରିବ । ଟ୍ରେନ୍ ନମ୍ବର ୦୮୫୦୮ ବିଶାଖାପାଟଣା-ରାୟଗଡ଼ା ସ୍ୱତନ୍ତ୍ର ଟ୍ରେନ୍ ଭୋର ୪ଟା ୫୦ମିନିଟରେ ବିଶାଖାପାଟଣା ଛାଡ଼ି ସକାଳ ୯ଟାରେ ରାୟଗଡ଼ାରେ ପହଞ୍ଚିବ । ସେହିପରି ୦୮୫୦୭ ନମ୍ବରଯୁକ୍ତ ଟ୍ରେନ୍ଟି ରାୟଗଡ଼ା ଷ୍ଟେସନରୁ ଭୋର ୫ଟା ୧୫ମିନିଟରେ ଛାଡ଼ି ବିଶାଖାପାଟଣାରେ ସକାଳ ୯ଟା ୧୫ମିନିଟରେ ପହଞ୍ଚିବ । ବିଶାଖାପାଟଣା-ରାୟଗଡ଼ା ରେଳ ଷ୍ଟେସନ ମଧ୍ୟରେ ସିହ୍ମାଚଳମ, କୋତାବାଲସା, ବିଜୟନଗରମ୍, ଗଜପତିନଗରମ୍, ବୋବିଲି, ପାର୍ବତୀପୁରମ୍ ଟାଉନ ଆଦି ରେଳ ଷ୍ଟେସନଗୁଡ଼ିକରେ ବିରତି ରହିଛି । ସେହିପରି ଏହି ଟ୍ରେନ୍‌ରେ ୧୦ଟି ଦ୍ୱିତୀୟ ଶ୍ରେଣୀ ଏବଂ ଦୁଇଟି ଲଗେଜ୍ କୋଚ୍ ରହିଛି ।ଅନ୍ୟପଟେ ରାୟଗଡ଼ାରୁ ସମ୍ବଲପୁର ମଧ୍ୟରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଟ୍ରେନ୍ ନମ୍ବର ୦୮୩୦୧ ସ୍ୱତନ୍ତ୍ର ଏକ୍ସପ୍ରେସ ବ୍ୟବସ୍ଥା କରାଯାଇଛି । ଟ୍ରେନ୍ଟି ସକାଳ ୬ଟା ୫ମିନିଟରେ ସମ୍ବଲପୁର ଛାଡ଼ି ମଧ୍ୟାହ୍ନ ୧୨ଟା ୪୦ମିନିଟରେ ରାୟଗଡ଼ାରେ ପହଞ୍ଚିବ । ଟ୍ରେନ୍ ନମ୍ବର ୦୮୩୦୨ ରାୟଗଡ଼ା ଷ୍ଟେସନରୁ ଅପରାହ୍ନ ୨ଟା ୦୫ମିନିଟରେ ବାହାରି ସମ୍ବଲପୁରରେ ରାତି ୮ଟା ୨୦ମିନିଟରେ ପହଞ୍ଚିବ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସମ୍ବଲପୁର-ରାୟଗଡ଼ା ରେଳ ଷ୍ଟେସନ ମଧ୍ୟରେ ଏହି ଏକ୍ସପ୍ରେସ ଚଳାଚଳ କରିବା ସମୟରେ ୧୭ଟି ଷ୍ଟେସନରେ ବିରତି ରହିବ । ସେହିପରି ଏହି ଟ୍ରେନ୍‌ରେ ଗୋଟିଏ ସ୍ଲିପର ଶ୍ରେଣୀ କୋଚ୍ ସହ ୬ଟି ଦ୍ୱିତୀୟ ଶ୍ରେଣୀ ଏବଂ ଦୁଇଟି ଲଗେଜ୍ କୋଚ୍ ରଖାଯାଇଛି । ତେବେ ସମସ୍ତ ରେଳଯାତ୍ରୀ କୋଭିଡ-୧୯ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ଭାବେ ଅନୁସରଣ କରି ରେଳଯାତ୍ରା କରିବାକୁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ।

# ବନ୍ଧଡିହ ପଂଚାୟତର ବିଭିନ୍ନ ସ୍ଥାନରୁ ଚୋରୀ, ରାତ୍ରୀ ପାଟ୍ରୋଲିଂ କଡାକଡି ଦାବି

ଧର୍ମଶାଳା,୧୩।୧୧ (ନି.ପ୍ର): କରୋନା ସଂକ୍ରମଣକୁ ନେଇ ଜନସାଧାରଣ ଚିନ୍ତିତ ଥିବା ବେଳେ ରାତିରେ ଦୃବୃତମାନଙ୍କ ଚୋରୀକୁ ନେଇ ଏହି ଭୟକୁ ଦ୍ୱିଗୁଣିତ କରୁଛି । ଗତ କାଲି ରସୁଲପୁର ବ୍ଲକ ବନ୍ଧଡିହ ପଂଚାୟତର ବିଭିନ୍ନ ସ୍ଥାନରୁ ଛୋଟ ବଡ ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ବନ୍ଧଡିହ ପଂଚାୟତର ସାହାପଡା ଗ୍ରାମରୁ ଗତ କାଲି ବିଳମ୍ବିତ ରାତିରେ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ଜଣାପଡିଛି । ଘର ଭିତରେ ଦୃବୃତମାନେ ପଶି ସୁନାରୂପା ଗହଣା, ମୋବାଇଲ, ସାଇକେଲ ଆଦି ଚୋରି ହୋଇଯାଇଥିବା ନେଇ ବ୍ରହ୍ମବରଦା ଫାଣ୍ଡିରେ ଅଭିଯୋଗ ହୋଇଛି । ଏହି ପଂଚାୟତର ରସାନନ୍ଦ ସାହୁଙ୍କ ଘର ପଛପଟ କବାଟ ଭାଙ୍ଗି ଶୋଇବା ଘର ଲୁହା ଅଲମିରାରୁ ଗୋଟିଏ ସୁନା ଚେନ୍, ହଳେ କାନଫୁଲ, ୪ଗୋଟି ମୁଦି, ୩ଟି ବ୍ରେସ୍‌ଲେଟ, ଗୋଟିଏ ଅଂଟା ବିଛା, ରୂପା ପାଉଁଜିକୁ ସହ ଗୋଟିଏ ମୋବାଇଲ, ନଗଦ ୨୦ହଜାର ଟଙ୍କା ଚୋରି ହୋଇଥିବା ବେଳେ ଲକ୍ଷ୍ମୀଧର ସାହୁଙ୍କ ଘରୁ ପିତଳ ବାସନ କୁସନ, ନଗଦ ୫ହଜାର୬ଶହ ଟଙ୍କା ଓ ୨ଟି ମୋବାଇଲ , ଲକ୍ଷ୍ମଣ ଦାସଙ୍କ ଘରୁ ଗୋଟିଏ ସାଇକେଲ, ପ୍ରଭାକର ସାହୁ ଓ ଚିନ୍ମୟ ସାହୁଙ୍କ ଘରୁ ଗୋଟିଏ ଲେଖାଁ ମୋବାଇଲ ଚୋରୀ ହୋଇଥିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗ ପାଇ ବ୍ରହ୍ମବରଦା ପୋଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଛି । ଏଭଳି ଚୋରୀ ଘଟଣାକୁ ନେଇ ରାତିରେ ପାଟ୍ରୋଲିଂକୁ ପୋଲିସ କଡାକଡି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ମାଳିକା ବର୍ଣ୍ଣିତ ରନ୍ଧବଟ ର ପ୍ରଚାର ଓ ପ୍ରସାର ପାଇଁ କମିଟି ଗଠିତ

ପାରାଦୀପ,୧୩।୧୧ (ନି.ପ୍ର): ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଶିବକଳ୍ପ ମାଳିକା ଓ ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ ଭାଗବତ ତୃତୀୟସ୍କନ୍ଧ କପିଳ କର୍ଦ୍ଦନ ଦେବହୁତୀ ଉବାଚରେ ରନ୍ଧବଟ ସଂପର୍କରେ ବର୍ଣ୍ଣନା ହୋଇଛି । ଏହି ସ୍ଥାନ ଅଧୁନା ପାରାଦୀପ ଅଠରବାଙ୍କୀ ନେହେରୁ ବଙ୍ଗଳା ଯିବା ରାସ୍ତାରେ ରନ୍ଧବଟ ରହିଛି । ଏହି ରନ୍ଧବଟ ର ମହାତ୍ମ୍ୟ ପ୍ରଚାର ଓ ପ୍ରସାର ନିମର୍ତେ ଗୁରୁବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରନ୍ଧବଟ ପୀଠ ର ପୀଠାଧିଶ ତେଜସ୍ୱୀ ମହାରାଜାଙ୍କୁ ସର୍ବସମ୍ମତି କ୍ରମେ ସଭାପତି ଭାବେ ମନୋନୀତ କରାଯାଇଥିଲା । କମିଟିରେ କାର୍ଯ୍ୟକାରୀ ସଭାପତି ସୁନାକର ବେହେରା, ଉପ-ସଭାପତି ବିକ୍ରମ ମହାିଁ, ସଂପାଦକ ଅରୁଣ କୁମାର ପାଣି ଙ୍କ ସମେତ ଦଶ ଜଣଙ୍କୁ କାର୍ଯ୍ୟକାରୀ କମିଟିକୁ ମନୋନୀତ କରାଯାଇଛି । ଉପଦେଷ୍ଟା ଭାବେ ଲେଡିଜ୍ କ୍ଲବ ସଭାନେତ୍ରୀ ଶୁଭଲକ୍ଷ୍ମୀ ରଏ, ପୂର୍ବତନ ପୌରାଧକ୍ଷ ବସ' ବିଶ୍ୱାଳ, ଲକ୍ଷ୍ମୀ ବିଳାସିନୀ ବିଶ୍ୱାଳ, ପ୍ରୀତି ଆରତୀ ପରିଜାଙ୍କୁ ମନୋନୀତ କରାଯାଇଥିଲା । ବହୁ ଧର୍ମପରାୟଣ ବ୍ୟକ୍ତି ଏହି ବୈଠକରେ ଉପସ୍ଥିତ ଥିଲେ ।

# ଖୁରମାଲରେ ମନରେଗା ଦୁର୍ନିତି, ଶତାଧିକ ଶ୍ରମିକ ପାଉଣା ପାଇନଥିବା ଅଭିଯୋଗ

ନୂଆପଡା,୧୩।୧୧ (ନି.ପ୍ର): ନୂଆପଡା ଜିଲ୍ଲା ବୋଡେନ ବ୍ଲକ ରୋକାଲ ପଂଚାୟତର ଖୁରମାଲ ଗ୍ରାମରେ ମନରେଗା ଦୁର୍ନିତି ହୋଇଥିବା ବେଳେ କାମ କରିଥିବା ଶତାଧିକ ଶ୍ରମିକ ସେମାନଙ୍କ ପାଉଣା ପାଇନଥିବା ଅଭିଯୋଗ କରିଛନ୍ତି । ଏନେଇ ଦଳିତ ଅଧିକାର ମଂଚର କର୍ମକର୍ତ୍ତା ଏବଂ ପାରିଶ୍ରମିକ ପାଇନଥିବା ଶ୍ରମିକ ବୋଡେନ ବିଡିଓଙ୍କ ଠାରେ ଲିଖିତ ଅଭିଯୋଗ କରିଛନ୍ତି । ସୂଚନାମତେ ଗତ ୨୦୧୯-୨୦ ଆର୍ଥୀକ ବର୍ଷରେ ୯ ଲକ୍ଷ ୯୦ ହଜାର ଟଙ୍କା ବ୍ୟୟ ଅଟକଳରେ ଖୁରମାଲ ଗ୍ରାମର କପା ଗୋଦାମ ରାସ୍ତାରେ ମାଟି କାମ କରିଥିଲେ । ଏଥିରେ ଶତାଧିକ ଶ୍ରମିକ କାମ କରିଥିଲେ । ହେଲେ କାମ ସରିବାର ୯ ମାସ ବିତି ଯାଇଥିଲେ ମଧ୍ୟ ଶ୍ରମିକ ମାନଙ୍କୁ ସେମାନଙ୍କ ପାଉଣା ମିଳିନଥିବା ଅଭିଯୋଗ କରିଛନ୍ତି । ଶ୍ରମିକ ମାନେ ପାଉଣା ପ୍ରଦାନ ପାଇଁ ସରପଂଚଙ୍କ ଠାରୁ ଆରମ୍ଭ କରି ଜିଆରଏସ, କାର୍ଯ୍ୟନିର୍ବାହୀ ଅଧିକାରୀ, ଜେଇ, ଏପିଓ, ବିଡିଓଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିଲା । ଗୁରୁବାର ଦଳିତ ଅଧିକାର ମଂଚର ସଭାପତି କମଳ ଚରଣ ତାଣ୍ଡିଙ୍କ ନେତୃତ୍ୱରେ ମଂଚର କର୍ମକର୍ତ୍ତା ସହ ଶତାଧିକ ଶ୍ରମିକ ବୋଡେନ ବିଡିଓଙ୍କୁ ସାକ୍ଷାତ କରି ଏକ ଦାବୀପତ୍ର ପ୍ରଦାନ କରିଥିଲେ । ଆସନ୍ତା ୨୦ ତାରିଖ ମଧ୍ୟରେ ସେମାନଙ୍କୁ ପାଉଣା ପ୍ରଦାନ କରାଯିବ ବୋଲି ବୋଡେନ ବିଡିଓ ପ୍ରତିଶୃତି ଦେଇଥିବା ସୂଚନା ମିଳିଛି । ଏହି ଦାବୀପତ୍ର ପ୍ରଦାନ ବେଳେ ବେଣୁଧର ଜଗତ, ଲିଙ୍ଗରାଜ ଜାଲ, ଗଣେଷ ବାଗ, ସାଧୁ ଜଗତ, ଶୋଭାରାମ ଜଗତ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଭିଯୋଗ କାରୀ ମାନଙ୍କୁ ଧମକ ଦେଉଛନ୍ତି ସରପଂଚଙ୍କ ସ୍ୱାମୀ

କେନ୍ଦ୍ରାପଡ଼ା,୧୩।୧୧ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅଧିନ ଭୂଇଁପୁର ପଂଚାୟତ ରେ କରାଯାଇଥିବା ବ୍ୟାପକ ଦୁର୍ନିତି ଓ ଅନିୟମିତତା ବିରୋଧରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇ ଥିଲା । ଦୀର୍ଘ ଦିନ ବିତି ଯାଇଥିଲେ ମଧ ଏହି ଅଭିଯୋଗ ଗୁଡିକର ତଦନ୍ତ କରାଯାଉ ନଥିବାରୁ ସରପଂଚଙ୍କ ସ୍ୱାମୀ ଅଭିଯୋଗକାରୀ ମାନଙ୍କୁ ଧମକ ଚମକ ଦେବା, ଥଟ୍ଟା ପରିହାସ କରିବା ସହ ଏଥର ଅଭିଯୋଗ କଲେ ପରିସ୍ଥିତି ଭୟାବହ ହେବ ବୋଲି ଚେତାବନୀ ଦେଇଛନ୍ତି । ଏହାକୁ ନେଇ ଗୁରୁବାର ଗ୍ରାମର ପ୍ରିୟବ୍ରତ ପାତ୍ର, ଜ୍ଞାନ ରଞ୍ଜନ ବିଶ୍ୱାଳ, ଜୟନ୍ତ ଜେନା, ପ୍ରଶାନ୍ତ ବିଶ୍ୱାଳ, ସତ୍ୟ ରଞ୍ଜନ ବିଶ୍ୱାଳ, ଅରୁପ କୁମାର ପରିଡା, ବିନୋଦ କୁମାର ଜେନା ପ୍ରମୁଖ ଶତାଧିକ ଯୁବକ ଜିଲ୍ଲାପାଳଙ୍କୁ ଭେଟି ତଦନ୍ତ କରିବା ସହ ତାଙ୍କୁ ନ୍ୟାୟ ଦେବାକୁ ଦାବି କରିଛନ୍ତି ।

# ଖୋଲିଲା ମାଟି ଦୀପ ଓ ବିଦ୍ୟୁତ୍ ରଙ୍ଗବେରଙ୍ଗ ଲାଇଟ୍ ଦୋକାନ

## ପାଳିତ ହେବ ଶବ୍ଦ ପ୍ରଦୁଷଣ ଓ ବାୟୁ ପ୍ରଦୁଷଣ ବିନା ପ୍ରକୃତ ଦୀପାବଳୀ, ଶୁଭିବନାହିଁ ଆତସବାଜିର ଶବ୍ଦ

କନ୍ଧମାଳ,୧୩।୧୧ (ନି.ପ୍ର): ଦୀପାବଳୀ ଆସିଲେ ଲୋକଙ୍କ ସହିତ ପିଲାମାନଙ୍କ ମନରେ ଏକ ଅଲଗା ଆନନ୍ଦ ଦେଖାଦେଇଥାଏ । କାରଣ ଏହି ପର୍ବରେ ସେମାନଙ୍କର ମୁଖ୍ୟ ଆକର୍ଷଣ ହୋଇଥାଏ ଆତସବାଜି ସାଙ୍ଗକୁ ବିଭିନ୍ନ ରଙ୍ଗବିରଙ୍ଗ ଆଲୋକର ବାଣ ଫୁଟାଇବା । ସେଥିପାଇଁ ପିଲାମାନେ ଚାହିଁ ବସିଥଆନ୍ତି ଏହି ପର୍ବକୁ ହେଲେ ଏହି ବର୍ଷ ପିଲାମାନଙ୍କ ସେହି ଆଶା ମଉଳି ଯଇଛି କାରଣ ଚଳିତ ବର୍ଷ ଶୁଣାଯାଉନାହିଁ ବାଣର ଶବ୍ଦ କିମ୍ବା ଦେଖିବାକୁ ମିଳୁନି କୌଣସି ବାଣ ଦୋକାନ । ସେହିପରି ବାଣ ବ୍ୟବସାୟୀ ମାନେ ମଧ୍ୟ ଏହି ଦିନକୁ ଚାହିଁ ବସିଥାଆନ୍ତି ବାଣ ବ୍ୟବସାୟରୁ ଦୁଇ ପଇସା ରୋଜଗାର କରିବାକୁ । ହେଲେ ଚଳିତ ବର୍ଷ କରୋନା ମହାମାରୀ ଯୋଗୁଁ ସରକାରଙ୍କର କଡା ନିର୍ଦ୍ଦେଶ ଅନୁସାରେ ବାଣ ବିକ୍ରିକୁ ନିଷେଧ କରାଯାଇଛି । ଏପରିକି କେତେକ ଯାଗାରେ ଏହି ନିର୍ଦ୍ଦେଶକୁ ଅମାନ୍ୟ କରି ବାଣ ବିକ୍ରି କରୁଥିବା ଲୋକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇଛି ପୁଲିସ । ସେଥିପାଇଁ ସମସ୍ତ ବାନ ବଜାର ବନ୍ଦ, ଏହି ବର୍ଷ ପାଳିତ ହେବାକୁ ଯାଉଛି ଶବ୍ଦ ଓ ବାୟୁ ପ୍ରଦୁଷଣ ମୁକ୍ତ ପ୍ରକୃତ ଦୀପାବଳୀ ପର୍ବ । ହେଲେ ଏଥିପାଇଁ କୁମ୍ଭକାର ମାନଙ୍କର ବଢିବାରେ ଲାଗିଛି ଆଶା ଓ ଆକାଂକ୍ଷା କାରଣ ଦୀପାବଳୀ ପର୍ବରେ ମାଟି ଦୀପ ଜଳାଇବାରେ କୌଣସି କଟକଣା କରାଯାଇନାହିଁ । ସେମାନେ ବର୍ଷସାରା ଏହି ପେଷାରୁ କୌଣସି ରୋଜଗାର କରିପାରୁ ନଥିବାରୁ ଏହି ଦୀପ ଜଳାଇବାର ପର୍ବ ଅବସରରେ କିଛି ରୋଜଗାର କରିବା ଆଶାରେ ସେମାନେ ବିକ୍ରି ଆରମ୍ଭ କରିଥିବା ଦେଖିବାକୁ ମିଳୁଛି ବିଭିନ୍ନ ପ୍ରକାରର ମାଟି ଦୀପ ଏହାସହିତ ଲୋକଙ୍କର ଘରେ ଏହି ପର୍ବ ଅବସରରେ ସାଜସଜ୍ଜା ନିମନ୍ତେ ବିଭିନ୍ନ ରଙ୍ଗବେରଙ୍ଗ ବିଦ୍ୟୁତ୍ ଲାଇଟ୍ ସବୁ ମଧ୍ୟ ବଜାରରେ ବିକ୍ରି ଆରମ୍ଭ ହୋଇଛି । କରୋନା ସଂକ୍ରମଣ ଯୋଗୁଁ ସରକାରଙ୍କ ନିର୍ଦ୍ଦେଶକୁ ମାନିବାକୁ ମଧ୍ୟ ଲୋକେ ପ୍ରସ୍ତୁତ ହେଲେଣି । ତେଣୁ ଏଥର ଏକ ନିଆରା ଏବଂ ଶାନ୍ତିପୁର୍ଣ୍ଣ ଭାବରେ ଏହି ପର୍ବ ପାଳିତ ହେବ ବୋଲି ଚର୍ଚ୍ଚା ହେଉଛି । ଦିପାବଳୀ ପର୍ବକୁ ମାତ୍ର ଦିନଟିଏ ବାକି ସେଥିପାଇଁ ଲୋକେ ବଜାରରୁ ଏହି ପର୍ବ ପାଳନ ପାଇଁ ପୂଜାସାମଗ୍ରୀ ସାଙ୍ଗକୁ ବଜାରରୁ ଦୀପ ଏବଂ ଆଲୋକ ସାଜଜ୍ଜା ଜିନିଷ ସଂଗ୍ରହ କଲେଣି । ତେବେ ଏହିସବୁ କଟକଣା ଭିତରେ କିଛି ଲୋକଙ୍କର ରୋଜଗାରରେ ବାଧା ଉପୁଜିଛି । କିଛି ବାଣ ବ୍ୟବସାୟୀ ମାନେ ବର୍ଷକୁ ଥରେ ଏହି ବ୍ୟବସାୟରେ ରୋଜଗାର କରୁଥିବା ସେମାନଙ୍କର ଆୟ ବନ୍ଦ ହୋଇଯାଇଛି । ସେଥିପାଇଁ ସେମାନଙ୍କର ମଧ୍ୟରେ ଏହି ପର୍ବକୁ ନେଇ ଉତ୍ସାହ କମିଥିବା ପରିଲକ୍ଷୀତ ହୋଇଛି ।

# ଚୋରା ଦେଶୀ ମଦ ଜବତ, ବେପାରୀ କୋର୍ଟ ଚାଲାଣ

କୋରେଇ,୧୩।୧୧ (ନି.ପ୍ର): ପାଣିକୋଇଲି ପୁଲିସ ଚୋରା ମଦ କାରବାରର ଖବର ପାଇ ଆଜି ଚଢାଉ କରି ଜଣେ ଚୋରା ଦେଶୀ ମଦ ବେପାରୀକୁ ଗିରଫ କରିବା ସହ ମଦ ଜବତ କରିଛି । ପ୍ରକାଶଯେ ଆଜି ଚୋରା ମଦ ବେପାରର ଖବର ପାଇ ପୁଲିସ ପକ୍ଷରୁ ଚଢାଉ ହୋଇଥିଲା । ପଥରପଦା ପଂଚାୟତର ବେଙ୍ଗାସାହି ନିକଟରେ ଏକ କ୍ୟାବିନରେ ଦେଶୀ ମଦ ବିକ୍ରି କରୁଥିବା କାଜିପାଟଣା ଗ୍ରାମର ରାଜକିଶୋର ଦାସଙ୍କ ପୁଅ ଲକ୍ଷ୍ମୀନାରାୟଣ (୩୫)କୁ ଯାଂଚ ସମୟରେ ୨୯ ବୋତଲ ଦେଶୀ ମଦ (ଆରଡିଏସ) ଜବତ ହେବା ସହ ତାକୁ ଗିରଫ କରଯାଇଛି । ଏନେଇ ଥାନାରେ ଏକ ମାମଲା ୨୫୦/୨୦ରୁଜ୍ଜୁ କରାଯାଇ ତଦନ୍ତ ଚାଲୁ ରହିଛି ।

# ୭ଦଫା ଦାବିନେଇ ପାଚିକା ସହାୟିକା ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା,୧୩।୧୧ (ନି.ପ୍ର): ନିଖିଳ ଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ସହାୟିକା ସଂଘ କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି । ରାଜ୍ୟ ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ଜିଲ୍ଲା ସଭାପତି ଗଜେନ୍ଦ୍ର ନାଥ ନାୟକ, ସୁହାନା ବେଗମ, ଦମୟନ୍ତି ସାମଲ ଓ ଅନିତା ଜେନା ପ୍ରମୁଖ ୭ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଦାବି ଗୁଡିକ ମଧ୍ୟରେ ସ୍କୁଲ ମିଶ୍ରଣକୁ ବନ୍ଦ କରିବା, ପାଚିକା ମାନଙ୍କ ନିଯୁକ୍ତିକୁ ମନଇଚ୍ଛା ବାତିଲ ବନ୍ଦ କରିବା, ଛଟେଇ ପାଚିକାଙ୍କୁ ପେନସନ ଦେବା, କୋଭିଡ ସହାୟତା ମାସିକ ୭ ହଜାର ୫୦୦ ଓ ୧୦ କେଜି ଲେଖାଏଁ ଚାଉଳ, ଡାଲି ପ୍ରଦାନ, ପାଚିକାଙ୍କ ବକେୟା ୨୮ ମାସର ଦରମା ପ୍ରଦାନ ଓ ଶାଢୀ ବାବଦକୁ ଅର୍ଥ ପ୍ରଦାନ ଦାବି ଗୁଡିକ ରହିଛି ।

# ଗଞ୍ଜେଇ ଚାଲାଣ କାରି ଉପରେ ଚଢାଉ ଗଞ୍ଜେଇ ଜବତ

ଜୟପୁର,୧୩।୧୧ (ନି.ପ୍ର): ଜୟପୁର ସଦର ପୋଲିସ ଗଞ୍ଜେଇ ଚାଲାଣ ବେଳେ ଆନ୍ତଃ ରାଜ୍ୟ ଚାଲାଣ କାରି ଉପରେ ଚଢାଉ କରିଛି । ପୋଲିସ ସୁତ୍ର ରୁ ପ୍ରକାଶ ଯେ ସଦର ଥାନା ଅଧିକାରୀ ଆଦିତ୍ୟ ମହାକୁଡ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଟିମ ସହ ଛପି ରହିଥିଲେ । କଳା ରଙ୍ଗର ହୋଣ୍ଡା ସିଟି କାର ରେ ଚାଲାଣ ହେଉଥିବା ବେଳେ ବାଇକ ଆରୋହୀମାନେ ଉକ୍ତ ଗଞ୍ଜେଇ ଗାଡିକୁ ସତୀ ନଦୀ ପାଖରେ ଅଟକାଇ ଫାମ୍ପୁଣି ମାନଖମନ ଜଙ୍ଗଲ ଗ୍ରୀଡ ସବ ଷ୍ଟେସନ ନିକଟକୁ ନେଇଥିଲେ । ସେହି ସମୟରେ ପୋଲିସ ଚଢାଉ କରିଛି । କୋରାପୁଟ ଜିଲା ଜଲାପୁଟରୁ ବିହାର ଗଞ୍ଜେଇ ଚାଲାଣ ହେଉଥିଲା । ଦୁର୍ବୃତ୍ତମାନେ ପୋଲିସକୁ ଦେଖି ଚମ୍ପଟ ମାରିବା ଯୋଜନା କରୁଥିବା ବେଳେ ୬ ଜଣକୁ ଗିରଫ କରିଛି । ଏହି ମାମଲାରେ ବିହାର, ଆନ୍ଧ୍ର ପ୍ରଦେଶ ଓ ଓଡିଶାର ୬ ଜଣ କୁ ଗିରଫ କରାଯାଇଛି । ସେମାନେ ହେଲେ ବିହାରର ସେନୁ କୁମାର (୧୮), ଆନ୍ଧ୍ର ପ୍ରଦେଶ ବିଶାଖାପାଟଣାର ରାମ ମୂର୍ତି କିର୍ଶାନି (୨୮), ଜୟପୁର ସଦର ଥାନା ଅନ୍ତର୍ଗତ ବାମୁଣି ଗ୍ରାମର ନର ହରି ପୁଜାରୀ, ପାଞ୍ଜିଆଗୁଡାର ବିଶ୍ୱନାଥ ପରଜା (୩୯), ନନ୍ଦପୁରର ନରେନ୍ଦ୍ର ବଡ ନାୟକ (୩୨), ଜୟପୁର ସହର ସାମନ୍ତରା ସାହିର ଲକ୍ଷ୍ମୀ କାନ୍ତ ମିଶ୍ର (୨୪) । ପୋଲିସ ଚଢାଉ କରି ୩୮ଟି ପ୍ୟାକେଟରେ ୨୬୯.୫ ଶହ କେଜି ଗଞ୍ଜେଇ ଜବତ କରିଛି । ଜବତ ଗଞ୍ଜେଇର ଆନୁମାନିକ ମୁଲ୍ୟ ୩୦ ଲକ୍ଷ ହେବ ବୋଲି ପୋଲିସ ସୂଚାନ ଦେଇଛି । ଏହା ସହ ୬ଟି ମୋବାଇଲ, ନମ୍ବର ବିହିନ ହୋଣ୍ଡା ସିଟି କାର, ୩ଟି ବାଇକ ଜବତ କରିଛି । ଏମାନଙ୍କ ନାମରେ ୨୨୨/୨୦ ଏନଡିପିଏସ ଆକ୍ଟରେ ମାମଲା ରୁଜୁ କରି କୋଟ ଚାଲାଣ କରିଥିବା ପୋଲିସ ସୂଚନା ଦେଇଛି ।

# ୩ ହଜାର ମହିଳା ଙ୍କୁ ଦିଆଯିବ କାଇଁଚ ଶିଳ୍ପର ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା,୧୩।୧୧ (ନି.ପ୍ର): କାଇଁଚ ଶିଳ୍ପର (ଗୋଲଡେନ ଗ୍ରାସ) ବିକାଶ ପାଇଁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ହସ୍ତଶିଳ୍ପ କେନ୍ଦ୍ର ପକ୍ଷରୁ କାଇଁଚ ହସ୍ତଶିଳ୍ପର କୌଶଳ ସମ୍ବନ୍ଧରେ ୩ ହଜାର ମହିଳାଙ୍କୁ ତାଲିମ ପ୍ରଦାନ କରାଯିବ । କାଇଁଚ ଶିଳ୍ପର ଅନ୍ୟତମ ପ୍ରମୁଖ କେନ୍ଦ୍ର କେନ୍ଦ୍ରାପଡାର ଜଜାଙ୍ଗ ଓ ବାରୁଅ ଠାରେ ଏହି ମହିଳା ମାନଙ୍କୁ ତାଲିମ ପ୍ରଦାନ କରାଯିବ । ଏଥିପାଇଁ ଜିଲ୍ଲା ମନିଟରିଂ କମିଟି ଓ ସ୍କିଲ କମିଟି ମିଟିଂ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୨୦୨୦-୨୧ ମସିହାର ପ୍ରୋଜେକ୍ଟ ଗୁଡିକୁ ଅନୁମୋଦନ କରାଯାଇ ଜଜାଙ୍ଗ ଓ ବାରୁଅ ଠାରେ କାଇଁଚ ଶିଳ୍ପର ପ୍ରଚାର ଓ ପ୍ରସାର ପାଇଁ ୩୦ ଲକ୍ଷ ଟଙ୍କା ବ୍ୟୟରେ ୨ଗୋଟି ଗୃହ ନିର୍ମାଣ କରାଯାଇ ଜିଲ୍ଲାର ୩ ହଜାର ମହିଳାଙ୍କୁ କାଇଁଚ ହସ୍ତଶିଳ୍ପର କୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯିବ । ଏଥିପାଇଁ ମୋଟ ୧୧କୋଟି ୫୨ ଲକ୍ଷ ଟଙ୍କା ବ୍ୟୟର ଏକ ଅଟକଳ ଅନୁମୋଦନ ଲାଭ କରିଥିବା ଜଣା ପଡିଛି । ଏହି ବୈଠକରେ ଜି.ଏମ.ଡି.ଆଇ.ସି ସନ୍ତୋଷ କୁମାର ମିଶ୍ର, ନାବାର୍ଡ ଅଧିକାରୀ ଅକ୍ଷୟ କୁମାରା ଆଚାର୍ଯ୍ୟ, ଲିଡ ବ୍ୟାଙ୍କ ମ୍ୟାନେଜର ମଳୟ କୁମାର ମିତ୍ର, ଡି.ଏସ.ଡବ୍ଲୁ.ଓ ଚିନ୍ମୟୀ ରଥ, ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ, ଆଇପିଓ ଅମୀୟ ବେହେରାଙ୍କ ସହ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଦୀପାବଳୀରେ ବାଣଫୁଟାକୁ ନେଇ ରାଉରକେଲାରେ କଟକଣା: ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ

ରାଉରକେଲା,୧୩।୧୧ (ନି.ପ୍ର): ଚଳିତ ବର୍ଷ ଦୀପାବଳୀରେ ରାଉରକେଲାରେ ବାଣ ଫୁଟାଯିବ ନାହିଁ । ସେନେଇ କଟକଣା ଜାରୀ କରିଛି ପ୍ରଶାସନ । ଯଦି କୌଣସି ବ୍ୟକ୍ତି ବିଶେଷ ଏହାକୁ ଅମାନ୍ୟ କରନ୍ତି, ତେବେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି । ଏନେଇ ଅଧିକ ସୂଚନା ଦେଇ ରାଉରକେଲା ଏସପି କେ. ଶିବା ସୁବ୍ରମଣି ଓ ଅତିରିକ୍ତ ଜିଲ୍ଲାପାଳ ଆବୋଲି ସୁନିଲ ନର୍ବାଣେ କହିଛନ୍ତି ଯେ, ସହରରେ କୌଣସି ସ୍ଥାନରେ ବାଣ ବିକ୍ରୀ କରାଯିବ ନାହିଁ । ଚୋରାରେ ଯଦି ବାଣ ବିକ୍ରୀ ହୁଏ, କୌଣସି ବ୍ୟକ୍ତି ବାଣ କିଣି ଫୁଟାନ୍ତି, ତେବେ ପ୍ରଶାସନ ନଜରକୁ ଆସିଲେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଅନ୍ୟପକ୍ଷରେ ପ୍ରଶାସନର ଏଭଳି କଟକଣା ପାଇଁ ସହରର ବିଭିନ୍ନ ସ୍ଥାନରେ କେବଳ ମାଟିଦୀପ, ମହମବତୀ ଓ ତେଲ ବିକ୍ରୀ କରାଯାଉଥିବା ବେଳେ କୌଣସି ସ୍ଥାନରେ ବାଣ ଦୋକାନ ଖୋଲିନଥିବା ଦେଖିବାକୁ ମିଳିଛି । ପ୍ରଶାସନର ଏହି କଟକଣା ବାଣ ବ୍ୟବସାୟୀଙ୍କୁ ନିରାଶ କରିଛି ।

# ତୁରେଇକେଲା-ହରିଶଙ୍କରରୋଡ଼-ଲଖନା ଦୋହରୀକରଣ କାର୍ଯ୍ୟକ୍ଷମ ହୋଇଛି

ଭୁବନେଶ୍ୱର,୧୩।୧୧ (ନି.ପ୍ର): ଟିଟିଲାଗଡ଼-ରାୟପୁର ଦୋହରୀକରଣ ପ୍ରକଳ୍ପର ତୁରେଇକେଲା-ହରିଶଙ୍କର ରୋଡ଼-ଲଖନା ମଧ୍ୟରେ ୨୫ କି.ମି. ଦୈର୍ଘ୍ୟ ଦୋହରୀକରଣ କାର୍ଯ୍ୟ ୯ ନଭେମ୍ବର ୨୦୨୦ରେ ଶେଷ ହୋଇ କାର୍ଯ୍ୟକ୍ଷମ ହୋଇଛି । ସେହିଭଳି ତୁରେଇକେଲା ଏବଂ ହରିଶଙ୍କର ରୋଡ଼ରେ ଦୁଇଟି ନୂତନ ଆଧୁନିକ ଇଲେକ୍ଟ୍ରୋନିକ୍ସ ଇଂଟରଲକିଙ୍ଗ ପ୍ରଣାଳୀ କାର୍ଯ୍ୟକ୍ଷମ ହୋଇଛି । ଏହା ସମ୍ବଲପୁର ରେଳମଣ୍ଡଳ ଅଧିନରେ ଶେଷ ଇଲେକ୍ଟ୍ରୋମେକାନିକାଲ ସାଙ୍କେତିକ ପ୍ରଣାଳୀ ଥିଲା । ଏହି ଆଧୁନିକ ଇଲେକ୍ଟ୍ରୋନିକ୍ ଇଂଟରଲକିଙ୍ଗ ପ୍ରଣାଳୀ ଟ୍ରେନ୍ ଯାତାୟତ କାର୍ଯ୍ୟରେ ସୁରକ୍ଷା ସ୍ତରକୁ ବୃଦ୍ଧି କରିବା ସହିତ ସମୟାନୁବର୍ତୀତାକୁ ଉନ୍ନତ କରିବ । ଷ୍ଟେସନ ଗୁଡ଼ିକ ମଧ୍ୟରେ ଏହି ଦୋହରୀକରଣ କାର୍ଯ୍ୟ ଅଧିକ ସଂଖ୍ୟକ ଟ୍ରେନ୍ ଚଳାଇବାକୁ ଅନୁମତି ଦେବ ଯାହା ପରବର୍ତୀ ସମୟରେ ଭାରତୀୟ ରେଳର ରାଜସ୍ୱ ବୃଦ୍ଧି କରିବ । ବର୍ତ୍ତମାନ ସମ୍ବଲପୁର ରେଳ ମଣ୍ଡଳରେ କୌଣସି ଲିଭର ଫ୍ରେମ୍ ଷ୍ଟେସନ ନାହିଁ । ଭାରତୀୟ ରେଳବାଇ ଏବଂ ରେଳ ବିକାଶ ନିଗମ ଲିମିଟେଡ଼ର ମିଳିତ ପ୍ରୟାସ ଏବଂ ସମସ୍ତଙ୍କ ସହଯୋଗ ହେତୁ ଏହା ଏବେ ସମ୍ଭବ ହୋଇପାରିଛି ।

# ବ୍ରହ୍ମପୁର ପୋଲିସର କାର୍ଯ୍ୟାନୁଷ୍ଠାନ : ୮୯ ହଜାର ୯୦୦ ଟଙ୍କା ଜୋରିମାନା ଆଦାୟ

## ୧୫ ଲିଟର ମଦ ଜବତ : ଜଣେ ଗିରଫ

ଗଞ୍ଜାମ,୧୩।୧୧ (ନି.ପ୍ର): ବ୍ରହ୍ମପୁର ପୋଲିସ ଜିଲ୍ଲା ପକ୍ଷରୁ ୧୧ ତାରିଖ ସକାଳ ୬ଟା ଠାରୁ ୧୨ ତାରିଖ ସକାଳ ୬ ଟା ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ କୋଭିଡ୍ କଟକଣା ଉଲ୍ଲଘଂନକାରୀ, ବେପରୁଆ ଗାଡି ଚାଳକ ଓ ବେଆଇନ ମଦ କାରବାର ଉପରେ ବ୍ୟାପକ ଚଢ଼ଉ କରାଯାଇଛି । ପୋଲିସର ସୂଚନା ଅନୁଯାୟୀ, ଟ୍ରାଫିକ୍ ନିୟମ ଉଲ୍ଲଘଂନ କରିଥିବା ବେପରୁଆ ଗାଡ଼ି ଚାଳକ ୧୪୭ ଜଣଙ୍କ ଚାଲାଣ କଟାଯାଇଛି । ସେମାନଙ୍କ ନିକଟରୁ ଜୋରିମାନା ବାବଦକୁ ୭୩ ହଜାର ୫୦୦ ଟଙ୍କା ଆଦାୟ କରାଯାଇଛି । ମୁହଁରେ ମାସ୍କ ପିନ୍ଧି ନଥିବା ୬୯ ଜଣ ବ୍ୟକ୍ତି ବିଶେଷଙ୍କ ନିକଟରୁ ୧୩ ହଜାର ୯୦୦ ଟଙ୍କା ଏବଂ ସାମାଜିକ ଦୂରତା କଟକଣା ଉଲ୍ଲଘଂନକାରୀଙ୍କ ନିକଟରୁ ୨ ହଜାର ୫୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ଏହିପରି ମୋଟ୍ ୮୯ ହଜାର ୯୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ୧୫ ଲିଟର ମଦ ଜବତ ହୋଇଛି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଜଣଙ୍କୁ ଗିରଫ କରାଯାଇଛି ।

ବୈଚିତ୍ର
ଦେଶ ଦୁନିଆର ନାନାକଥା
୩
ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ଶନିବାର, ନଭେମ୍ବର ୧୪, ୨୦୨୦

# ଅଫିସିଆଲ୍ ୱାର୍କ ପାଇଁ ପ୍ୟାଣ୍ଟସୁଟ୍

ଅଫିସିଆଲ ୱାର୍କ ପାଇଁ ହୋଇଥିବା ପ୍ୟାଣ୍ଟସୁଟ୍ କେବଳ ବୋର୍ଡରୁମ୍ ମଧ୍ୟରେ ସୀମିତ ହୋଇ ରହିନାହିଁ । ଏବେ ଏହାକୁ ଅପ୍‌ଗ୍ରେଡ କରି ଫ୍ୟାସନେବଲ କରିଦିଆଯାଇଛି । ଏହାକୁ ରନ୍‌ୱେ ଠାରୁ ଆରମ୍ଭ କରି ରେଡ କାର୍ପେଟ ପର୍ଯ୍ୟନ୍ତ ପିନ୍ଧାଯାଇ ପାରିବ । ପ୍ୟାଣ୍ଟସୁଟ୍ ଲଗାତାର ବାକ୍ସି ଡିଜାଇନ ଓ ଓଭର ସାଇଜରୁ ଆରମ୍ଭ କରି ବ୍ରାଇଟ୍ କଲର୍ ଓ ଏମ୍ବେଲିଶ୍‌ତ ପାୱାରସୁଟ୍ ପର୍ଯ୍ୟନ୍ତ ଅପଗ୍ରେଡ୍ ହୋଇଛି । ନିକଟ ଅତୀତରେ ଏହାର ନୂଆ ଡିକନ୍‌ଷ୍ଟ୍ରଡ୍ ଷ୍ଟାଇଲ୍ ମଧ୍ୟ ଦେଖିବାକୁ ମିଳିଲା । ଯାହାକୁ ବଲିଉଡ ଅଭିନେତ୍ରୀମାନେ ମଧ୍ୟ ବହୁତ ପସନ୍ଦ କରୁଛନ୍ତି । ଡିକନଷ୍ଟ୍ରେକ୍ଟେଡ ପ୍ୟାଣ୍ଟସୁଟ୍‌ରେ ଏସେମେଟ୍ରିକଲ ଫ୍ରମ ବ୍ୟାକସାଇଡ, କ୍ରାପ୍‌ଡ ଫ୍ରାମ୍ ଫ୍ରଣ୍ଟ, ୱାନ ଅଫ୍ ସୋଲଡର ଓ ମିଡିରିକ କଟଆଉଟ ଭର୍ଜନ ଏବେ ଟ୍ରେଣ୍ଡରେ ଅଛି । ଏହାକୁ ଅଲଗା ଅଲଗା ଡିଜାଇନରମାନେ ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ଡିକନ୍‌ଷ୍ଟ୍ରକ୍ଟେଡ ପ୍ୟାଣ୍ଟ ସୁଟ୍ ରହିଛି ଯାହାକୁ ଆପଣ ନିଜ ଷ୍ଟାଇଲ୍‌ରେ ସାମିଲ କରି ପାରିବେ ।





♦ ପାଉଡର ବ୍ଲୁ ପ୍ୟାଣ୍ଟ ସୁଟ୍‌କୁ ଆପଣ ବହୁତ ଅବାକାରୀ ସହିତ କ୍ୟାରୀ କରିପାରିବେ । ଏପରି ପ୍ୟାଣ୍ଟସୁଟ୍, ପାର୍ଟି ଓ ଆଉଟ୍ରିଙ୍ଗ ପାଇଁ ଟ୍ରାଏ କରି ପାରିବେ ।

♦ ପ୍ୟାଣ୍ଟସୁଟ୍‌କୁ କ୍ୟାରୀ କରି ପାରିବେ । ଏହା ଆପଣଙ୍କୁ ଆକର୍ଷଣୀୟ ଲୁକ୍ ଦେବ ।

♦ ନିଜର ଲୁକ୍‌କୁ ଅଧିକ ଫ୍ରେସ୍ ଓ ଆକର୍ଷଣୀୟ କରିବା ପିଇଁ ଆପଣ ନିୟନ କ୍ରାଫ୍‌ଡ ପ୍ୟାଣ୍ଟସୁଟ୍ ସହିତ ଟାଇଅପ୍ କରି ପିଙ୍କ୍ ହିଲ୍‌ସ ପିନ୍ଧିପାରିବେ ।

♦ ଅନ୍‌କଣ୍ଡିସନାଲ ଜମ୍ପସୁଟ୍ ବା ପ୍ୟାଣ୍ଟସୁଟ୍ ହାଇବ୍ରିଡ ଆଉଟ୍‌ଫିଟ୍‌ରେ ଆପଣ ଭିଡ ଭିତରେ ଅଲଗା ଦେଖାଯିବେ ।

♦ କ୍ରାଫ୍‌ଡ ପ୍ୟାଣ୍ଟ ଓ ପବନରେ ଉଡୁଥିବା କେପକୁ ଦେଖି ଏହାକୁ କେହି ବି ପ୍ୟାଣ୍ଟସୁଟ୍ କହିବେ । କିନ୍ତୁ ଏହି ପ୍ୟାଣ୍ଟସୁଟ୍‌କୁ ନିକଟରେ ଷ୍ଟାଇଲ୍ କରାଯାଇଛି ।

♦ ପ୍ରିଣ୍ଟେଡ ଏସେମେଟ୍ରିକଲ ପ୍ୟାଣ୍ଟ ସୁଟ୍ ଓ ପଫ୍ ସ୍ଲିଭ୍‌ସ ବାଲା ମୋନୋଟୋନ ପ୍ୟାଣ୍ଟସୁଟ୍ ଆପଣଙ୍କୁ ସକରାତ୍ମକ ଅନୁଭବ କରାଇବ । ଏହି ଲୁକ୍ ଅଫିସ୍ ଲୁକ୍ ସହିତ ସାଙ୍ଗମାନଙ୍କ ସହିତ ପାର୍ଟିରେ ମଧ୍ୟ ଫରଫେକ୍ଟ ରହିବ ।

# ମହିଳାମାନଙ୍କର ଥାଇରଏଡ୍ ସମସ୍ୟା

ଆଜିର ବ୍ୟସ୍ତ ଜୀବନଶୈଳୀ ମଧ୍ୟରେ ଥାୟରଏଡ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ଭାବରେ ଦେଖାଦେଉଛି । ଏହାଦ୍ୱାରା ଓଜନ ବୃଦ୍ଧି ହେବା ସହିତ ହର୍ମୋନ୍ ଅସନ୍ତୁଳନ ମଧ୍ୟ ହୋଇଯାଏ । ଏକ ଅଧ୍ୟୟନ ଅନୁସାରେ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କ ମଧ୍ୟରେ ଦଶଗୁଣ ଅଧିକ ଏହି ରୋଗ ଦେଖାଯାଇଥାଏ । ଏହାର ମୁଖ୍ୟ କାରଣ ମହିଳାମାନଙ୍କର ଅଟୋମ୍ୟୁନ୍ୟୁନ ସମସ୍ୟା ଅଧିକ ହେବା । ୨୦ ପ୍ରତିଶତ ମହିଳାଙ୍କୁ ଥାଏରୋଡ୍ ଆଣ୍ଟିବଡିଜ୍ ପାଇଁ ପଜିଟିଭ ଦେଖିବାକୁ ମିଳୁଛି । ଉତ୍ତର ଭାରତରେ ସବୁଠାରୁ ବଡ ସଂଖ୍ୟାରେ ଥାୟରଏଡ୍ ଆଣ୍ଟିବଡିଜ୍‌ର ପଜିଟିଭ୍ ରିପୋର୍ଟ ଦେଖିବାକୁ ମିଳିଛି । ଉତ୍ତର ଭାରତରେ ସବୁଠାରୁ ବଡ ସଂଖ୍ୟାରେ ଥାୟରଏଡ୍ ଡିଜଅଡ୍‌ରର ପ୍ରଭାବ ଥାୟରଏଡ୍ ଗ୍ରନ୍ଥି ଉପରେ ପଡିଥାଏ । ଯାହା ଆଡମ୍ସ ଆପଲ ତଳେ ବେକର ସାମ୍ନାରେ ଥିବା ଅଂଶରେ ସ୍ଥିତ ପ୍ରଜାପତି ଆକାରର ଏକ ଅଂଶ ଅଟେ । ଥାଇରଏଡ୍ ଗ୍ରନ୍ଥି ଦ୍ୱାରା ତିଆରି ହୋଇଥିବା ଏବଂ ସଂଗୃହୀତ ହେଉଥିବା ହର୍ମୋନ୍ ଶରୀରର ମେଟାବୋଲିକ ରେଟ୍, ହୃଦୟ ଏବଂ ପାଚନ ତନ୍ତ୍ରର କାର୍ଯ୍ୟ ପ୍ରଣାଳୀ, ମସ୍ତିଷ୍କର ବିକାଶ, ମାସଂପେଶୀର ନିୟନ୍ତ୍ରଣ, ହାଡର ଯତ୍ନ ଏବଂ ବ୍ୟକ୍ତିର ମୁଡ୍‌କୁ ନିୟନ୍ତ୍ରଣ କରିଥାଏ ।







♦ ସାଧାରଣତଃ ଆୟୋଡିନ୍ ସ୍ତରର ହ୍ରାସ ଯୋଗୁଁ ଥାୟରଏଡ୍‌ର ସମସ୍ୟା ଉତ୍ପନ୍ନ ହୋଇଥାଏ । ବୟସ ବଢିବା ସହିତ ମହିଳାମାନଙ୍କ ମଧ୍ୟରେ ଏହି ସମସ୍ୟା ଦେଖାଦେଇଥାଏ । ସି ଫୁଡ୍, କ୍ରୁସିଫେରସ ପରିବା ପରି ଆୟୋଡିନ ଯୁକ୍ତ ଖାଦ୍ୟ ପଦାର୍ଥ ଖାଇବା ଉଚିତ ।

♦ ପ୍ରୋସେସ୍‌ଡ ଫୁଡ୍‌କୁ ସନ୍ତୁଳିତ ଆହାର ମଧ୍ୟରେ ସାମିଲ କରାଯାଇପାରିବ ନାହିଁ । ଯେଉଁ ଖାଦ୍ୟ ପଦାର୍ଥରେ ଚିନି, ରଙ୍ଗ, କୃତ୍ରିମ ସ୍ୱାଦ ଓ ସ୍ୱିଟର୍ସ ସାମିଲ ଥାଏ, ସେସବୁକୁ ଖାଦ୍ୟରେ ସାମିଲ କରିବା ଉଚିତ ନୁହେଁ ।

♦ ଥାୟରଏଡକୁ ସୁସ୍ଥ ରଖିବା ପାଇଁ ହେଲେ ସନ୍ତୁଳିତ ଆହାର ସବୁଠାରୁ ଜରୁରୀ । ଆନ୍ତ ଫୁଲିଯିବା ମଧ୍ୟ ଥାୟରଏଡ୍‌ର ସମସ୍ୟାର କାରଣ ହୋଇଥାଇପାରେ । ପ୍ରତ୍ୟେକ ଦିନ ଦୁଇ, ତିନି ପ୍ରକାର ତରକାରୀ ଓ ଫଳର ସେବନ କରିବା ଜରୁରୀ ।

♦ ଥାୟରଏଡ୍ ଦୁଇ ପ୍ରକାରର ଥାଏ । ଯଥା- ହାଇପର ଥାୟରାଏଡିଜମ୍ ଦ୍ୱାରା ଏଟ୍ରିୟଲ ଫିବ୍ରିଲେଶନ, ଅଷ୍ଟିୟୋରୋସିସ୍ ଓ ଫ୍ରାକ୍‌ଚର ହେବାର ସମ୍ଭାବନା ଥାଏ ।

## ସୁସ୍ଥତାର ସରଳ ଉପାୟ

ଆମ ଦୈନନ୍ଦିନ ଜୀବନରେ କେତୋଟି ଶାରୀରିକ ସମସ୍ୟା ନିୟମିତ ଉପୁଜିଥାଏ । ଏଥିରୁ ବର୍ତ୍ତିବାକୁ ଚାହୁଁଥିଲେ ଘରୋଇ ଉପଚାର କରନ୍ତୁ । ଶୀଘ୍ର ଉପଶମ ମିଳିବ ବୋଲି ବିଶଷଜ୍ଞଙ୍କ ମତ ।

♦ ଶୁଦ୍ଧ ହଳଦୀ ନିୟମିତ ରୋଷେଇରେ ଉପଯୋଗ କରନ୍ତୁ । ହଳଦୀ ଉପଯୋଗରେ ପେଟ ସମସ୍ୟା ଦୂର ହେବା ସହ ପାଚନ ଶକ୍ତି ମଧ୍ୟ ଭଲ ହୋଇଥାଏ ।

♦ ତ୍ୱଚା କୁଣ୍ଡାଇ ହେଉଥିଲେ, ନିଜ ଭୋଜନରେ ଶୁଦ୍ଧ ଘିଅର ବ୍ୟବହାର କରିବା ଉଚିତ । ୧ମାସ ଉପଯୋଗ କଲେ ସେସବୁ ସମସ୍ୟାରୁ ମୁକ୍ତ ମିଳିଥାଏ ।

♦ ହୃଦ୍‌ରୋଗରୁ ରକ୍ଷା ପାଇବାକୁ ଚାହୁଁଥିଲେ, ପ୍ରତ୍ୟେହ ହଳଦୀ ପାଣି ପିଇବା ହିତକାରୀ ।



## ଘରସଜ୍ଜା ପାଇଁ ନୂତନ ରଙ୍ଗ : 'ନିଅନ୍'




୨୦୨୦ ଆରମ୍ଭରୁ ଟ୍ରେଣ୍ଡରେ 'ନିଅନ୍' ରଙ୍ଗର ଲୋକପ୍ରିୟତା ବଢିବାରେ ଲାଗିଛି । ପ୍ରଥମେ ଫେସନ୍‌ରେ ପୋଷାକ, ଇୟରରିଙ୍ଗ ଏବେ ଲୋକେ ଘର ସାଜସଜ୍ଜା ନିମନ୍ତେ ଏଇ ରଙ୍ଗକୁ ଖୁବ୍ ପ୍ରାଧାନ୍ୟ ଦେଉଥିବାର ଦେଖାଯାଉଛି । ଇଣ୍ଟେରିୟର୍ ଏକ୍ସପର୍ଟ ମେଘା ସୋନିଙ୍କ ମତରେ ୮୦ ଦଶକ ପରଠାରୁ ନିଅନ୍ ରଙ୍ଗ ନିଶ୍ଚିହ୍ନ ହୋଇଯାଇଥିଲା କହିଲେ ଚଳେ । ମଝିରେ ମଝିରେ ଏଇ ରଙ୍ଗର ଝଲକ ଦେଖିବାକୁ ମିଳୁଥିଲାବେଳେ ଲୋକଙ୍କର ଆଗ୍ରହ କିନ୍ତୁ ସେଭଳି ନଥିଲା । ଏବେ କିନ୍ତୁ ଫେସନ୍ ଶୋ'ରେ ବଲିଉଡ କଳାକାରଙ୍କ ଗହରରେ ନିଅନ୍ ରଙ୍ଗର ଲୋକପ୍ରିୟତା ଦେଖିବାକୁ ମିଳୁଛି । ଲୋକେ ଘରର ବିଭିନ୍ନ ଆସବାବପତ୍ର, କାନ୍ଥର ରଙ୍ଗକୁ ନିଅନ୍ କରୁଥିବାରୁ ଦେଖାଯାଉଛି ।

■ ଏକ୍ସପର୍ଟଙ୍କ ମତରେ ମହିଳାମାନେ ଘର ସାଜସଜ୍ଜାରେ ବେଶ୍ ଧୂରନ୍ଧର । ସେମାନେ ଘରର ଗାଲିଚା ଠାରୁ ଆରମ୍ଭ କରି ବେଡ୍ ଲ୍ୟାମ୍ପ ମଧ୍ୟ ନିଅନ୍ ରଙ୍ଗର କିଣିବାକୁ ପସନ୍ଦ କରୁଛନ୍ତି । ଏ ବାବଦରେ ଅଧିକାଂଶଙ୍କ ମତ ହେଉଛି ଆଖିକୁ ଏକ ପ୍ରକାର ଶାନ୍ତି ଦେଉଥିବା ଏଇ ରଙ୍ଗ ଘରେ ସକାରାତ୍ମକ ଶକ୍ତି ବିଚ୍ଛୁରିତ କରେ ।

■ ଘରର ବୈଠକଖାନାର ଆସବାବପତ୍ର ନିଅନ୍ ରଙ୍ଗର ହେଲେ ତାହା ମଧ୍ୟ ଖୁବ୍ ସୁନ୍ଦର ଲାଗିଥାଏ । ବିନ୍ ବ୍ୟାଗ୍ ହେଉ କିମ୍ବା ଡାଜାଇନର୍ ସୋଫା ନିଅନ୍ ରଙ୍ଗର କିଣି ଘର ସଜାଇପାରନ୍ତି ।

■ ୧୯୯୦ ପରେ ଏବେ ପୁଣି ନିଅନ୍ ଲାଇଟ୍‌ର ଲୋକପ୍ରିୟତା ବଢିବାରେ ଲାଗିଛି । ଶୟନ କକ୍ଷରେ ନିଅନ୍ ରଙ୍ଗର ବତୀ ଲଗାଇ ଶୋଇଲେ ଭଲ ନିଦ ହେଉଥିବାର ଏକ୍ସପର୍ଟଙ୍କ ମତ ।

## କ୍ରୀଡାବିତ୍‌ଙ୍କ ଉପରେ କଫିର ପ୍ରଭାବ

ଗତ କିଛି ବର୍ଷ ମଧ୍ୟରେ କଫିଙ୍କୁ ନେଇ ସଂଖ୍ୟାଧିକ ଗବେଷଣା କରାଯାଇ ଥିବାବେଳେ ଏହା ଏକ ଉତ୍ତମ ପାନୀୟ ଭାବେ ବର୍ତ୍ତମାନ ପର୍ଯ୍ୟନ୍ତ ଲୋକପ୍ରିୟତାର ଶୀର୍ଷରେ ଅଛି । ନିକଟରେ ବ୍ରିଟେନ୍ର କୋଭେଣ୍ଟି ବିଶ୍ୱବିଦ୍ୟାଳୟର ଗବେଷକସମୂହ ପ୍ରମାଣ କରିଛନ୍ତି ଯେ ଏଇ ପାନୀୟ କ୍ରୀଡାବିତ୍‌ଙ୍କ ଉପରେ ଉତ୍ତମ ପ୍ରଭାବ ପକାଇଥାଏ । ମୋଟ୍ ୩୮ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରେ ୧୯ଜଣ ମହିଳା ଓ ୧୯ ଜଣ ପୁରୁଷ ଥିଲେ ।ସାଇକେଲିଂ ରେସ୍ ଆରମ୍ଭ ପୂର୍ବରୁ ସମସ୍ତଙ୍କୁ ଯଥା ସମୟରେ କଫି ପାନୀୟ ପିଇବାକୁ ଦିଆଗଲା । ଏହାର କିଛିଦିନ ପୂର୍ବରୁ ସେମାନଙ୍କ ସାଧାରଣ ଗତିବିଧିକୁ ମଧ୍ୟ ଅନୁଧ୍ୟାନ କରାଯାଇଥିଲା । ସେସମୟରେ କଫି ପାନୀୟ ସେମାନଙ୍କୁ ଦିଆଯାଉନଥିଲା । ଯଥାଦିନ ସେମାନଙ୍କୁ କଫି ପାନୀୟ ଦିଆଯିବା ପରେ ସାଇକଲିଂ ଆରମ୍ଭ ହୋଇଥିଲା । ପ୍ରତିଯୋଗୀମାନେ ଉନ୍ନତ ପ୍ରଦର୍ଶନ କରିବା ସହ ସେମାନେ ଶୀଘ୍ର ଥକିନଥିଲେ । ବିଶେଷଜ୍ଞ ଦଳ ଏହା ମଧ୍ୟ କହିଛନ୍ତି ଯେ ଅଧିକ ଥର କଫି ପିଇବା ସ୍ୱାସ୍ଥ୍ୟ ପାଇଁ ହାନିକାରକ, କିନ୍ତୁ ପୂରା ଦିନରେ ସକାଳବେଳା ଥରୁଟିଏ କଡା କଫି ପିଇଲେ ଆମ ଶରୀର ଫୁର୍ତ୍ତି ରହିଥାଏ ।

## ପାରିବାରିକ ଶାନ୍ତି ଓ ସୌହାର୍ଦ୍ଦ୍ୟ

ଘରେ କିଛି ଅଭାବ ନାହିଁ । ରୋଜଗାର ଭଲ । ନିଜ ନିଜ କ୍ଷେତ୍ରରେ ସମସ୍ତେ ପ୍ରତିଷ୍ଠିତ । ହେଲେ ପରିବାର ସଦଶ୍ୟଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ନାହିଁ । ପ୍ରତିଦିନ ଝଗଡା ଲାଗି ରହୁଛି । ଫଳରେ ଘରର ଶାନ୍ତି ଭଙ୍ଗ ହେଉଛି । ଏହାର ଅନେକ କାରଣ ଥାଇପାରେ । ତେବେ ଅନେକ କ୍ଷେତ୍ରରେ ଘରର ବାସ୍ତୁଦୋଷ ଏପ୍ରକାର ପରିସ୍ଥିତି ସୃଷ୍ଟି କରେ ବୋଲି ବାସ୍ତୁବିତ୍ ମାନେ ମତ ଦିଅନ୍ତି ।



୧. ଘରର ଇଶାଣ କୋଣର ଉଚ୍ଚତା ଅନ୍ୟ କୋଣଗୁଡିକ ଅପେକ୍ଷା ଅଧିକ ଥିବା ଘରେ ଏହି ସମସ୍ୟା ଉପୁଜିବାର ଆଶଙ୍କା ଅଧିକ ଥାଏ । ଏ କ୍ଷେତ୍ରରେ ଅଭିଜ୍ଞ ବାସ୍ତୁବିତ୍‌ଙ୍କ ପରାମର୍ଶ ନେବା ଉଚିତ ।

୨. ଘରର ଉତ୍ତର-ପଶ୍ଚିମ ଦିଗରେ କୂଅ, ପାଣିଟାଙ୍କି ବା ଭୂତଳ କୋଠରି ସେହି ଘରେ ରହୁଥିବା ପରିବାର ପାଇଁ ଆଦୌ ଅନୁକୂଳ ନୁହେଁ । ଏହି ବାସ୍ତୁଦୋଷ ପରିବାର ସଦସ୍ୟଙ୍କ ମଧ୍ୟରେ ଥିବା ସମ୍ପର୍କକୁ ପ୍ରଭାବିତ କରେ ଏବଂ ପରସ୍ପର ମଧ୍ୟରେ ମନାନ୍ତର ସୃଷ୍ଟି କରେ ।

୩. ଘରର ଉତ୍ତର ଦିଗ ତୁଳନାରେ ଦକ୍ଷିଣ ଦିଗରେ ଅଧିକ ଖାଲିସ୍ଥାନ ପାରିବାରିକ ଶାନ୍ତି ଓ ସମ୍ପର୍କକୁ କ୍ଷୁଣ୍ଣ କରେ । ଏହାର ନିଦାନ ପାଇଁ ବାସ୍ତୁବିତ୍‌ଙ୍କୁ ଯୋଗାଯୋଗ କରିବା ଉଚିତ ।

୪. ହସ ଖୁସି ଅବସରରେ ଉଠାଯାଇଥିବା ପରିବାରର ଏକ ଗ୍ରୁପ ଫଟୋ ଘରର ଉତ୍ତର- ପୂର୍ବ କାନ୍ଥରେ ଲଗାନ୍ତୁ ।

୫. ଚନ୍ଦନ କାଠରେ ନିର୍ମିତ ଏକ ମୂର୍ତ୍ତି ଘରର ଲିଭିଂ ରୁମ/ଡାଇନିଂ ସ୍ପେସ ବା ଏମିତି ଏକ ସ୍ଥାନରେ ରଖନ୍ତୁ ଯାହା ଉପରେ ପରିବାର ସଦସ୍ୟଙ୍କ ଦୃଷ୍ଟି ପ୍ରତିଦିନ ବାରମ୍ବାର ପଡୁଥିବ । ୬. ପୁରୁଷ ସଦସ୍ୟଙ୍କ ମଧ୍ୟରେ ବିବାଦ ଥିଲେ କଦମ୍ବ ଗଛର ଗୋଟିଏ ଡାଳ ଘରେ ରଖନ୍ତୁ । ମହିଳା ସଦସ୍ୟଙ୍କ ମଧ୍ୟରେ କଳହ ହେଉଥିଲେ ସେମାନେ ଗୋଟିଏ ସମୟରେ ବା ଗୋଟିଏ ଅବସରରେ ସମସ୍ତେ ଲାଲ ରଙ୍ଗର ବସ୍ତ୍ର ପରିଧାନ କରନ୍ତୁ ନାହିଁ ।

## ଚେଞ୍ଚାଉଥିବା ଚଢ଼େଇ



ପକ୍ଷୀଟିଏ ଯେତେ ଉଚ୍ଚସ୍ୱରରେ ରାବିଲେ ମଧ୍ୟ କେହି ବିଶେଷ ପ୍ରଭାବିତ ହୋଇନଥାନ୍ତ । ତେବେ ଏପରି ଏକ ପକ୍ଷୀ ଠାବ କରାଯାଇଛି ଯାହାର ରାବ ବିଶ୍ୱର ସବୁଠାରୁ ଅଧିକ ଡେସିବଲ୍‌ର ଶବ୍ଦ ସୃଷ୍ଟି କରେ । ଏହାର ଓଜନ ମାତ୍ରା ଅଧା ପାଉଣ୍ଡ, ହେଲେ ପଞ୍ଜରା ଏବଂ ଛାତିର ମାଂସପେଶୀ ଖୁବ୍ ଶକ୍ତ । ତେଣୁ ଏତେ ଜୋର୍‌ରେ ରାବ କରିପାରେ । ଆମାଜିନ୍ ବର୍ଷାରଣ୍ୟର ଉତ୍ତର ଭାଗରେ ବୈଜ୍ଞାନିକମାନେ ଏହାକୁ ଠାବ କରିଛନ୍ତି । ଏହାର ରାବ ଏତେ ତୀବ୍ର ଯେ ଏହା ମଣିଷର କାନ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ । ଏହି ପକ୍ଷୀ ହେଉଛି ଧଳା ବେଲ୍‌ବାର୍ଡ । ଧୋବା ଫରଫର ଶରୀରରେ କଳା ଥଣ୍ଟ ଏହାକୁ ଖୁବ୍ ସୁନ୍ଦର ରୂପେ ଦେଇଛି । ଏକ ରକ୍ ସଙ୍ଗୀତ କାର୍ଯ୍ୟକ୍ରମ, କାର୍‌ର ହର୍ନଠାରୁ ମଧ୍ୟ ଏହାର ରାବ ବେଶୀ ଶବ୍ଦ ସୃଷ୍ଟି କରିଥାଏ । ଏହା ୧୨୫ ଡେସିବେଲ୍‌ରୁ ଅଧିକ ହୋଇଥାଏ ବୋଲି ବୈଜ୍ଞାନିକମାନେ ଜଣାଇଛନ୍ତି । ବିଶେଷକରି ସାଥୀ ଅନ୍ୱେଷଣରେ ଥିବା ବେଳେ ଅଣ୍ଡିରା ବେଲ୍‌ବାର୍ଡ ଏପରି ଶବ୍ଦ କରିଥାଏ । ଅଣ୍ଡିରା ପକ୍ଷୀଟି ମାଈ ପକ୍ଷୀ ଏତେ ଜୋର୍ ଶବ୍ଦ କିପରି ସହ୍ୟ କରିପାରେ, ତାହା ଜାଣିବା ଖୁବ୍ ଉତ୍ସାହପ୍ରଦ ବୋଲି ମାସାଚୁସେଟ୍‌ସ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନୀ ପ୍ରଫେସର ଜେଫ୍ ପୋଡୋସ୍ କହିଛନ୍ତି ।୮୫ ଡେସିବେଲ୍‌ରୁ ଅଧିକ ତୀବ୍ରତାର ଶବ୍ଦ ମଣିଷ କାନ ପାଇଁ କ୍ଷତିକାରକ । ବିଶ୍ୱରେ କେବଳ ୮୨ ଫୁଟ୍‌ରୁ ଜେଟ୍‌ର ଉଡାନ (୧୫୦ ଡେସିବେଲ୍), ଏୟାରକ୍ରାଫ୍ଟ କ୍ୟାରିୟର ଡେକରୁ ବିମାନର ଉଡାଣ (୧୪୦ ଡେସିବେଲ) ର ଶବ୍ଦ ତୀବ୍ରତା ଧଳା ବେଲବାର୍ଡର ଶବ୍ଦଠାରୁ ଅଧିକ ଜଣାଯାଇଛି । ଗଛର ପୂରା ଉପରେ ବସି ବେଲବାର୍ଡର ଏପରି ଶବ୍ଦ କରେ । ଏହା ଗବେଷଣା ରିପୋର୍ଟ କରେଣ୍ଟ ବାୟୋଲୋଜି ପତ୍ରିକାରେ ପ୍ରକାଶିତ ହୋଇଛି ।

## ଦର୍ପଣର ସ୍ଥାନ

ଘରର ସବୁ ସ୍ଥାନରେ କିମ୍ବା ଦିଗରେ ଦର୍ପଣ ଲଗାଇବା ପୂର୍ବରୁ ଜାଣିରଖନ୍ତୁ କେତୋଟି ନିୟମ । ବାସ୍ତୁବିତ୍‌ଙ୍କ ମତରେ ଦର୍ପଣ ଠିକ୍ ସ୍ଥାନରେ ନ ଥିଲେ ଘରେ ଅଶାନ୍ତି, କଳହ ଉପୁଜିଥାଏ ।

➤ ସ୍ନାନାଗାରରେ କବାଟ ସମ୍ମୁଖରେ ଦର୍ପଣ ଲଗାହୋଇଥିଲେ ଏହାର ସ୍ଥାନକୁ ତୁରନ୍ତ ପରିବର୍ତ୍ତନ କରନ୍ତୁ । ଏହା କାରଣରୁ ଘରେ କଳି, ଝଗଡା ହୋଇଥାଏ । ବିଶେଷ କରି ଦମ୍ପତିଙ୍କ ମଧ୍ୟରେ ଆଦୌ ଉତ୍ତମ ବୁଝାମଣା ରହୁନଥିବାର ବାସ୍ତୁବିତ୍‌ଙ୍କ ମତ ।

➤ ଗୃହର ଐଶାନ୍ୟ କୋଣ ବା ଉତ୍ତର-ପୂର୍ବ ଦିଗରେ ଦର୍ପଣ ଲଗାଇବା ଶୁଭ ଫଳ ପ୍ରଦାନ କରେ ।

➤ ଶୟନ କକ୍ଷରେ ଦର୍ପଣ ଲଗାହୋଇଥିଲେ, ତାହାକୁ ଅନ୍ୟତ୍ର ରଖନ୍ତୁ । ନଚେତ୍ ଶୋଇବା ପୂର୍ବରୁ ଦର୍ପଣ ଉପରେ ଗୋଟିଏ କପଡାକୁ ଭଲଭାବେ ଢାଙ୍କିଦେବା ମୁଖ୍ୟ ନିୟମ ଅଟେ ।

➤ ଦର୍ପଣକୁ ଏଭଳି ସ୍ଥାନରେ ଲଗାନ୍ତୁ. ଯେଉଁଥିରେ ଶୁଭ ଚିହ୍ନ ହେଉ ଅବା ଜିନିଷମାନ ପ୍ରତିବିମ୍ବିତ ହେବା ଦରକାର । ଏହା ଘରେ ସୁଖସମୃଦ୍ଧି ବଢାଉଥିବାର ବାସ୍ତୁବିତ୍‌ଙ୍କ ମତ ।

➤ ନିଜ ମନ ଇଚ୍ଛା ଦର୍ପଣର ଡିଜାଇନ୍ କରିବା ମଧ୍ୟ କୁପ୍ରଭାବର ମୁଖ୍ୟ କାରଣ ଅଟେ । ଏସବୁ କରିବା ପୂର୍ବରୁ ଭଲଭାବେ ପରାମର୍ଶ ନେବା ଉଚିତ ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୪ ନଭେମ୍ବର ୨୦୨୦, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ୱେବ୍ ମିଡିଆ ଓ ଅନ୍‌ଲାଇନ୍...

ଦୁଇଦିନ ତଳେ କେନ୍ଦ୍ର ସରକାର ୱେବ୍ ମିଡିଆ ପ୍ଲାଟଫର୍ମ ଓ ଅନ୍‌ଲାଇନରେ ପ୍ରଦର୍ଶିତ ଚଳଚ୍ଚିତ୍ର ତଥା ଅନ୍ୟାନ୍ୟ ଭିଡିଓ କାର୍ଯ୍ୟକ୍ରମଗୁଡ଼ିକୁ ନିଜ ଅଧୀନରେ ପରିଚାଳିତ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ନଭେମ୍ବର ୧୦ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଦ୍ୱାରା ଜାରି ହୋଇଥିବା ଏକ ଗେଜେଟ୍ ନୋଟିଫିକେସନରେ କୁହାଯାଇଛି ଯେ ଅନ୍‌ଲାଇନ୍ ମଞ୍ଚଗୁଡ଼ିକରେ ଉପଲବ୍ଧ ଚଳଚ୍ଚିତ୍ର, ଦୃଶ୍ୟଶ୍ରାବ୍ୟ ଏବଂ ଖବର ଓ ଅନ୍ୟାନ୍ୟ ସମସାମୟିକ ବିଷୟ ସହ ସମ୍ବନ୍ଧିତ ସାମଗ୍ରୀକୁ କାର୍ଯ୍ୟ ଆବଣ୍ଟନ ନିୟମ, ୧୯୬୧ ଅଧୀନକୁ ଅଣାଯିବା ସହ ସେଥିରେ ସଂଶୋଧନ କରାଯାଇଛି । ଅତଏବ ବର୍ତ୍ତମାନ ଏଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ସରକାରୀ ନିୟନ୍ତ୍ରଣ ରହିବ । ତେବେ ଏ ସମ୍ପର୍କରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ଆସିନାହିଁ । ଡିଜିଟାଲ୍ ମିଡିଆର ନିର୍ଦ୍ଦିଷ୍ଟ ସଂଜ୍ଞା ନଥିବାରୁ ଏ ନେଇ ଦ୍ୱନ୍ଦ୍ୱ ପ୍ରକାଶ ପାଇବା ସ୍ୱାଭାବିକ । ଡିଜିଟାଲ୍ ମିଡିଆ ଓ ଡିଜିଟାଲ୍ ଏଗ୍ରିଗେଟର୍ ପ୍ଲାଟ୍‌ଫର୍ମ ସମାନ ନୁହେଁ; ତେଣୁ ଏଗୁଡ଼ିକୁ ସଂଜ୍ଞାୟିତ କରାଯିବା ଦରକାର । ଆଉ ମଧ ଅନ୍‌ଲାଇନ୍ ମଞ୍ଚରେ ଉପଲବ୍ଧ ସମାଚାର ଓ ସମସାମୟିକ ବିଷୟ ସହ ସମ୍ବନ୍ଧିତ ସାମଗ୍ରୀକୁ 'ପ୍ରେସ୍' ଉପରିଭାଗରେ ରଖିବା କଥା; କିନ୍ତୁ ଏଥିରେ 'ଫିଲ୍ମ' ଉପରିଭାଗରେ ରଖାଯାଇଛି । ଏହା ସତ୍ୟ ଯେ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକରେ ଯେଉଁଭଳି ବହୁ ଆପତ୍ତିଜନକ ସାମଗ୍ରୀ ପ୍ରଚାରିତ ଓ ପ୍ରସାରିତ ହେଉଛି, ସେଥିରେ କୌଣସି ବାହାର ନିୟନ୍ତ୍ରଣ ବା ଆତ୍ମନିୟନ୍ତ୍ରଣ ଥିବା ପରି ମନେ ହେଉନାହିଁ । ନେଟ୍‌ଫ୍ଲିକ୍ସ, ଆମାଜନ ପ୍ରାଇମ୍ ଭଳି ଓଟିଟି (ଓଭର୍ ଦି ଟପ୍) ପ୍ଲାଟଫର୍ମଗୁଡ଼ିକରେ ପ୍ରଚାରିତ ଅନେକ ଚଳଚ୍ଚିତ୍ର ଓ ୱେବ୍‌ସିରିଜ୍ ଅଶ୍ଳୀଳତାର ସୀମା ଟପିଯାଉଥିବା ଅଭିଯୋଗ ହୋଇଆସୁଛି । ସରକାର ଗତବର୍ଷ ଅକ୍ଟୋବର ମାସରେ ଓଟିଟି ପ୍ଲଟଫର୍ମଗୁଡ଼ିକ 'କ'ଣ କରିପାରିବେ ନାହିଁ' ସେ ନେଇ ଏକ ନିର୍ଦ୍ଦେଶାବଳୀ ଜାରି କରିବା ପାଇଁ ସୂଚନା ଦେଇଥିଲେ । 'ନିଉଜ୍ ବ୍ରଡକାଷ୍ଟିଂ ଷ୍ଟାଣ୍ଡାର୍ଡସ ଅଥରିଟି' ପରି ଏକ ଆତ୍ମନିୟନ୍ତ୍ରଣକାରୀ ସଂସ୍ଥା ରହିବା ଉଚିତ ବୋଲି ମଧ ସରକାର ଚାହୁଁଥିଲେ । ସେହି ଅନୁରୂପ ଚଳିତବର୍ଷ ଫେବୃଆରୀ ମାସରେ ଆଠଟି ଭିଡିଓ ପ୍ରସାରଣକାରୀ ସଂସ୍ଥା ମିଶି ଏକ ଆତ୍ମନିୟମନ୍ତ୍ରଣକାରୀ ନିୟମାବଳୀ ପ୍ରଣୟନ କରିଥିଲେ । ଅବଶ୍ୟ ସରକାର ପରେ ଏହି ନିୟମାବଳୀକୁ ଅଗ୍ରାହ୍ୟ କରିଦେଇଥିଲେ । ଅନ୍ୟପକ୍ଷରେ କିଛି ଅଣପେସାଦାର ଲୋକ ମନଇଚ୍ଛା ୱେବ୍‌ସାଇଟ୍ ଖୋଲି ମିଥ୍ୟା ଖବର ଓ ସାମାଜିକ ବିଭେଦ ସୃଷ୍ଟିକାରୀ ସାମଗ୍ରୀମାନେ ପ୍ରଚାରପ୍ରସାର କରିଚାଲିଛନ୍ତି । ଏସବୁ ସାଇଟ୍‌ରେ ପ୍ରଦତ୍ତ ଭ୍ରମାତ୍ମକ ସୂଚନାକୁ ଅନେକ ଲୋକ ସତ୍ୟ ଭାବୁଛନ୍ତି । ଏପରି ନକଲି ୱେବ୍‌ସାଇଟ୍‌ଗୁଡ଼ିକ ଅଶ୍ଳୀଳ ସାମଗ୍ରୀମାନ ପ୍ରସାର କରିବାକୁ ମଧ ପଛଘୁଞ୍ଚା ଦେଉନାହାନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସେମାନେ ତାକୁ ଫେସ୍‌ବୁକ୍, ଟ୍ୱିଟର୍ ଭଳି ସାମାଜିକ ଗଣମାଧ୍ୟମରେ ମଧ ପ୍ରଚାର କରୁଛନ୍ତି । ଫଳରେ ଏହା ଏକାବେଳକେ ଲକ୍ଷଲକ୍ଷ ଲୋକଙ୍କ ପାଖରେ ପହଞ୍ଚିଯାଉଛି ଏବଂ ସମାଜ ଉପରେ ଏହାର ଗଭୀର କୁପ୍ରଭାବ ପଡୁଛି । ତେଣୁ ଏହା ବନ୍ଦ ହେବା ଆବଶ୍ୟକ । ମାତ୍ର ସରକାର ସମ୍ପୂର୍ଣ୍ଣ ଭାବେ ଏହାକୁ ନିଜ ଅନୁସାରେ ଯଦି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିବେ, ତେବେ ଜନସାଧାରଣଙ୍କୁ ପ୍ରକୃତ ଖବର ଦେଉଥିବା ଗଣମାଧ୍ୟମ ଉପରେ ମଧ ଏହାର ପ୍ରଭାବ ପଡ଼ିପାରେ । ସୂଚନାଯୋଗ୍ୟ, ୨୦୧୮ ମାର୍ଚ୍ଚରେ ତତ୍କାଳୀନ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ସ୍ମୃତି ଇରାନୀ ଅନ୍‌ଲାଇନ୍ ମିଡିଆକୁ ନିୟନ୍ତ୍ରଣ କରିବା କଥା ଉଠାଇଥିଲେ । ଏହାର ମାସେ ପରେ ତାଙ୍କ ମନ୍ତ୍ରଣାଳୟ ଏକ ସର୍କୁଲାର୍ ଜାରିକରିଥିଲେ । ସେଥିରେ କୁହାଯାଇଥିଲା, ପ୍ରିଣ୍ଟ୍ ଓ ଇଲେକ୍‌ଟ୍ରୋନିକ୍ ମିଡିଆରେ ବଢ଼ିଚାଲିଥିବା ମିଥ୍ୟା ଖବରକୁ ରୋକିବାପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ଯେ ଯେଉଁ ସାମ୍ବାଦିକଙ୍କ ବିରୋଧରେ ମିଥ୍ୟା ଖବର ତିଆରି/ପ୍ରଚାର କରିବାର ଅଭିଯୋଗ ଆସିବ, ତୁରନ୍ତ ତାଙ୍କର ପ୍ରେସ୍ ମାନ୍ୟତାକୁ ରଦ୍ଦ କରିଦିଆଯିବ । ତେବେ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ହସ୍ତକ୍ଷେପ ପରେ ଏହି ସର୍କୁଲାର୍‌କୁ ପ୍ରତ୍ୟାହାର କରାଯାଇଥିଲା । ଏହା ନୁହେଁ ଯେ ଏବେ ଅନ୍‌ଲାଇନ୍ ସାମଗ୍ରୀକୁ ନିୟନ୍ତ୍ରଣ କରିବାର ଅଧିକାର ସରକାରଙ୍କ ନାହିଁ । ଆଇଟି ଅଧିନିୟମର ଧାରା ୬୯ରେ ଅନ୍‌ଲାଇନ୍‌ରେ ପ୍ରସାରିତ ସାମଗ୍ରୀକୁ ସମ୍ପୂର୍ଣ୍ଣ ହଟାଇ ଦେଇପାରିବେ । ଏହି ଧାରାକୁ ଅଦାଲତରେ ଚାଲେଞ୍ଜ କରାଯାଇଥିବା ବେଳେ ଅଦାଲତ ଏହାକୁ ସାମ୍ବିଧାନିକ ବୋଲି କହିଥିଲେ । ସୂଚନାଯୋଗ୍ୟ, ସୁଦର୍ଶନ ଟିଭି 'ୟୁପି ଏସ୍‌ସି ଜିହାଦ' ନାମକ ଏକ କାର୍ଯ୍ୟକ୍ରମ ପ୍ରସାରଣ କରିଥିଲା ଏବଂ ବିବାଦ ହେବାପରେ ମାମଲା ସର୍ବୋଚ୍ଚ ନ୍ୟାୟାଳୟରେ ପହଞ୍ଚିଥିଲା । ଟିଭି ଚ୍ୟାନେଲଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ ମାର୍ଗଦର୍ଶିକା ପ୍ରସ୍ତୁତି ଉପରେ ନ୍ୟାୟାଳୟ ବିଚାର କରୁଥିବା ବେଳେ ଅଦାଲତରେ କେନ୍ଦ୍ର ସରକାର ସତ୍ୟପାଠ ଦାଖଲ କରିଥିଲେ । ଏଥିରେ କୁହାଯାଇଥିଲା ଯେ ଇଲେକ୍‌ଟ୍ରୋନିକ୍ ଓ ପ୍ରିଣ୍ଟ ମିଡିଆ ସମ୍ବନ୍ଧରେ ଯଥେଷ୍ଟ ସ୍ୱଚ୍ଛତା ଓ ନ୍ୟାୟିକ ଘୋଷଣା ପୂର୍ବରୁ ରହିଥିବାବେଳେ ଡିଜିଟାଲ୍ ମିଡିଆ କ୍ଷେତ୍ରରେ ତାହା ନାହିଁ । ଡିଜିଟାଲ୍ ମିଡିଆ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିବାରୁ ତାକୁ ନିୟନ୍ତ୍ରଣ କରିବା ଜରୁରୀ ବୋଲି ସରକାର ଯୁକ୍ତି ବାଢ଼ିଥିଲେ । ସଦ୍ୟପ୍ରଣୀତ ନିୟମାବଳୀ ବୋଧହୁଏ ସେହି ବିଚାରର ପ୍ରତିଫଳନ । ତେବେ ଏହା ବାସ୍ତବ କ୍ଷେତ୍ରରେ କିପରି କାର୍ଯ୍ୟକାରୀ ହେଉଛି ଓ ତା'ର ସୁଫଳ ମିଳୁଛି, ତାହା ଦେଖିବା କଥା ।



## ଦୀପାବଳି

ହରେରାମ ପଣ୍ଡା

ଶରତ ଆକାଶ ଭସା ମେଘ ଫାଙ୍କେ
ଜହ୍ନ ହସେ କିରିକିରି,
ଧିରେଧିରେ ଆସେ ଶରତ ମରତେ
ପାର୍ବଣ ସମ୍ଭାର ଧରି ।
ଦୁର୍ଗାପୂଜା ପରେ କୁଆଁର ପୁନେଇଁ
ତା ପଛକୁ ଦୀପାବଳି,
ବରଷକ ପରେ ଧରାକୁ ଓହ୍ଲେଇ
ଆସୁଛନ୍ତି ମହାକାଳୀ ।
କୋଟିପ୍ରାଣେ ଖେଳେ ଆନନ୍ଦ ଲହରୀ
ମାଆଙ୍କର ପୂଜା ଲାଗି,
ମାଆଙ୍କର ଆରାଧନା କରିବାକୁ
ଚାଲିଆସ ବେଗିବେଗି ।
ଜଗତର ଦୁଃଖ ନାଶିବା ପାଇଁ ତ
ମାଆଙ୍କର ଆଗମନ,
ଦୀପଟିଏ ଜାଳି ଶ୍ରଦ୍ଧା ଭକତିରେ
ଗାଇବା ଆସ ଜଣାଣ ।
ଆମ ପ୍ରଦୀପର ଶୁଭ୍ର ଆଲୋକେ
ଘୁଞ୍ଚିଯିବ ଅନ୍ଧକାର,
ମାଆଙ୍କ ଆଶିଷେ ସାରା ଜଗତରୁ
ସବୁ ପାପ ହେବ ଦୂର ।
କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର ।

+ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ
ଭାମ୍ୟଭାଷ- ୯୪୩୮୦୬୫୧୯୫

## ପୁରାଣର ଆଇନାରେ ଦୀପାବଳୀ

ଡକ୍ଟର ଶ୍ରୀହରି ପଣ୍ଡା





ଉତ୍କୃଷ୍ଟ କଳାର ଦେଶ ଓଡ଼ିଶା । ନିଜର ପର୍ବପର୍ବାଣି, ଯାନିଯାତ୍ରା ନିମନ୍ତେ ପ୍ରସିଦ୍ଧ । କୃଷିପ୍ରଧାନ, ଦେବପ୍ରଧାନ ଏ ଦେଶରେ ପାଳିତ ହୁଏ ବାରମାସର ତେରପର୍ବ । ସେହି ପର୍ବମାନଙ୍କ ମଧ୍ୟରୁ ଗାଁ ଗହଳରେ 'ପିମ୍ପେଇ' ବା 'ପିପେଇ' ଅମାବାସ୍ୟା ଯାହା ସାଧାରଣତଃ ଦୀପାବଳୀ ବା ଦିବାଲୀ ନାମରେ ପରିଚିତ ତାହା ପ୍ରତ୍ୟେକ ଭାରତବାସୀଙ୍କ ନିକଟରେ ମହତ୍ୱ ରଖେ । 'ପୁପାଳୀ' ର ଅପଭ୍ରଂଶ 'ପିପେଇ' ଅମାବାସ୍ୟା ଭାରତର ପ୍ରତି ଜନପଦରେ ଅଭିନନ୍ଦିତ ଓ ଆନନ୍ଦର ପର୍ବ ରୂପେ ନାମିତ । ଏହି ମହାନ ପର୍ବର ପଶ୍ଚାତପଟରେ ଥିବା ପୌରାଣିକ କଥାବସ୍ତୁକୁ ମନେ ପକାଇବାର ଚେଷ୍ଟା ଆଜିର ଆଲୋଚନାରେ କରିବା ।

ମହାପ୍ରତାପୀ ନରକାସୁରର ଅତ୍ୟାଚାରରେ ଭିତତ୍ରସ୍ତ ଦେବଗଣ କୃଷ୍ଣଙ୍କ ଶରଣାପନ୍ନ ହେଲେ । ତହୁଁ କୃଷ୍ଣ ବକୁଳାଞ୍ଜନ ପର୍ବତରେ ପ୍ରବେଶ କରି ଗଜମର୍ମ ବିଦ୍ୟା ପାରଙ୍ଗମ ନରକାସୁର ପୁତ୍ର ଭଗଦତ୍ତକୁ ସଂହାର କରି କୂଟମାୟା ବିଶାରଦ 'ନାରକ' କୁ ନାଶକରି ପୃଥ୍ୱୀର ଭାରା ଉଶ୍ୱାସ କଲେ । ମାତା ପୃଥିବୀର ପ୍ରାର୍ଥନାରେ କୃଷ୍ଣ ଭଗଦତ୍ତକୁ ଜୀବନ୍ୟାସ ପୂର୍ବକ ସିଂହାସନରେ ଅଧିଷ୍ଠିତ କରାଇ ନାରକ ଦ୍ୱାରା ବନ୍ଦୀ ଷୋଳସହସ୍ର ସୁନ୍ଦରୀ କନ୍ୟାଙ୍କୁ ମୁକ୍ତ କରି ଦ୍ୱାରିକାକୁ ପଠାଇଥିଲେ । ସମସ୍ତଙ୍କ ମନରେ ଆନନ୍ଦର ମଧୁମହୋତ୍ସବ । ଅନ୍ଧକାରରୁ ଆକର୍ଷଣୀୟ ଅଗଣନ ଜୀବ ଦ୍ୱାରକାକୁ ଗଲେ ଅର୍ଥାତ୍ ଆଲୋକମାର୍ଗ ବା ଜୀବନର ନୂତନମାର୍ଗ ଦେଖିଲେ । ନାରକ ଉଦ୍ଦେଶ୍ୟରେ ଲୋକେ ଖଡଗଦାରେ କାଉଁରିଆ କାଠିରେ ଅଗ୍ନି ସଂଯୋଗ ପୂର୍ବକ ତାକୁ ସମ୍ବର୍ଦ୍ଧନା କରିବା ସଙ୍ଗେ ସଙ୍ଗେ ଭଗଦତ୍ତର ସିଂହାସନ ଆରୋହଣ ପର୍ବକୁ ଆନନ୍ଦରେ ଅଭିନନ୍ଦନ ଜଣାନ୍ତି । ଗୋବରଗଦା ନାରକାସୁର ରୂପକଳ୍ପ । ନରକାସୁର ମଧ ଅନ୍ଧକାର ତଥା ନରକ ପାପର ପ୍ରତୀକ । ସ୍ୱର୍ଗ ହିନ୍ଦୁ ସଂସ୍କୃତିରେ ପୁଣ୍ୟ ଆଲୋକ ତଥା ମୁକ୍ତିର ଦ୍ୟୋତକ । ଖତ ବା ଗୋବର କୃଷିପ୍ରଧାନ ଦେଶର ଏକ ସାର୍ଥକ ସାର । କାଉଁରିଆ କାଠି ସହଜଲବ୍ଧ ତଥା ଅଗ୍ନି ଭୋଜ୍ୟ ବସ୍ତୁ । ଏଣୁ 'ନରକ'ର କଳ୍ପନା ମୂଳରେ ଜୀବସୃଷ୍ଟିର ସ୍ମରଣାତୀତ ଆଦ୍ୟ ଅନ୍ଧକାର ଭାବ ନିହିତ । କ୍ରମେ ଆଲୋକ ରେଖା ଦେଖାଗଲା ଅର୍ଥାତ ଜୀବସୃଷ୍ଟିର ଆଦ୍ୟସଂଚାର ହେଲା । ନରକାସିର ରୂପୀ ଅନ୍ଧକାର ପରାଭୂତ ହୋଇ ଆଲୋକରୂପୀ ନବଜୀବନର ଉନ୍ମେଷ ହେଲା । ପୃଥିବୀ ଆଶ୍ୱସ୍ତା ହେବା ସହ ଜୀବ ସୃଷ୍ଟି ନିମିତ୍ତ ସ୍ଫୀତ ହେଲେ ।

ଏହି ତିଥିରେ ସମୁଦ୍ରମନ୍ଥନ ଜାତ ଲକ୍ଷ୍ମୀ ଅର୍ଥାତ୍ ସୌଭାଗ୍ୟର ଦେବୀଙ୍କୁ ବନ୍ଦୀ ଅବସ୍ଥାରୁ ଭଗବାନ ବାମନ ମୁକ୍ତି ଦେଇଥିଲେ । ବିଶ୍ୱବିଜୟୀ ହେବାକୁ ବିଶ୍ୱଜିତ ଯଜ୍ଞ କରୁଥିବା ବଳିକୁ ଭଗବାନ ବାମନ ତିନିପାଦ ଭୂମି ମାଗିବା ଆଳରେ ତୃତୀୟପାଦରେ ପାତାଳକୁ ପ୍ରେରଣ କରିଦେଲେ । ମାତ୍ର ଦୟାବତାର ଭଗବାନ ବଳିର ଦାନ ଓ ବଳିପତ୍ନୀ ବିନ୍ଧ୍ୟାବଳୀର ଅନୁରୋଧରେ ସାବର୍ଣ୍ଣି ମନ୍ୱନ୍ତରରେ ତ୍ରିଲୋକର ଅଧିପତି ହେବାର ବର ପ୍ରଦାନ କରିଥିଲେ । ନିଜର ପରିଜନକୁ ହରାଇ ଦୁଃଖିତ ବଳି ତଥା ଲୋକପ୍ରିୟ ରାଜାର ଦର୍ଶନରୁ ବଞ୍ଚିତ ପ୍ରଜାଗଣଙ୍କ କାତର ପ୍ରାର୍ଥନାରେ ଭଗବାନ ବର୍ଷକର ଥରେ କାର୍ତ୍ତିକ ଅମାବାସ୍ୟାର ଅର୍ଦ୍ଧନିଶିରେ ଏ ନିଖିଳ ବିଶ୍ୱରେ ଭ୍ରମଣ କରିବାକୁ ଅନୁମତି ପ୍ରଦାନ କରିଥିଲେ । ପ୍ରଜାମାନେ ଉଲ୍ଲସିତ ହେବା ସହ ବଳିଙ୍କ ସ୍ୱାଗତ ନିମନ୍ତେ ଏହି ଅମାବାସ୍ୟା ରାତ୍ରିର ଆଲୋକ ପ୍ରଜ୍ୱଳନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିବାକୁ ଲାଗିଲେ । ଏହାକୁ ସେଥିପାଇଁ 'ବଳିରାଜ୍ୟ' ଦିବସ ନାମରେ ମଧ ଜଣାଯାଏ । ସେହିପରି ଦୀପାବଳୀ ପର୍ବ ସହିତ ରାବଣାରି ରାମଙ୍କ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନର କଥା ସଂଗୁମ୍ଫିତ । ଦଶହରାରେ ରାବଣକୁ ବଧକରି ରାମଚନ୍ଦ୍ର ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ଅଭିଷିକ୍ତ ହେଲେ କାର୍ତ୍ତିକ ଅମାବାସ୍ୟା ଦିନ । ଏହି ଉତ୍ସବକୁ ଲୋକେ ଆଲୋକ ପ୍ରଜ୍ୱଳନ ପୂର୍ବକ ପାଳନ କରିଥିଲେ । ଦୀପାବଳୀ ସହିତ ମା ଆଦ୍ୟାଶକ୍ତି କରାଳବଦନୀ କାଳିପୂଜା ସମ୍ବନ୍ଧିତ । ଏହି ଦିନଟି କାଳୀପୂଜା ବା ଶ୍ୟାମାପୂଜା ଦିବସ ରୂପେ ସର୍ବଜନବିଦିତ । ରକ୍ତବୀର୍ଯ୍ୟ (ଆସୁରୀଶକ୍ତି)ର ନିଧନ ନିମନ୍ତେ ମା କାଳୀଙ୍କର ଆବିର୍ଭାବ । ଗର୍ବ, ଦମ୍ଭ, ଅଭିମାନ ଓ ଐଶ୍ୱର୍ଯ୍ୟର ନଶ୍ୱରତା ସମ୍ପର୍କରେ ଜଣାଇବା ନିମିତ୍ତ କାଳୀମୂର୍ତ୍ତିର ପରିକଳ୍ପନା । ମାର୍ଗଶିରରୁ ଆରମ୍ଭ ହେଉଥିବା ହିନ୍ଦୁ ନୂଆବର୍ଷର ସମାପ୍ତି ଘଟେ କାର୍ତ୍ତିକ ମାସରେ । ଗୋଟିଏ ବର୍ଷର ଶେଷ ବା କାଳ ଭିତରେ ସମାହିତ । ଏହିପରି ଚାଲି ଯାଉଥିବା ବର୍ଷ ବା କାଳକୁ ଅନନ୍ତକାଳ ସ୍ରୋତରେ ମିଶାଇବା ନିମିତ୍ତ ହିନ୍ଦୁ ଦୀପଜାଳି ବାଟ ଦେଖାଏ ଓ ଆସୁଥିବା ନୂତନ ବର୍ଷକୁ ସ୍ୱାଗତ କରେ ।

ଏହି ଦିନ ଆମର ଦେବତା ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ପ୍ରଦାନ କରାଯାଇଥାଏ । ମହାଳୟା ଏବଂ ଦୀପାବଳୀ ପିଣ୍ଡଦାନ ନିମନ୍ତେ ଶ୍ରେଷ୍ଠ ତିଥି । ତେଣୁ ପିତୃପୁରୁଷଙ୍କ ଉଦ୍ଧାର ନିମନ୍ତେ ନିଜର ଶାରୀରିକ ଓ ମାନସିକ ତଥା ଆଧାତ୍ମିକ ଉନ୍ନତି ନିମନ୍ତେ ଦୀପଦାନ କରଣୀୟ । ଏହିଦିନ କାଉଁରିଆ କାଠିରେ ଅଗ୍ନି ସଂଯୋଗ କରି ଘରର ମୁଖ୍ୟକର୍ତ୍ତା ସମେତ ଅନ୍ୟମାନେ ଉଚ୍ଚ ସ୍ୱରରେ ପିତୃପୁରୁଷଙ୍କୁ ଡାକିଥାନ୍ତି । ସେମାନଙ୍କ ଐକତାନିକ ସ୍ୱରରେ ରାତ୍ରିର ନିସ୍ତବ୍ଧତା ଚଞ୍ଚଳ ହୁଏ । "ବଡ ବଡୁଆ ହୋ, ଅନ୍ଧାରେ ଆସ, ଆଲୁଏ ଯାଅ, ଗଙ୍ଗା ଯାଅ, ଗୟା ଯାଅ, କାଶୀ ଯାଅ, ପୁରୁଷୋତ୍ତମରେ ମହାପ୍ରସାଦ ଖାଇ ବାଇଶି ପାହାଚରେ ଗଡଗଡଉ ଥାଅ ।" ସମସ୍ତ ତୀର୍ଥସ୍ଥଳର ନାମ ସତ୍ତ୍ୱେ ବାଇଶିପାହାଚ ପ୍ରତି ଥିବା ଓଡିଆର ଭକ୍ତି, ଶ୍ରଦ୍ଧା ଏଥିରେ ପ୍ରତିଫଳିତ । ଅଧୁନା ଦିପାବଳୀର ମୁଖ୍ୟ ଆକର୍ଷଣ ଆତସବାଜି । ଏହି ଆତସବାଜିର ଉପକାରିତା ଦୃଷ୍ଟିରୁ ବିଚାରକୁ ନେଲେ ବହୁ କୀଟ, ଅନିଷ୍ଟକାରୀ ଜୀବକୁ ମାରି ଦେଉଥିବା ବେଳେ ଏହାର ଧୂଆଁ ଏବଂ ଶବ୍ଦ ଦ୍ୱାରା ପ୍ରଦୂଷଣର ମାତ୍ରା ବଢୁଛି । ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ।

ଭାରତୀୟ ଜନହୃଦୟରେ ଜାତୀୟ ସଂହତିର ଉଦ୍ରେକ କରି ଦୀପାବଳୀ ପ୍ରତ୍ୟେକ ବର୍ଷ ଆସୁଛି ଏବଂ ଆସୁଥିବ । ଏହି ଆଲୋକର ପର୍ବ ସମସ୍ତଙ୍କ ହୃଦୟରେ ଜ୍ଞାନାଲୋକ ପ୍ରଜ୍ୱଳିତ ପୂର୍ବକ ସମସ୍ତ କୁସଂସ୍କାର, ଅନ୍ଧବିଶ୍ୱାସକୁ ନାଶ କରୁ ଏହା ହିଁ କାମନା ।

+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ.୮୬୫୮୫୦୫୯୭୮

## ଜ୍ଞାନର ଦୀପ ଜାଳ

ଅକ୍ଷୟ ପଣ୍ଡା



ଖୁସି ଓ ଆଲୋକର ପର୍ବ ଅଟେ ଦୀପାବଳି। ଏହାର ପାଳନ ପଛରେ ଲୁଚି ରହିଛି ଅନେକ ଚିତାକର୍ଷକ କାହାଣୀ । ଏହି ଦିନ ରଘୁକୁଳ ତିଳକ ରାଜୀବ ଲୋଚନ ପ୍ରଭୁ ରାମଚନ୍ଦ୍ର ପାପି ଲଙ୍କେଶ୍ୱର ରାବଣକୁ ବଧ କରି ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ତାଙ୍କୁ ସ୍ୱାଗତ କରିଥିଲେ ସାରା ଦେଶବାସୀ । ପୁର ପଲ୍ଲୀକୁ କୁସୁମର ତୋରଣରେ ସୁ ସଜ୍ଜିତ କରିଥିଲେ। ଦୀପ ଜାଳି ଶୁଭ ଶଙ୍ଖ ବଜାଇ ବାଦ୍ୟ ସଙ୍ଗିତ ନୃତ୍ୟ ଗୀତ ମଧରେ ଆମନ୍ତ୍ରଣ କରିଥିଲେ ପିତୃ ଭକ୍ତ ରାମଚନ୍ଦ୍ରଙ୍କୁ । ତାଙ୍କର ସତ୍ୟ, ଶାନ୍ତି, ଦୟାକ୍ଷମା, ନିଷ୍ଠାପରତା ଓ ଚରିତ୍ରବାନ ଭଳି ମହାନ ଗୁଣରେ ଅନୁପ୍ରାଣିତ ହୋଇଥିଲେ ସାରା ରାଜ୍ୟବାସୀ ।

ଆଗାମି ବଂଶଧର ମାନଙ୍କୁ ସେହି ସତ୍ୟ, ନ୍ୟାୟ ପଥରେ ଅନୁସରଣ କରିବାପାଇଁ ଏହି ସୁନ୍ଦର ପରମ୍ପରା ସୃଷ୍ଟି ହୋଇଥିଲା । ଯାହାକୁ ଆମେ ଦୀପାବଳି ରୂପେ ପାଳନ କରୁ।

ତାହା କାଳକ୍ରମେ ଫୁଲର ତୋରଣ, ମାଟିର ଦୀପ ସହିତ ବାଣ ଫୁଲଝରି, ବିଜୁଳି ଆଲୋକ ମାଳାରେ ସାଜସଜ୍ଜା ପରିପାଟି ରେ ଯୋଡି ହୋଇଗଲା । ଯାହା ଦେଖିବାକୁ ସୁନ୍ଦର ଓ ମନମୋହକ ହୋଇପାରିଲା । ମାତ୍ର ସେ ବାଣ ଗୁଡିକ ଫୁଟିବା ଦ୍ୱାରା ଅଧିକ ପରିମାଣରେ ନାଇଟ୍ରସ, ଅକ୍ସାଇଡ , ସଲଫର ଡାଇ ଅକ୍ସାଇଡ, କାର୍ବନ ମନୋକ୍ସାଇଡ୍ ଆଦି ବିଷାକ୍ତ ଗ୍ୟାସ ଗୁଡିକ ବାୟୁମଣ୍ଡଳକୁ ପ୍ରବେଶ କରେ । ଯାହା ଫଳରେ ଆସ୍ଥମା, ଟିବୋର କ୍ଲୋସିସ ଅନ୍ୟାନ୍ୟ ଶ୍ୱାସ ଜନିତ ରୋଗ ସୃଷ୍ଟି ହୁଏ ।

ଏ ବର୍ଷ କରୋନା ପାଇଁ ବାଣ ଓ ଫୁଲଝରିର ବ୍ୟବହାର ଉପରେ ସରକାରୀ କଟକଣା ଲାଗୁ ହୋଇଛି । ପିଲାମାନଙ୍କୁ ଦୁଃଖ ଲାଗିପାରେ । ମାତ୍ର ସବୁଠାରୁ ଭଲକଥା ସରକାରଙ୍କ ସମୟପୋଯୋଗୀ ବୁଦ୍ଧିମାନ ପଦକ୍ଷେପ ସମ୍ପୂର୍ଣ୍ଣ ସ୍ୱାଗତ ଯୋଗ୍ୟ। ଏ ପର୍ବ ପାଳନ କଲାବେଳେ ମାଟିଦୀପ, ମହମବତୀ ଲଗାଇବା, ସାମାଜିକ ଦୂରତା ଅବଲମ୍ବନ କରିଲେ ବହୁତ ଭଲ।

ଅନ୍ୟ କଥାଟି ହେଲା । ଦୀପାବଳି ଦିନ ଆମ୍ଭେମାନେ ବଡ ବଡୁଆଙ୍କୁ କାଉଁରିଆ କାଠି ଲଗାଇ ପୂଜା କରୁ ।

ଆଉ ଆମେ ସ୍ୱାଗତ କରି ଗୀତ ଗାଉ

"ବଡ ବଡୁଆ ହୋ
ଅନ୍ଧାର ରେ ଆସ
ଆଲୁଅରେ ଯାଅ ।"

ସତରେ ସେ ପୂର୍ବ ପୁରୁଷମାନେ ଆସନ୍ତି ନାହିଁ ।

ଆମ୍ଭେମାନେ ମନ ବୁଝାଇବା ପାଇଁ ଏ ପରି କରିଆସୁଛୁ । ଏହି ଦିନ ନୂଆ କପଡା ପିନ୍ଧୁ, ସୁସ୍ୱାଦ ପିଠା ପଣା ଖାଉ । ଏକ ରକମର ସମସ୍ତ ପରିବାର ମିଳିମିଶି ଖୁସି ହେଉ । ଆଉ ଉପଭୋଗ କରୁ ଆଲୋକର ପର୍ବ ଦୀପାବଳିକୁ ।

ସତରେ ଯଦି ବଡ ବଡୁଆ ଆସନ୍ତେ । ଆମ ସାମାଜିକ ଚାଲି ଚଳନି ରୀତି ନୀତି ଦେଖି ଦୁଃଖ କରନ୍ତେ । ଦାରିଦ୍ରତା, ଅନଗ୍ରସରତା, ନିରକ୍ଷରତା ତା ସହିତ ଦୁର୍ନୀତି ଦେଖି ଆଖିରୁ ଲୁହଗଡାନ୍ତେ ।

ସେମାନଙ୍କ ଲୁହ ନ ଝରିବା ପାଇଁ ଦୀପାବଳି ଦିନ "ଦୀପାଳୟ" ନାମକ ସମାଜ ସେବୀ ଅନୁଷ୍ଠାନ ୧୯୭୯ ମସିହାରେ ଗଢି ଉଠିଥିଲେ। ଭାରତର ଜନ ଗହଳିପୂର୍ଣ୍ଣ ଦିଲ୍ଲୀଠାରେ । ଏହି ଏନଜିଓ ସମାଜ ସେବୀ ସଙ୍ଗଠନ ର ମୂଳ ଉଦ୍ଦେଶ୍ୟ ଥିଲା ଗରିବ ଅସହାୟ ପିଲାମାନଙ୍କୁ ଶିକ୍ଷା ଦାନ କରିବା । ଯାହା ସେମାନଙ୍କୁ ସୁଖ, ଶାନ୍ତି ଆନନ୍ଦରେ ଜୀବନ ଯାପନ ପାଇଁ ଆଣିଦେବ ଅସୁମାରି ସୁବିଧା ସୁଯୋଗ ।

ଦିଲ୍ଲୀ ମହାନଗରୀରେ ଦୀପାଳୟ ପଚାଶ ହଜାର ପିଲାମାନଙ୍କୁ ଶିକ୍ଷିତ କରିପାରିଛି । ସେହି ସମାଜ ସେବୀ ସଂସ୍ଥାର ୩୩୭ ଟି ଶିକ୍ଷା କେନ୍ଦ୍ର ଅଛି । ଏହା ଦିଲ୍ଲୀ, ଉତ୍ତରାଖଣ୍ଡ ଓ ହରିଆଣା ରେ ଏବେବି କାର୍ଯ୍ୟରତ ।

ତାର ଠିକ୍ ଅନୁରୂପ ଓଡିଶାର ରାଜଧାନୀ ଭୁବନେଶ୍ୱର ଠାରେ ଅଛି କିସ୍ କଳିଙ୍ଗ ଇନସ୍‌ଟ୍ୟୁଟ୍ ଅଫ ସୋସିଆଲ ସାଇନ୍ସ । ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ୧୨୫ ଜଣ ଆଦିବାସୀ ଅବହେଳିତ ପିଲାମାନଙ୍କୁ ନେଇ ୧୯୯୨ ମସିହାରେ ଏହାର ଶୁଭାରମ୍ଭ ହୋଇଥିଲା । ଏବେ ସେହି ଅନୁଷ୍ଠାନରେ ଆଦିବାସୀ ଅନୁସୂଚିତ ଜାତିର ୨୭,୦୦୦ ପିଲାମାନେ ଅଧୟନ ରତ । ଏହା କେଜି ପାଖରୁ ସ୍ନାତକୋତ୍ତ ପର୍ଯ୍ୟନ୍ତ ସୁବିଧା ଉପଲବ୍ଧ। କଳା, ଇତିହାସ, ବିଜ୍ଞାନ, ଇଞ୍ଜିନିୟରିଂ, ମେଡିକାଲ ଆଦି ବୈଷୟିକ ଶିକ୍ଷାମଧ ମୁକ୍ତରେ ପ୍ରଦାନ କରାଯାଉଛି ।

ଏତଦ୍ ବ୍ୟତିତ ଅନ୍ୟାନ ସମାଜସେବୀ ଉଷସକ୍ଷୟ ଜସଶକ୍ଷସ୍ପସ୍ୱ ବଭୟ ଶକ୍ଟଙ୍କ (ଉଜଣ) ଛରବମଷ ରକ୍ଟକ୍ସ ଓଭୟସବ.

ବଚପନ ବଚାଅ ଆନ୍ଦୋଳନ, ପ୍ରଥମ, ଭୂମି , ଆକାଂକ୍ଷା ଫାଉଣ୍ଡେସନ ଆଦି ଅନୁଷ୍ଠାନ ଗୁଡିକ ଗରିବ ଅବହେଳିତ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି । ସେମାନଙ୍କର ଅନ୍ଧକାର ଜୀବନରେ ଜ୍ଞାନ ଆଲୋକ ବର୍ତ୍ତିକା ଜାଳି ଉଜ୍ଜଳତା ଆଣି ଦେଇଛନ୍ତି ।

ବିଜ୍ଞ ଲୋକମାନେ କହନ୍ତି ।

ଭଲ ପାଉଥିବା ଲୋକଙ୍କୁ ମାଛ ତରକାରୀ ଦିଅନାହିଁ । ବରଂ ସେମାନଙ୍କୁ ଶିଖାନ୍ତୁ କିଭଳି ମାଛ ଧରିବାକୁ ହେବ । ତାହା ଦ୍ୱାରା ସେ ସାରାଜୀବନ ମାଛ ତରକାରୀ ଖାଇବାର ସୁବିଧା ପାଇ ପାରିବେ।

ଶିକ୍ଷାଦାନ ମହାପୂଣ୍ୟ । ଯାହା ଅନୁନ୍ନତ କୁ କରେ ଉନ୍ନତ, ଅଶିକ୍ଷିତ କୁ କରେ ଶିକ୍ଷିତ, ଅସୁନ୍ଦରକୁ ସୁନ୍ଦର କରି ଗଢି ତୋଳେ । ସରସ ସୁନ୍ଦର ସୁଖମୟ ଜୀବନ ପାଇଁ ଫିଟେଇ ଦିଏ ବାଟ।

ତେଣୁ ଗରିବ ଅସହାୟ ପିଲାମାନଙ୍କ ପାଇଁ ଶ୍ରମଦାନ ବା ପାଠ୍ୟ ଉପକରଣ ଦାନ କରି ସେମାନଙ୍କ ଜୀବନରେ ଆଲୋକ ଆଣି ଦିଅନ୍ତୁ । ଆପଣ ସେମାନଙ୍କୁ ମୁଣ୍ଡ ଟେକି ବଞ୍ଚିବାର ସାହାରା ଦେବେ । ଅବାଟରେ ଯାଉଥିବା ଅସହାୟ ନିଃସହାୟ ପିଲାମାନଙ୍କୁ ସତମାର୍ଗ ସତକର୍ମ କରିବାର ପାଇଁ ପ୍ରେରଣା ଦେବେ।

ଦେଖିବେ ମା ଲକ୍ଷ୍ମୀ ଅଜାଡି ଦେବେ ଅସୁମାରୀ ଧନ ରତ୍ନ । ବଡ ବଡୁଆ ମାନେ ସ୍ୱର୍ଗରେ ଥାଇ ବହୁତ ଖୁସି ହେବେ। ରାଜୀବ ଲୋଚନ ରଘୁକୁଳନନ୍ଦନର ପ୍ରଭୁ ରାମଚନ୍ଦ୍ର ଙ୍କ ଶୁଭ ଆଗମନ ସୁଚାରୁରୂପେ ହୋଇ ପାରିବ । ଆଉ ଡେରି କରନ୍ତୁନି ଜଳାଇ ଦିଅନ୍ତୁ ଜ୍ଞାନର ଦୀପ । ହସ, ଖୁସି ଆନନ୍ଦରେ ପୁରି ଉଠୁ ସାରା ଜଗତ।

+ ଆଳି, ଲୋକାପଡା
ମୋ: ୯୩୩୭୪୯୨୩୦୭



## ଦୀପାବଳି...



ସୁଦର୍ଶନ ମହାପାତ୍ର

କାର୍ତ୍ତିକ ମାସର ପବିତ୍ର ଦିନଟେ
ନାମ ତା'ର ଦୀପାବଳି
ଚତୁର୍ଦ୍ଦିଗ ପରା ଆଲୋକିତ ହୁଏ
ଅନ୍ଧକାର ଯାଏ ଟଳି ॥

ଅଧର୍ମ ଉପରେ ଧର୍ମର ବିଜୟ
ମନରେ ଜାଗ୍ରତ ଆଶା
ଅନ୍ୟାୟ ଅସତ୍ ଦୂରୀଭୂତ ହୁଏ
ଲୋପ ପାଇଯାଏ ହିଂସା ॥

ବନବାସ ସାରି ଅଯୋଧ୍ୟା ଫେରିଲେ
ରାମଚନ୍ଦ୍ର ଏହି ଦିନ
ଅଯୋଧ୍ୟାର ଜନ ସ୍ୱାଗତ କରିଲେ
କରି ପରା ଦୀପ ଦାନ ॥

ଗାଆଁ ଠୁ ସହର ହସି ଉଠିଥାଏ
ଆସିଥାନ୍ତି ପ୍ରିୟଜନ
ଘରେ ଘରେ ପିଠା ପଣା ମହକରେ
ପୁଲକିତ ହୁଏ ମନ ॥

କାଉଁରିଆ ଜାଳି ସଞ୍ଜରେ ଡାକନ୍ତି
ବଡ଼ବଡ଼ିଆ ହେ ଆସ
ଅନ୍ଧାରରେ ଆସି ଆଲୁଅରେ ଯାଅ
ଏଇମିତି ପ୍ରତି ବର୍ଷ ॥

ଆଲୋକର ପର୍ବ ଏଇ ଦୀପାବଳୀ
ମହାନ ଏ ପରମ୍ପରା
ଶ୍ରଦ୍ଧା ବିଶ୍ୱାସର ଉତ୍ସବ ପାଳନେ
ହସି ଉଠେ ସତେ ଧରା ॥

+ କୁଞ୍ଜବିହାରୀ ଲେନ, କଟକ



## ନିଆରା ଦୀପାବଳି...

ଶୁଭ୍ରାଂଶୁ ଶେଖର ରାଉତ

ଆଜିକି ପବିତ୍ର ଦିନ
ଦୀପାବଳି ଶିଶୁ ଦିବସ ସହିତ
ହୋଇବ ପରା ପାଳନ ।

ଆମେ ଟିକି ଟିକି କଳି
କାଲି ଫୁଟି ଆମ ସୁନାମ ସୁଗନ୍ଧ
ପାରିବ କେ କିଏ କଳି ?

ଆମେ ଦେଶ ଭବିଷ୍ୟତ
ଆମେ ଦେଶ ପାଇଁ ନ ଭାବିଲେ
କୁହ କିଏ ଭାବିବ ତ ?

ଆସି ଅଛି ଦୀପାବଳି
ଦୀପେ ଆଲୋକିତ କରି ଘରଦ୍ୱାର
ଅନ୍ଧାରକୁ ଦେବା ବଳି ।

ଆତସବାଜି ଓ ବାଣ
ନ ଫୁଟାଇ ପରିବେଶ ସୁରକ୍ଷାରେ
ଦେବା ଆମେ ସବୁଧ୍ୟାନ ।

କରୋନା ରୋଗୀ ସହିତ
ବୟସ୍କ ଲୋକେ ବି ହନ୍ତସନ୍ତ ହେବେ
ହେଲେ ବାୟୁ ପ୍ରଦୂଷିତ ।

କେତେ ଯେ କରୋନା ରୋଗୀ
ଅକାଳେ ଝଡ଼ି ପଡ଼ିଲେ ଏ ସଂସାରରୁ
ହୋଇ କେତେ କଷ୍ଟେ ଭୋଗୀ ।

ତାଙ୍କ ପାଇଁ ଦୀପ ଜାଳି
ଆତ୍ମା ସଦଗତି ପାଇଁ ପ୍ରାର୍ଥନା କରିବା
ଦେବା ତାଙ୍କୁ ଶ୍ରଦ୍ଧାଞ୍ଜଳି ।

କାଉଁରିଆ କାଠି ଜାଳି
ଭକ୍ତି ଭରେ ବଡ଼ବଡୁଆ ଡାକିବା
ଦେବାକୁ ଆଶିଷ ଢାଳି ।

ସର୍ବେ ହୋଇ ସଚେତନ
ଏ ନିଆରା ଦୀପାବଳିକୁ ପାଳିବା
ନ ଭାବିଣ ମନେ ଆନ ।

+ ପ୍ରତାପ ନଗରୀ, କଟକ
ମୋ: ୭୭୩୫୧୪୧୨୭୪

# କାର୍ତ୍ତିକ ମାସରେ ଆଲୋକର ପର୍ବ ଦୀପାବଳିର ମହତ୍ୱ


ରଶ୍ମି ସାମଲ




ଦୀପାବଳି ଏକ ଭାରତୀୟ ପର୍ବ। ଏହା ଆଲୋକର ପର୍ବ ରୂପେ ପାଳନ କରାଯାଏ। ଭାରତର ବିଭିନ୍ନ ଅଂଚଳରେ ଯଥା ବଙ୍ଗଳା, ଆସାମ, ବିହାର, ଆଦି ବିଭିନ୍ନ ରାଜ୍ୟରେ ଦୀପାବଳୀରେ ଦେବୀ କାଳୀଙ୍କୁ ପୂଜାର୍ଚ୍ଚନା କରାଯାଏ।

ଏତଦ୍ ବ୍ୟତୀତ ଦୀପାବଳି ପାଳନର ମୂଳରେ କିଛି ପୌରାଣିକ, ଐତିହାସିକ ଓ ସ୍ୱାସ୍ଥ୍ୟାଭିତିକ କାରଣ ମଧ ନିହିତ ରହିଛି। ସେହି ପରି କାର୍ତ୍ତିକ ମାସ ସମ୍ବନ୍ଧରେ କୁହାଯାଇଛି

"ଏ ମହା କାର୍ତ୍ତିକ ମାସ<br>
ଭଣିଲେ ଶଙ୍କର ଦାସ<br>
ସୀତା ସଂଗେ ଘେନି ରଘୁ କୁଳପତି<br>
ଭୋଗ କଲେ ବାରମାସ ଲୋ<br>
କୋଇଲି ଶୁଣ ଲୋ।"

କବି ଶଙ୍କର ଦାସ ଏହି ପଦରେ କାର୍ତ୍ତିକ ମାସର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ଭାରତୀୟ ସଂସ୍କୃତିରେ କାର୍ତ୍ତିକ ମାସକୁ ପୁଣ୍ୟ ମାସ ରୂପେ ଗ୍ରହଣ କରାଯାଇଛି। ସେଥି ପାଇଁ ଗାଁ ମାନଙ୍କରେ କଥା କଥାରେ କୁହନ୍ତି ଗଙ୍ଗା ପରି ତୀର୍ଥ ବେଦ ପରି ଶାସ୍ତ୍ର ସତ୍ୟ ଯୁଗ ପରି ଯୁଗ ନାହିଁ। ଆଉ କାର୍ତ୍ତିକ ମାସ ପରି ମାସ ପରି ମାସ ବି ନାହିଁ। ହଜାରେ ତୀର୍ଥରେ ସ୍ନାନ କଲେ ମିଳେ ଯେଉଁ ପୁଣ୍ୟ କାର୍ତ୍ତିକରେ ବୁଡ଼ ପକେଇଲେ ମିଳେ ସେହି ପୁଣ୍ୟ। ଏହି ମାସର ଅମାବାସ୍ୟା ଦୀପାବଳି ଅମାବାସ୍ୟା ରୂପେ ସର୍ବ ଭାରତେ ବିଦିତ। ଓଡ଼ିଆଙ୍କ ନିଆରା ଏହି ଦୀପାବଳି। ହିନ୍ଦୁଙ୍କ ପ୍ରଧାନ ଓ ଜାତୀୟ ପର୍ବ। କୃଷ୍ଣଙ୍କ ଦ୍ୱାରା ନାରକା ସୁରର ବିନାଶ ଓ ବନ୍ଦିନୀ ଷୋଳସହସ୍ର କନ୍ୟାଙ୍କ ମୁକ୍ତି ଜନ ମାନସରେ ଆନନ୍ଦର ଢେଉ ଖେଳାଇ ଦେଇଥିଲା। ସେହି ସ୍ମୃତିର ସ୍ମାରକୀ ରୂପେ ଦୀପାବଳି ପର୍ବର ସୃଷ୍ଟି ବୋଲି ମଧ କୁହାଯାଏ। ଭାରତର ବିଭିନ୍ନ ଅଂଚଳରେ ଦେବୀଙ୍କୁ ପୂଜା କରାଯାଇଥାଏ। କେତେକ ରାଜ୍ୟରେ ଲକ୍ଷ୍ମୀପୂଜା ଏହି ପର୍ବର ଅନ୍ୟତମ ନାମ ଆକର୍ଷଣ।

ବଳିରାଜାକର୍ତ୍ତୃକ ଜଗତ ଜନନୀ ଲକ୍ଷ୍ମୀ ଏହି ଦିବସରେ ପାତାଳରୁ ମୁକ୍ତି ଲାଭ କରିଥିଲେ, ତାଙ୍କର ନିରାଜନା ପାଇଁ ଦୀପାବଳୀରେ ଆୟୋଜନ ମଧ କରାଯାଇଥାଏ। ଦୀପାବଳି ପର୍ବ ସହିତ ଅନ୍ୟ ଏକ ପୌରାଣିକ କାହାଣୀ ଅଛି। ବାମନ କର୍ତ୍ତୃକ ପାତାଳ ଆବଦ୍ଧ ବଳି ବିଷ୍ଣୁଙ୍କ ନିର୍ଦ୍ଦେଶ ମତେ ବରଷକେ ଥରେ ଏହି କାର୍ତ୍ତିକ ଅମାବାସ୍ୟା ତିଥିରେ ରାତ୍ରିରେ ପୃଥିବୀ ଭ୍ରମଣ କରନ୍ତି। ବିଷର୍ଣ୍ଣ ପ୍ରଜାଗଣ ପ୍ରସନ୍ନ ହୋଇ ଆଲୋକ ମାଳାରେ ବଳୀଙ୍କୁ ସମ୍ବର୍ଦ୍ଧନା ଜଣାଇଥାନ୍ତି। ଦୀପାବଳି ଉତ୍ସବର ଅନ୍ୟନାମ ବଳି ରାଜ୍ୟ ଉତ୍ସବ। ଦିପାବଳି ସହ ଲଙ୍କା ବିଜେତା ଅଯୋଧା ପ୍ରତ୍ୟାବର୍ତ୍ତନ ସ୍ମୃତି ଜଡିତ ଥିବା ପୁରାଣ ମାନଙ୍କରୁ ଜଣାଯାଏ। ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ମାରି ଅଯୋଧା ଫେରିଥିଲେ। ଅଯୋଧା ବାସୀ ଅସତ୍ୟ ଉପରେ ସତ୍ୟର ବିଜୟ ପାଇଁ ବିଭିନ୍ନ ପ୍ରକାର ଆଲୋକ ଜଳାଇଥିଲେ। ଉତ୍ତର ଭାରତରେ ମା ଲକ୍ଷ୍ମୀଙ୍କ ପୂଜା ଆରଧନା କରାଯାଏ। ସେ ଅଂଚଳରେ ଏହା ମୁଖ୍ୟ ପର୍ବ। ସତେ ଯେପରି ମାଙ୍କ ପୂଜା କରି ସୁଖ ଶାନ୍ତି ଫେରିଆସେ ଘରେ। ମା ଲକ୍ଷ୍ମୀ ଧନର ଦେବୀ। ସେ ସୁଦୟା ହେଲେ ଦୁଃଖ କଷ୍ଟ ଯନ୍ତ୍ରଣା ସବୁ ଉଭେଇଯିବ। ଆଉ ଧନର ହେବ ବର୍ଷା ହେବ ବୋଲି କୁହାଯାଏ।

"ସର୍ବଜ୍ଞେ<br>
ସର୍ବ ବରଦେ<br>
ସର୍ବ ଦୁଷ୍ଟ ଭୟଂକରି<br>
ସର୍ବଦୁଃଖ ହରେ ଦେବୀ<br>
ମହାଲକ୍ଷ୍ମୀ ନମସ୍ତୁତେ।"

ଦୀପାବଳିର ଅନ୍ୟ ଏକ ଆକର୍ଷଣ ମା' କାଳୀଙ୍କ ପୂଜା। କାର୍ତ୍ତିକ କୃଷ୍ଣ ପକ୍ଷ ମଧ ରାତ୍ରରୁ ଦେବୀଙ୍କ ପୂଜା ହୁଏ। ଏହି ଦିନ ପୂର୍ବ ପୁରୁଷଙ୍କ ଉଦେଶ୍ୟରେ ଦୀପଦାନ ଓ ପୟା ଶ୍ରାଦ୍ଧ ଓଡ଼ିଶାର ଗାଁ ଗହଳି ଆଦି ସବୁଆଡ଼େ ଦିଆଯାଇଥାଏ। ପିତୃଲୋକଙ୍କ ଉଦ୍ଧାର ସହ ଶାରୀରିକ ତଥା ଆଧାତ୍ମିକ ଉନ୍ନତି ନିମିତ୍ତ ଦୀପଦାନ କରଣୀୟ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ଏଣୁ ଦୀପାବଳି ଅମାବାସ୍ୟାକୁ ପୟା ଅମାବାସ୍ୟା ବୋଲି ମଧ କହନ୍ତି। ଦୀପାବଳିରେ ଘର ସବୁ ଆଲୋକରେ ସଜିତ ହୋଇ ଦୁରକୁ ଅତି ସୁନ୍ଦର ଦେଖାଯାଏ। ଘର ବାରଣ୍ଡାରେ, ମୁଖ୍ୟ ଫାଟରେ ଆଲୋରେ ସଜା ଦୀପାବଳୀକୁ ଆନନ୍ଦ ମୁଖର କରେ। ସତେ ମା ଦେବୀ କାଳୀ ଏହି ମର୍ତ୍ତ୍ୟକୁ ଓହ୍ଲେଇ ଆସି ପୂଜା ମଣ୍ଡପରେ ବିଜେ ହୋଇ ଆଶ୍ରିବାଦ କରନ୍ତି। ହିଂସା ଅହଂକାର କ୍ରୋଧ ଯେପରି ମା ଦମନ କରନ୍ତି। ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଘିଅ ବଳିତା ଓ କାଉଁରିଆ କାଠିରେ ନିଆଁ ଜାଳି ବଡ଼ବଡୁଆଙ୍କୁ ଡକାଯାଏ। ବଡ଼ ବଡୁଆ ଡାକିଲା ବେଳେ ଲୋକମାନେ ଉଚ୍ଚ ସ୍ୱରରେ କହନ୍ତି "ବଡ଼ ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ, ପୁରୁଷୋତ୍ତମରେ ମହାପ୍ରସାଦ ଖାଇ ବାଇଶି ପାହାଚରେ ଗଡଗଡ଼ଉ ଥାଅ। ଏହି ପର୍ବରେ ବାଣ ଆଉ ଦୀପ ଦାନ ମୂଳରେ ସ୍ୱାସ୍ଥ୍ୟ ବିଜ୍ଞାନ ଦୃଷ୍ଟିରୁ କୀଟ ପତଙ୍ଗ ଓ ଜୀବାଣୁ ନାଶ ଉଦେଶ୍ୟ ନିହିତ। ଏହା ଆଲୋକ ଆନନ୍ଦର ପର୍ବ। ହେଲେ ଚଳିତ ବର୍ଷରେ କରୋନା ଛଡ଼େଇ ନେଇଛି ଏହି ଦୀପାବଳୀର ଆନନ୍ଦ। ତଥାପି ଲୋକଙ୍କ ମୁହଁରେ ଫୁଟି ଉଠିଛି ହସ। ଖେଳି ଯାଉଛି ଖୁସିର ଲହରୀ। ସବୁ ଖୁସି ଛଡେଇ ନେଲେବି ଏହି କରୋନା ମନରୁ ନେଇ ପାରିନି ଭକ୍ତି। ତେଣୁ ଆମେ ମାଙ୍କୁ ପୂଜାର୍ଚ୍ଚନା କରିବାରେ ହେଳା କରିବା ନାହିଁ। ଆମ ହୃଦୟ ମନ୍ଦିରରେ ମା ଶାନ୍ତି ପ୍ରଦାୟିନୀ ବିଜେ କରିଛନ୍ତି।

ସବୁ ନର ନାରୀଙ୍କ ହୃଦୟରେ ଜାତୀୟ ଏକତା, ସାମାଜିକ ମିଳନ, ଧର୍ମ ଭାବନା ଓ ପବିତ୍ର ଭାବ ଏହି ପର୍ବ ସୃଷ୍ଟି କରୁ ଏହା ହିଁ କାମମ୍ୟ।


ଭୁବନେଶ୍ୱର<br>
ଫୋ- ୯୪୩୭୧୧୫୮୬୫


# ଚାପ କମ୍ କରେ ଫୁଲ



ମାନସିକ ଚାପକୁ କମ୍ କରିବାକୁ ଚାହୁଁଥିଲେ ରଙ୍ଗବେରଙ୍ଗର ଫୁଲ ଦେଖିଲେ ଯେତିକି ଆତ୍ମସନ୍ତୋଷ ମିଳେ, ତାହାର ମଧୁର ବାସ୍ନା ପ୍ରଭାବ ମଧ କିଛି କମ୍ ନୁହେଁ ବୋଲି ଅନୁସନ୍ଧାନରୁ ଜଣାପଡିଛି । ଜାପାନର ଶିଟୋମୀ ସହର ନିବାସୀ ହୁଙ୍ଗ୍ କିଓନ୍ ଓ ତାଙ୍କ ପତ୍ନୀ ଶିନ୍ତାଓ ଏହାର ସୁନ୍ଦର ଉହଦାରଣଟିଏ । ସାଧାରଣ ଜୀବନଯାପନ କରୁଥିବା ଏଇ ଦମ୍ପତି କିଛି ବର୍ଷ ତଳେ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଏଥିରେ ଶିନ୍ତାଓ ସବୁଦିନ ପାଇଁ ଦୃଷ୍ଟିଶକ୍ତି ହରାଇଥିଲେ । ଦେଖିନପାରିବା କାରଣରୁ ଶିନ୍ତାଓ ଖୁବ୍ ଚିଡଚିଡା ସ୍ୱାଭାବର ହୋଇଗଲେ । ସାମାନ୍ୟ କଥାରେ ବିରକ୍ତ ପ୍ରକାଶ କରିବା ସହି ତାଙ୍କ ମାନସିକ ସ୍ଥିତି ମଧ ଠିକ୍ ରହିଲାନାହିଁ । ସ୍ୱାମୀ ହୁଙ୍ଗ୍ ଏସବୁ ଦେଖି ବ୍ୟତିବ୍ୟସ୍ତ ହେଲେ, କିନ୍ତୁ ସେ ମଧ ନିରୁପାୟ ଥିଲେ । କ'ଣ ବା କରିପାରିବେ ? ନିୟମିତ ଭାବେ ପତ୍ନୀଙ୍କୁ ପାର୍କ ନେଇଗଲେ । ହୁଙ୍ଗ୍ ଲକ୍ଷ୍ୟ କଲେ ପାର୍କରେ ଯେଉଁ ସବୁ ସ୍ଥାନରେ ସୁଗନ୍ଧିତ ଗଛ ଥିଲା, ସେ ସ୍ଥାନରେ ଶିନ୍ତାଓ ଅଧିକ ସମୟ ଅତିବାହିତ କରିବାକୁ ଚାହୁଁଥିଲେ । ପତ୍ନୀଙ୍କୁ ହାବଭାବ ଦେଖି ସେ ନିଜ ଘର ପାଖ ଜମିରେ ଫୁଲଚାଷ ଆରମ୍ଭ କରିଦେଲେ । ଦିନକେଇଟାରେ ରଙ୍ଗବେରଙ୍ଗ ତଥା ସୁଗନ୍ଧିତ ଫୁଲରେ ଚତୁର୍ଦ୍ଦିଗ ମହକି ଉଠିଲା । ସ୍ୱାମୀ-ସ୍ତ୍ରୀ ଦୁହେଁ ଦିନର ଅଧିକାଂଶ ସମୟ ଏଠି ଅତିବାହିତ କରିଥାନ୍ତି । ହୁଙ୍ଗ୍‌ଙ୍କର ଏଭଳି ପଦକ୍ଷେପକୁ ସ୍ଥାନୀୟ ଅଂଚଳର ଲୋକେ ପ୍ରଶଂସା କରିବା ସହ ଏହା ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳରେ ପରିଣତ ମଧ ହୋଇଛି । ଗବେଷକଦଳ ସ୍ପଷ୍ଟ କରିଛନ୍ତି, ଫୁଲର ବାସ୍ନା ମାନସିକ ଚାପକୁ ଅନେକାଂଶରେ ନିୟନ୍ତ୍ରିତ କରିଥାଏ ।



# ଅପବ୍ୟୟ

ଆୟ ଯଥେଷ୍ଟ ହେଉଛି, ହେଲେ ଅଣ୍ଟୁ ନାହିଁ । ସଞ୍ଚୟ ତ ଦୂରର କଥା ଘର ଖର୍ଚ୍ଚକୁ ବି ନିଅଣ୍ଟ ହେଉଛି । ଅଦରକାରୀ ଖର୍ଚ୍ଚ ବଢ଼ିବଢ଼ି ଚାଲିଛି । ଯେତେ ଚେଷ୍ଟା କଲେ ବି ବ୍ୟୟ କମୁ ନାହିଁ । ମୋଟାମୋଟି ଭାବରେ କହିଲେ ଆୟ ତୁଳନାରେ ବ୍ୟୟ ଅଧିକ ହେଉଛି । ଏହାର କାରଣ ବାସ୍ତୁଦୋଷ ହୋଇପାରେ । ବାସ୍ତୁ ନିମ ଅନୁସାରେ ଏହି ସମସ୍ୟା ଦୂର ହୋଇପାରେ । ନିମ୍ନଲିଖିତ କିଛି ବାସ୍ତୁ ଉପାୟ ପରୀକ୍ଷା କରି ଦେଖନ୍ତୁ, ସମସ୍ୟା ଦୂର ହୋଇପାରେ ।



- ଟଙ୍କା କେଉଁଠି ରଖୁଛନ୍ତି ? ଆଲମିରା ନ । ଟ୍ରେଜେରି ? ଯେଉଁଠି ବି ରଖନ୍ତୁ, ଏତିକି ଦେଖନ୍ତୁ ଉକ୍ତ ସ୍ଥାନ ଉପରେ କିଛି ଜିନିଷ ବା ବସ୍ତୁ ରହିଛି କି । ଯଦି ଥାଏ, ତା ହେଲେ ବାହାର କରି ଦିଅନ୍ତୁ ଉକ୍ତ ସ୍ଥାନ ଉପରେ କିଛି ଜିନିଷ ବା ବସ୍ତୁ ରହିଛି କି । ଯଦି ଥାଏ, ତା ହେଲେ ବାହାର କରିଦିଅନ୍ତୁ କାରଣ ବାସ୍ତୁଶାସ୍ତ୍ର ଅନୁସାରେ ଆଲମିରା ବା ଟ୍ରେଜେରିର ଉପରି ଭାଗ ସମ୍ପୂର୍ଣ୍ଣ ଖାଲି ରହିବା ଉଚିତ୍ । ଯଦି ଉପର ଥାକରେ ଟଙ୍କା ରଖୁଛନ୍ତି ତାକୁ ଦ୍ୱିତୀୟ ଥାକରେ ରଖନ୍ତୁ ।
- ଆଲମିରା ବା ଟ୍ରେଜେରିର ମୁହଁ ଉତ୍ତର ଦିଗକୁ ରହିବା ଉଚିତ । ଏହା ଖର୍ଚ୍ଚକୁ ଶୃଙ୍ଖଳିତ କରେ । ଯଦି ଅନ୍ୟ ଦିଗକୁ ଥାଏ, ତାହେଲେ ଯଥାଶୀଘ୍ର ତାକୁ ଉତ୍ତର ମୁହାଁ କରନ୍ତୁ ।
- ଶୟନକକ୍ଷର ଦ୍ୱାର ସମ୍ମୁଖରେ ଥିବା କାନ୍ଥର ବାମ ପାର୍ଶ୍ୱ ଭାଗ୍ୟ ଓ ସମ୍ପତିର କ୍ଷେତ୍ର । ଏଠାରେ କୌଣସି ଧାତୁ ଦ୍ରବ୍ୟ ରହିଲେ ଉତ୍ତମ ଫଳ ପ୍ରଦାନ କରେ । ତେଣୁ କାନ୍ଥର ସେଇ ସ୍ଥାନରେ କିଛି ଧାତୁ ନିର୍ମିତ ଜିନିଷ ଲଗାନ୍ତୁ ।
- ଘରର କୌଣସି ସ୍ଥାନରେ ଆବର୍ଜନା ରଖନ୍ତୁ ନାହିଁ । ଏହାର ସ୍ଥାନ ଘର ବାହାରେ ଭଙ୍ଗା ବାସନ, ଭଙ୍ଗା ଦର୍ପଣ , ଭଙ୍ଗାକାଚ ବସ୍ତୁ, ଚିରା କପଡ଼ା, ଅବ୍ୟବହୃତ ସାମଗ୍ରୀ ପ୍ରଭୃତି ଘରେ ରହିବା ହାନିକାରକ । ବହୁ ଲୋକ ଏହାକୁ ଶିଡ଼ି ତଳେ ରଖିବାକୁ ପସନ୍ଦ କରନ୍ତି । ସେ ଭୁଲ କରନ୍ତୁ ନାହିଁ । ଘରର ସମସ୍ତ କୋଠରି ଓ କୋଣଗୁଡ଼ିକୁ ପ୍ରତିଦିନ ସଫା କରନ୍ତୁ ଶିଡ଼ି ତଳେ ଥିବା ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।
- ଜଳ ନିଷ୍କାସନ ପାଇଁ ଥିବା ନାଳ କେଉଁ ଦିଗରେ ରହିଛି ତାହା ଲକ୍ଷ୍ୟ କରନ୍ତୁ । ଯଦି ପୂବ ବା ଉତ୍ତର ଦିଗକୁ ଥାଏ ତା ହେଲେ ତାକୁ ବଦଳାଇ ପୂର୍ବ ବା ଉତ୍ତରମୁହାଁ କରନ୍ତୁ ।









# ସୁନ୍ଦରବନ










ସୁନ୍ଦରବନ ହେଉଛି ବିଶ୍ୱର ସର୍ବ ବୃହତ ହେନ୍ତାଳ ବନ । ଗଙ୍ଗା, ବ୍ରହ୍ମପୁତ୍ର ଓ ମେଘନା ନଦୀର ଅବବାହିକାକୁ ନେଇ ପଶ୍ଚିମବଙ୍ଗର ପ୍ରଗଣା ଜିଲ୍ଲାକୁ ଲାଗି ବଙ୍ଗୋପସାଗର କୂଳରେ ରହିଛି୧୦ହଜାର ବର୍ଗ କି.ମି ପରିବ୍ୟାପ୍ତ ଏହି ସୁନ୍ଦରବନ ।

ଦକ୍ଷିଣ ଭାଗରେ ଗଙ୍ଗା ନଦୀର ସୁନ୍ଦରବନ ଡେଲଟା କ୍ଷେତ୍ରରେ ସ୍ଥିତ ଏକ ରାଷ୍ଟ୍ରୀୟ ଉଦ୍ୟାନ, ବାଘ ସଂରକ୍ଷଣ କ୍ଷେତ୍ର ଏବଂ ବାୟୋସ୍ପିଅର ରିଜର୍ଭ କ୍ଷେତ୍ର ଅଟେ । ନିକଟରେ ହୋଇଥିବା ଅଧ୍ୟନରୁ ଜଣାପଡ଼ିଛି ଯେ ଏହି ରାଷ୍ଟ୍ରୀୟ ଉଦ୍ୟାନରେ ବାଘ ସଂଖ୍ୟା ୧୦୩ ଅଟେ । ଏଠାରେ ପକ୍ଷୀ, ସରୀସୃପ ତଥା ମେରୁଦଣ୍ଡ ବିହୀନ ପ୍ରାଣୀ ଅନେକ ପ୍ରଜାତିର ଦେଖାଯାଇଥାନ୍ତି । ଏହା ବ୍ୟତୀତ ଏହଠାରେ କୁମ୍ଭୀର ମଧ ଦେଖାଯାଆନ୍ତି ବର୍ତ୍ତମାନର ସୁନ୍ଦରବନ ରାଷ୍ଟ୍ରୀୟୁଦ୍ୟାନ ୧୯୭୩ରେ ବନ୍ୟ ଜୀବ ଅଭୟାରଣ୍ୟ ଘୋଷିତ ହୋଇଥିଲା । ଏହାକୁ ୪ମେ ୧୯୮୪ ମସିହାରେ ରାଷ୍ଟ୍ରୀୟ ଉଦ୍ୟାନ ଭାବରେ ଘୋଷଣା କରାଯାଇଥିଲା ।

ସୁନ୍ଦରବନ ୫୪ଟି ଛୋଟ ଦ୍ୱୀପର ସମୂହ ଅଟେ । ସୁନ୍ଦରବନ ମହାବଳ ବାଘମାନଙ୍କର ବାସସ୍ଥାନ ଅଟେ । ଏଠାରେ ଅନେକ ଲୋକ ବାଘମାନଙ୍କର ଶୀକାର ହେଉଛନ୍ତି । ବିଶେଷଜ୍ଞଙ୍କ କହିବା ଅନୁସାରେ ଜଳବାୟୁ ପରିବର୍ତ୍ତର କାରଣରୁ ଏଠାରେ ମନୁଷ୍ୟ ଓ ବାଘ ନିକଟତର ହେବାକୁ ପଡ଼େ । ଏପରି ପରିସ୍ଥିତିରେ ଲୋକମାନଙ୍କ ଉପରେ ବାଘଙ୍କର ଆକ୍ରମଣ ବଢ଼ିଥାଏ । ମତ୍ସ୍ୟଜୀବୀ, ମହୁ ସଂଗ୍ରହ କରୁଥିବା ଲୋକ ଓ ଶିକାରୀମାନେ ଜଙ୍ଗଲର ଭିତର ପାଖକୁ ଚାଲିଯାନ୍ତି । ଜଙ୍ଗଲ ଅଧିକାରୀମାନେ ମଧ ଜଙ୍ଗଲର ଭିତର ପାଖକୁ ଚାଲିଯାନ୍ତି ।





## ବନାନୀ ରିସୋର୍ଟ:

ସୁନ୍ଦରବନର ସବୁଠାରୁ ସୁନ୍ଦର ରିସୋର୍ଟ ଭାବରେ ବନାନୀ ରିସୋର୍ଟ ପରିଚିତ । ଏହା ପଖିରାଲା ଦ୍ୱୀପରେ ଅବସ୍ଥିତ । ଗୋସାବାରୁ ଏହା ୮କିମି ଦୂର । ଗୋସାବା ସୁନ୍ଦରବନର ଶେଷ କ୍ଷେତ୍ର । ଏହା ପରେ ସୁନ୍ଦରବନର ଘନ ଜଙ୍ଗଲ ଆରମ୍ଭ ହୋଇଥାଏ ।

## ଚିତଲ ଟୁରିଷ୍ଟ ଲଜ:

ଚିତଲ ଟୁରିଷ୍ଟ ଲଜ ଏକ ସରକାରୀ ଲଜ ଅଟେ ଓ ପର୍ଯ୍ୟଟକମାନଙ୍କର ରହିବା ପାଇଁ ଏଥିରେ ସୁବିଧା ରହିଛି । ସୁନ୍ଦର ଓ ରୋମାଞ୍ଚକ ବନ୍ୟଜୀବନ ସହିତ ଘନ ଜଙ୍ଗଲମଧରେ ସ୍ଥିତି ଚିତୟ ଟୁରିଷ୍ଟ ଲଜ ରହିବା ପାଇଁ ସବୁଠାରୁ ସୁନ୍ଦର ସ୍ଥାନ ଏହା ବ୍ୟତୀତ ହୋଟେଲ କୃତଷ୍ଟାକୁଞ୍ଜ ଓ ଜଙ୍ଗଲ କ୍ୟାମ୍ପ ରିରୋର୍ଟ ରହିଛି । ଏହା ସୁନ୍ଦରବନର ମୁଖ୍ୟ ଜଙ୍ଗଲ ଓ ଟାଇଗର ରିଜର୍ଭରେ ସବୁଠାରୁ ନିକଟତମ ରିସୋର୍ଟ ।

## ଗମନାଗମନର ସୁବିଧା:

ଆପଣ ସୁନ୍ଦରବନକୁ ତିନୋଟି ମାର୍ଗ ଦ୍ୱାରା ଯାଇ ପାରିବେ । କୋଲକାତା ସ୍ଥିତ ଦମଦମ ଏୟାରପୋର୍ଟ ସବୁଠାରୁ ନିକଟବର୍ତ୍ତୀ ଏୟାର ପୋର୍ଟ । ଟ୍ରେନରେ ଯିବାକୁ ହେଲେ ଆପଣ ସିୟାଲଦାହ ରେଲୱେ ଷ୍ଟେସନର ସାହାରା ନେବାକୁ ପଡ଼ିବ । ସୁନ୍ଦରବନ ଭଲ ସଡ଼କ ମାଗ ଦ୍ୱାରା କୋଲଗାତା ସହିତ ଯୋଡ଼ା ହୋଇଛି ।

# ମଠ, ମନ୍ଦିର ସୁରକ୍ଷାରେ ଦେବୋତର ବିଭାଗ ବିଫଳ : ୪୧ ହଜାର ଏକରରୁ ଅଧିକ ସମ୍ପତି ଉଭାନ୍

ବାରିପଦା,୧୩।୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ମଠ ଓ ମନ୍ଦିରଗୁଡ଼ିକ ଅବହେଳିତ ଅବସ୍ଥାରେ ପଡ଼ି ରହିଛି । ହିନ୍ଦୁ ଧର୍ମ ଓ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ନିମନ୍ତେ ସଦସାସର୍ବଦା କାର୍ଯ୍ୟ କରି ଆସୁଥିବା ମଠ ଓ ମନ୍ଦିରଗୁଡ଼ିକ ଏବେ ସଙ୍କଟରେ । ଏଗୁଡ଼ିକର ସୁରକ୍ଷା ଓ ସୁପରିଚାଳନା ପାଇଁ ସରକାର ହିନ୍ଦୁ ଦେବୋତର ଆଇନ ୧୯୫୧ କରିଥିଲେ ମଧ ମୟୂରଭଞ୍ଜ ଜିଲ୍ଲାରେ ମଠ ଓ ମନ୍ଦିରଗୁଡ଼ିକର ସମ୍ପତି ଖୋଲମଖୋଲା ଭାବେ ହଡ଼ପ ହୋଇଆସୁଛି । ଉପଯୁକ୍ତ ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ମଠ ଓ ମନ୍ଦିରଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାକୁ ଆସିଗଲାଣି । ଏଥି ସହିତ ମଠ ଓ ମନ୍ଦିରଗୁଡ଼ିକରେ ମହାପ୍ରଭୂଙ୍କ ପୂଜାର୍ଚ୍ଚନା ଆଦି ମଧ ସୁପରିଚାଳନାର ଘୋର ଅଭାବ ପରିଲକ୍ଷିତ ହୋଇଛି । ଦେବୋତର ଆଇନର ଧାରା ୧୯ ଓ ୧୯(କ)ର ଅପବ୍ୟବହାର ମାଧମରେ ମଠ ଓ ମନ୍ଦିରର ସମ୍ପତି ସମାଜର ପ୍ରଭାବଶାଳୀ ବଡ଼ପଣ୍ଡାମାନେ ହାତେଇବାରେ ଲାଗିଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ଥିବା ମଠ ଓ ମନ୍ଦିରଗୁଡ଼ିକ ନାମରେ ଖଞ୍ଜା ଜମିର ପରିମାଣ ଉଦବେଗଜନକ ଭାବେ ହ୍ରାସ ପାଇ ସାରିଛି । ୨୦୦୮ ଚଇତ୍ର ପର୍ବ ସ୍ମରଣିକାରେ ତତ୍କାଳୀନ ବାରିପଦା ଉପଜିଲ୍ଲାପାଳ ତଥା ଦେବୋତର ବିଭାଗର ନିର୍ବାହୀ ଅଧିକାରୀ ଅଜୟ କୁମାର ନାୟକଙ୍କ ଆଲେଖରୁ ୧୯୬୫ରେ ବାରିପଦା ସିଭିଲ ଜଜ୍ ଙ୍କ ଅଧକ୍ଷତାରେ ହୋଇଥିବା ଏକ ଟ୍ରିବ୍ୟୁନାଲ ରାୟରୁ ଜଣାଯାଏ, ସେ ସମୟରେ ବାରିପଦା ଶ୍ରୀଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ସମ୍ପତିର ପରିମାଣ ଥିଲା ଏ୨୧୭୫୨.୭୯ । ମାତ୍ର ପରବର୍ତି ସମୟରେ ବିଭିନ୍ନ ବ୍ୟକ୍ତି/ ଅନୁଷ୍ଠାନ ଚଂଚକତା କରି ସମ୍ପତିକୁ ନିଜ ନାମରେ କରାଇ ନେଇଛନ୍ତି । ଅଧିକାଂଶ ଜମି ସରକାରୀ ଖାତା ଭୁକ୍ତ ହୋଇଯାଇଛି । ବର୍ତମାନ ଅବଶିଷ୍ଟ ମାତ୍ର ଏ୨୧.୦୪ ଜମି ଠାକୁରଙ୍କ ନାମରେ ରହିଛି । ସରକାରଙ୍କ ସହିତ ମୟୂରଭଞ୍ଜ ଦେଶୀୟ ରାଜ୍ୟ ମିଶ୍ରଣ ଚୁକ୍ତିର ସର୍ତ ଅନୁସାରେ ରାଜଦରବାର ସମୟରେ ପ୍ରଚଳିତ ସମସ୍ତ ଦେବନୀତି ସରକାର ଅବ୍ୟାହତ ରଖିବେ । ତଦନୁଯାୟୀ ରାଜ ଦରବାର ସମୟରେ ମନ୍ଦିରରେ ପାଳନ କରାଯାଉଥିବା ସମସ୍ତ ଦୈନନ୍ଦିନ ନୀତି ଓ ପାର୍ବଣୀ ନୀତିର ବିଶଦ ବିବରଣୀ ଏକ ରେଜିଷ୍ଟରରେ ପଞ୍ଜିକୃତ ହୋଇଛି । ଏହାକୁ ଡ଼ଉଲ ରେଜିଷ୍ଟର କୁହାଯାଉଛି ଏବଂ ଉକ୍ତ ରେଜିଷ୍ଟରରେ ଦୈନନ୍ଦିନ ଭୋଗର ପରିମାଣ, ପାର୍ବଣ ରୀତିନୀତି, ଲୁଗାସଜ, ଉପଢ଼ୌକନ, ସାବାୟତମାନଙ୍କ ଜାଗିର, ପ୍ରସାଦ ପ୍ରାପ୍ୟ, ରଥଯାତ୍ରା ପରମ୍ପରା ଆଦି ସମସ୍ତ ତଥ୍ୟ ବିଷଦ୍ ଭାବେ ଉଲ୍ଲେଖ ରହିଛି ବୋଲି ପୂର୍ବତନ ବାରିପଦା ଉପଜିଲ୍ଲାପାଳ ତଥା ଦେବୋତର ବିଭାଗର ନିର୍ବାହୀ ଅଧିକାରୀ ଅଜୟ କୁମାର ନାୟକଙ୍କ ଲେଖାରୁ ଜଣାପଡ଼ିଛି । ସୂଚନା ଯୋଗ୍ୟ ଯେ, ୧୯୪୯ ଜାନୁଆରୀ ୧ରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ଓଡ଼ିଶା ପ୍ରଦେଶ ସହ ମିଶ୍ରଣ ଓ ଜାନୁଆରୀ ୨ରେ ଓଡ଼ିଶା ପ୍ରଦେଶ ଅଧୀନରେ ସ୍ୱତନ୍ତ୍ର ଜିଲ୍ଲା ଭାବେ ଶାସିତ ହେଲା । ଏହା ପୂର୍ବରୁ ତତ୍କାଳୀନ ମୟୂରଭଞ୍ଜ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ଓ ସରକାରଙ୍କ ମଧରେ ଏକ ଚୁକ୍ତିମାନା ସ୍ୱାକ୍ଷରିତ ହୋଇଥିଲା । ସେହି ସମୟରେ ରାଜଦରବାର ସମୟରେ ଗଡ଼ରେ ଥିବା ସମସ୍ତ ମଠ ମନ୍ଦିରଗୁଡ଼ିକରେ ପ୍ରଚଳିତ ସମସ୍ତ ଦେବନୀତିରେ ଯେପରି କୌଣସି ବିଘ୍ନ ନ ଘଟେ ସେଥି ନିମନ୍ତେ ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ ୪୪ ହଜାର୮୨୨ ଏକର ସମ୍ପତି ସହିତ କୋଟି କୋଟି ଟଙ୍କା ମୂଲ୍ୟର ମଣି ବୈଦ୍ୟୁର୍ଯ୍ୟ ମଣ୍ଡିତ ବିଭିନ୍ନ ସ୍ୱର୍ଣ୍ଣ ଓ ରୌପ୍ୟ ଅଳଙ୍କାର ପ୍ରଦାନ କରିଥିଲେ । କିନ୍ତୁ, ବର୍ତମାନ ୪୧ ହଜାର ଏକରରୁ ଅଧିକ ସମ୍ପତି ଉଭାନ ହୋଇଯାଇଥିବା ବେଳେ ଅଳଙ୍କାରର ସଠିକ୍ ହିସାବ ମିଳିବା ଅସମ୍ଭବ ହୋଇ ପଡ଼ିଛି । ଦେବୋତର ବିଭାଗର ଅପାରଗତା ହେଉ ଅଥବା ଅନ୍ୟ କୌଣସି କାରଣରୁ ହେଉ ନିଜ ଦାୟିତ୍ୱ ସଠିକ୍ ଭାବେ ସମ୍ପାଦନ କରାଇବାରେ ବିଫଳ ହୋଇଛନ୍ତି । ଫଳରେ ମହାପ୍ରଭୂ ଅଚଳାଚଳ ସମ୍ପତିର ମାଲିକ ହୋଇ ମଧ ବିଭିନ୍ନ ସମୟରେ ଭୋକ ଉପବାସରେ ରହୁଥିବା ସମୟରେ ତାଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତି ହରିଲୁଟ ହେବାରେ ଲାଗିଛି । ମୟୂରଭଞ୍ଜ ଜିଲ୍ଲାରେ ମଠ ଓ ମନ୍ଦିର ନାମରେ ଥିବା ସମ୍ପତିର ପୁର୍ନଉଦ୍ଧାର ଦାବିରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୂଙ୍କ ସେବାୟତମାନେ ପଦଯାତ୍ରାରେ ଭୁବନେଶ୍ୱର ଯାଇ ମୁଖ୍ୟମନ୍ତ୍ରୀ ନବୀନଙ୍କ ସହିତ ଆଲୋଚନା କରିଥିଲେ ମଧ ସରକାର ଅଦ୍ୟାବଧି କୌଣସି ଆଖିଦୃଶିଆ ପଦକ୍ଷେପ ନେବାରେ ସଫଳ ହୋଇ ପାରି ନାହାନ୍ତି । ଏହି ସମୟରେ ରାଜ୍ୟ ମାନବିକ ଅଧିକାର କମିଶନର ସ୍ଥାୟୀ ସଦସ୍ୟ ତଥା ମୟୂରଭଞ୍ଜ ଜିଲ୍ଲା ବାର୍ ଆସୋସିଏସନର ସଦସ୍ୟ ବିଶିଷ୍ଟ ଯୁବ ଆଇନଜୀବୀ ଅରବିନ୍ଦ ଦାସ ଦେବୋତର ସମ୍ପତିର ପୁର୍ନ ଉଦ୍ଧାର ନିମନ୍ତେ ଅଂଟା ଭିଡ଼ି ଆଗେଇ ଆସିଛନ୍ତି । ଗତ ଅକ୍ଟୋବର ୨୩ରେ ଓଡ଼ିଶା ଦେବୋତର ବିଭାଗର ସହକାରୀ ଏଣ୍ଡୋମେଂଟ କମିଶନର ସୁମନ କୁମାର ଜେନାଙ୍କ ବାରିପଦା ଗସ୍ତ ସମୟରେ ତାଙ୍କୁ ସାକ୍ଷାତ କରି ହରିଲୁଟ୍ ହୋଇଥିବା ସମ୍ପତି ଗୁଡ଼ିକ ମଧରୁ କେତେକ ସମ୍ପତିର ଦସ୍ତାବିଜ ସହ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଆଇନଜୀବୀ ଶ୍ରୀଦାସଙ୍କ ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିବା ବେଳେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ଓଡ଼ିଶା ପ୍ରଦେଶ ସହ ମିଶ୍ରଣ ସମୟରେ ମୟୂରଭଞ୍ଜ ଜିଲ୍ଲାରେ ମଠ ଓ ମନ୍ଦିର ନାମରେ କେତେ ପରିମାଣରେ ସ୍ଥାବର ଓ ଅସ୍ଥାବର ସମ୍ପତି ରହିଥିଲା, କେତେ ପରିମାଣରେ ସମ୍ପତି କାହାକୁ କେଉଁଥି ପାଇଁ ବିକ୍ରି ବା ଲିଜ୍ ଆଦିରେ ପ୍ରଦାନ କରାଯାଇଛି, କେତେ ପରିମାଣରେ ସମ୍ପତି କେଉଁମାନେ ଜବର ଦଖଲରେ ରଖିଛନ୍ତି ଏବଂ ବର୍ତମାନ କେତେ ପରିମାଣରେ ସମ୍ପତି କେଉଁ ମଠ ଓ ମନ୍ଦିର ନାମରେ ରହିଛି ସେ ସମ୍ପର୍କରେ ଏକ

## ଜିଲ୍ଲାର ସହରରେ ଧନତରେସ୍ ପ୍ରଭାବ

ନୂଆପଡା,୧୩।୧୧ (ନି.ପ୍ର): ନୂଆପଡା ଜିଲ୍ଲାର ପୁରପଲ୍ଲୀରେ ଆଜି ଧନତେରସ ଉତ୍ସବ ପାଳିତ ହେଉଅଛି । ଆଜିର ଦିନକୁ ଭିନ୍ନ ଢଙ୍ଗରେ ପାଳନ କରୁଥିବା ବେଳେ ଧନତେରସ ଦିନ ନିଜ ଘରକୁ ନୂତନ ମୂଲ୍ୟବାନ ଦ୍ରବ୍ୟ ଆଣି ପୂଜା କଲେ ଦେବୀ ଲକ୍ଷ୍ମୀ ସ୍ୱପ୍ନ ହେଉଥିବା ବିଶ୍ୱାସ ରହିଛି । ତେଣୁ କରି ଆଜି ଜିଲ୍ଲାର ପ୍ରମୁଖ ସହର ଖଡିଆଳ, ନୂଆପଡା ଏବଂ ଖରିଆର ରୋଡରେ ବ୍ୟାପକ ସୁନା, ରୂପା ଗହଣା ବିକ୍ରୀ ହେଉଥିବା ବେଳେ ଆଜିର ଦିନ କୋଟି କୋଟି ଟଙ୍କାର ବ୍ୟବସାୟ ହୋଇଅଛି । ଭୁବନେଶ୍ୱର, କଟକ ଓ ବ୍ରହ୍ମପୁର ସହର ପରି ନୂଆପଡା, ଖରିଆର ରୋଡ, ଖଡିଆଳରେ ମଧ୍ୟ ଧନତରେସର ଯୋରଦାର ପ୍ରଭାବ ପଡିଛି । ଘରର ଦ୍ୱାର ମୁହରେ ମାଟି ଦୀପ ଜାଳି ବିଭିନ୍ନ ରକମର ଆଲୋକ ସାଜସଜ୍ୟାରେ ସହର ଉତ୍ସବ ମୁଖରୀତ ହେଉଅଛି । ଦୀପାବଳୀ ଆଲୋକର ପର୍ବ ରୁପେ ସମଗ୍ର ଅ ଳ ପାଳନ କରି ତିନି ଦିନ ଧରି ନିଜ ଘରକୁ ଆଲୋକ ସଜାଇ ଦେଇଥାନ୍ତି । ଅନ୍ୟପକ୍ଷରେ ମହାମାରୀ କରୋନା କାରଣରୁ ବାଣ ଫୋଟକା ବିକ୍ରୟ ବନ୍ଦ କରାଯାଇଛି । ନୂଆପଡା, ଖରିଆର ରୋଡ ଓ ଖଡିଆଳ ଠାରେ ଏକ ସ୍ୱତନ୍ତ୍ର ଫଟକା ବଜାର ବସିଥାଏ । ହେଲେ ଚଳିତ ବର୍ଷ ଏନଏସି ପକ୍ଷରୁ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ଲୋକଙ୍କୁ ବାର୍ତା ଦେଇ ଫୋଟବା ବିକ୍ରୟ, କ୍ରୟ ଏବଂ ଫୁଟାଇବାକୁ ବାରଣ କରାଯାଇଛି । ଫଳରେ ଚଳିତ ବର୍ଷ ଦୀପ, ଆଲୋକ, ଲିଚୁ ଲଗାଇ ଦୀପାବଳୀ ପାଳନ କରିବେ ।

## ଉତ୍କଳ ଗ୍ରାମୀଣ ବ୍ୟାଙ୍କରେ ଶ୍ରମିକ ଅଶାନ୍ତି

ଜୟପୁର,୧୩।୧୧ (ନି.ପ୍ର): ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଓଡିଶାର ୧୭ଟି ଜିଲାର ୪୩୭ ଶାଖାକୁ ନେଇ ସାଧାରଣ ଖଟିଖିଆ ଓ ଆର୍ଥିକ ଅନଗ୍ରସର ମାନଙ୍କୁ ନିରନ୍ତର ଭାବରେ ଦୀର୍ଘ ୩୦ ବର୍ଷରୁ ଅଧିକ ସମୟରେ ସେବା ପ୍ରଦାନ କରିଆସୁଅଛି । ବ୍ୟାଙ୍କର କର୍ମଚାରି ଗଣ ସମସ୍ତ ସୁଖ ସୁବିଧା ପରିତ୍ୟାଗ କରି ଅତ୍ୟନ୍ତ କଷ୍ଟ କର ବରିସ୍ଥିତିରେ ବିଭିନ୍ନ ଦୁର୍ଗମ ଅ ଳରେ ରହି ସରକାର ଙ୍କ ପ୍ରୟାଜିତ ବିଭିନ୍ନ କାୟ୍ୟକ୍ରମ କୁ ଆର୍ଥିକ ଅନଗ୍ରସର ଲୋକଙ୍କ ପାଖରେ ପହ ।ଇବା ଦାୟିତ୍ୱ ତୁଲାଇ ଆସୁଛନ୍ତି । ଏହି ବ୍ୟାଙ୍କ ଆସିଥିବା ଅଧ୍ୟକ୍ଷ ଓ ମହାପ୍ରବନ୍ଧକ ଙ୍କ ଖାଣଣ ଖିଆଲି ଓ ଏକ ଚାଟିଆ ମନବୃତି ଯୋଗୁଁ ଶତାଧିକ କର୍ମଚାରିଙ୍କ ମନରେ ଅଶାନ୍ତି ଦେଖାଯାଇଛି । କରୋନା ପ୍ରକୋପରେ ସମସ୍ତ ଗଞ୍ଜାମ ଜିଲା ଥର ହର ହୋଉଥିବା ବେଳେ ସେ ହି ସମୟରେ ବ୍ୟାଙ୍କ କର୍ତୃପକ୍ଷଙ୍କ ଖାମ ଖିଆଲି ମନୋ ଭାବ ଯୋଗୁଁ ଶହ ଶହ ସାଧାରଣ ଲୋକ ଓ କର୍ମଚାରୀ କରୋନା ଭୁତାଣୁର ଶୀକାର ହେବାର ଆଶଙ୍କା କରି ହୃଷିକେଷ ପାତ୍ର ସ୍ୱର ଉତୋଳନ କରିଥିଲେ । ତାଙ୍କୁ ବ୍ୟାଙ୍କ କର୍ତୃପକ୍ଷ ଇର୍ଷାପରାୟଣ ହୋଇ ଯୋଜନା ମୁତାବକ ତାଙ୍କ ନାମରେ ଜଣେ କର୍ମଚାରିଙ୍କୁ ମାଡ ମାରିବା ଅଭିଯୋଗରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରି ସରକାରଙ୍କ ନିୟମକୁ ଅଣଦେଖା କରି ୧୬୦ କିମି ଦୁରରେ ଫୁଲବାଣି ଆଂଚଳିକ କାର୍ଯ୍ୟାଳୟକୁ ବଦଳି କରିଥିଲେ । ଏହା କୁ ବିରୋଧ କରି ଆସନ୍ତା ୨୪ ଓ ୨୫ ତାରିଖରେ ଆନ୍ଦୋଳନ ହେବ ଓ ୨୭ ତାରିଖରେ ବଲାଙ୍ଗିର ମୁଖ୍ୟ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ସାଧାରଣ ସମ୍ପାଦକ ପୁଲିନ ମିଶ୍ର ପ୍ରେସ ଇସ୍ତାହାରରେ ଜଣାଇଛନ୍ତି ।

## ତନ୍ତ୍ର ସାଧନା ପାଇଁ ଶିଶୁବଳୀ, ଦୁଇ ଆସାମୀକୁ ଆଜୀବନ କାରାଦଣ୍ଡ

କେନ୍ଦ୍ରାପଡ଼ା,୧୩।୧୧ (ନି.ପ୍ର): ତନ୍ତ୍ର ସାଧନା ପାଇଁ ଜଣେ ୮ ବର୍ଷର ନାବାଳକର ଗଳାକାଟି ବଳି ଦେଇଥିବା ଦୁଇ ଆସାମୀକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯିବା ସହ ୬୦ ହଜାର ଟଙ୍କା ଲେଖାଏଁ ଜୋରିମାନା କରାଯାଇଛି । କେନ୍ଦ୍ରାପଡାର ମାନ୍ୟବର ଜିଲ୍ଲା ଦୌରା ଜଜ ବାସୁଦେବ ପଣ୍ଡାଙ୍କ କୋର୍ଟ ତଥ୍ୟ ପ୍ରମାଣ ଆଧାର ରେ ଦୁଇ ଅଭିଯୁକ୍ତ ଚୌଧୁରୀ ଅବିନାଶ ଦାସ ଓ ବୈକୁଣ୍ଠ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ କରିଛନ୍ତି । ଘଟଣା ମୁତାବକ ମାର୍ଶାଘାଇ ଥାନା ଅନ୍ତର୍ଗତ ଗୋଖାପଡା ଗ୍ରାମରେ ୨୦୧୫ ମସିହା ଏପ୍ରିଲ ୧୩ ତାରିଖ ମହାବିଷୁଭ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ଏକ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ଯଜ୍ଞ ଓ ମେଳା ଦେଖିବା ପାଇଁ ସେହି ଗ୍ରାମର ପ୍ରତାପ ଚନ୍ଦ୍ର ନାୟକଙ୍କ ଏକମାତ୍ର ପୁଅ ରାଜା ଓରଫ ରାଜ କିଶୋର ନାୟକ (୮) ସାଙ୍ଗସାଥୀ ମାନଙ୍କ ସହ ମେଳା ଦେଖିବାକୁ ଯାଇଥିଲା । ସାଙ୍ଗସାଥୀ ମାନେ ଫେରି ଆସିଥିଲେ ମଧ ରାଜା ନିଖୋଜ ହେବାରୁ ତା ମା ପୂର୍ଣ୍ଣିମା ନାୟକ ବହୁ ଖୋଜା ଖୋଜି କରି ପାଇନଥିଲେ । ପରଦିନ ମଧାହ୍ନ ଗୋଟାଏ ସମୟରେ ଗ୍ରାମର ଦକ୍ଷିଣ ପାର୍ଶ୍ୱରେ ଥିବା ଲୁଣା ନଦୀ କୂଳରେ ରାଜାର ଶବ ପଡିଥିବା ଖବର ମିଳିଥରଲା । ପୁଅର ଗଳା ଧାରୁଆ ଅସ୍ତ୍ରରେ କଟାଯାଇ ହତ୍ୟା କରାଯାଇ ଥିବା ଦେଖିଥିଲେ । ଏ ନେଇ ରାଜାଙ୍କ ମା ପୂର୍ଣ୍ଣିମା ନାୟକ ୧୪.୦୪.୨୦୧୫ ରେ ମାର୍ଶାଘାଇ ଥାନାରେ ଏତଲା ଦେଇଥିଲେ । ପୋଲିସ ପକ୍ଷରୁ ୮୭/୨୦୧୫ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇ ଥିଲା । ଏଥିରେ ପୋଲିସ ଅନୁସନ୍ଧାନ କରି ସେହି ଗ୍ରାମର ଚୌଧୁରୀ ପ୍ରହଲ୍ଲାଦ ଦାସଙ୍କ ପୁଅ ଚୌଧୁରୀ ଅବିନାଶ(୫୩) ଓ ହୃଷିକେଶ ଦାସଙ୍କ ପୁଅ ବୈରାଗୀ ଓରଫ ବୈକୁଣ୍ଠ ନାଥ ଦାସ (୪୩)ଙ୍କୁ ଅଭିଯୁକ୍ତ ଭାବେ ଗିରଫ କରିଥିଲା । ଏଥିରେ ଅଭିଯୁକ୍ତ ମାନଙ୍କ ବିରୋଧରେ ୩୬୩/ ୩୬୪/୩୬୫/୩୬୮/୩୦୨/ ୨୦୧/ ଓ ୩୪ ଆଇପିସି ଧପଂାରେ ମାମଲା ରୁଜୁ କରାଯାଇ ଥିଲା । ଏହି ମାମଲାର ବିଚାର କରି ମାନ୍ୟବର ଦୌରା ଜଜ ବାସୁଦେବ ପଣ୍ଡାଙ୍କ କୋର୍ଟ ଏହି ଦୁଇ ଆସାମୀକୁ ଗୁରୁବାର ଆଜୀବନ କାରାଦଣ୍ଡ ସହ ୬୦ ହଜାର ଲେଖାଏଁ ଜୋରିମାନା ରେ ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ ପିପି ମାନସ ବେହେରା ଓ ସହକାରୀ ସଂଜୟ କୁମାର ଜେନା ମାମଲା ପରିଚାଳନା କରିଥିବା ବେଳେ ଆସାମୀ ମାନଙ୍କ ପକ୍ଷରୁ ବିଚିତ୍ରାନନ୍ଦ ସାହୁ ମାମଲା ପରିଚାଳନା କରିଥିଲେ ।

## ଟ୍ରେନରେ ବାଣ ପରିବହନ ବିରୁଦ୍ଧରେ ପୂର୍ବତଟ ରେଳପଥର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୧୩।୧୧ (ନି.ପ୍ର): ଟ୍ରେନ୍ ଯାତ୍ରା ସମୟରେ ଦହନଶୀଳ ପଦାର୍ଥ ଯଥା ଫଟକା, ଗ୍ୟାସ୍ ସିଲିଣ୍ଡର, ଏସିଡ୍, ପେଟ୍ରୋଲ, କିରୋସିନି ଇତ୍ୟାଦି ଜ୍ୱଳନ୍ତ ତଥା ବିସ୍ଫୋରକ ଜିନିଷ ପରିବହନ କରିବା ରେଳବାଇ ଅଧିନିୟ. ୧୯୮୯ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଟେ ଏବଂ ଅପରାଧବ ୩ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ପାଇପାରନ୍ତି । ଟ୍ରେନ୍ ଯାତ୍ରାକୁ ଅଧିକ ନିରାପଦ କରିବା ପାଇଁ ପୂର୍ବତଟ ରେଳପଥ ଯାତ୍ରୀ ମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରିଛି ଏବଂ ପରିବହନ ନ କରିବା ସହ ସେମାନଙ୍କ ସହ ଯାତ୍ରୀ ମାନଙ୍କୁ ଜ୍ୱଳନ୍ତ କିମ୍ବା ବିସ୍ଫୋରକ ଜିନିଷ ଟ୍ରେନରେ ବହନ କରିବାକୁ ଦିଅନ୍ତୁ ନାହିଁ । ଦୀପାବଳୀ ଯେତିକି ପାଖେଇ ଆସୁଛି, ପୂର୍ବତଟ ରେଳପଥ ଯାତ୍ରୀ ଏବଂ ମେଲ/ ଏକ୍ସପ୍ରେସ୍ ଟ୍ରେନ୍‌ରେ ଫଟକା ଅଥବା ବିସ୍ଫୋରକ ପଦାର୍ଥ ପରିବହନକୁ ବାରଣ ପାଇଁ କଡ଼ା ପଦକ୍ଷେପ ଗ୍ରହଣ କରିଛି । ଟ୍ରେନ୍ ଯାତ୍ରା ସମୟରେ ଜ୍ୱଳନ୍ତ ଜିନିଷ ବହନ କରିବା କଠୋର ନିଷେଧ । ଦୀପାବଳୀ ଉତ୍ସବ ସମୟରେ ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ଟ୍ରେନରେ ଜ୍ୱଳନ୍ତ ଜିନିଷ ବହନ ନ କରିବା ପାଇଁ ଏକ ସ୍ୱତନ୍ତ୍ର ସୁରକ୍ଷା ପ୍ରକ୍ରିୟା ପୂର୍ବତଟ ରେଳପଥ ପକ୍ଷରୁ ଆରମ୍ଭ କରାଯାଇ ଏହାର ସମସ୍ତ ତିନୋଟି ରେଳବାଇ ମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼୍, ସମ୍ବଲପୁର ଏବଂ ୱେଲ୍ଟେୟାରକୁ କଡ଼ା ପଦକ୍ଷେପ ନେବାପାଇଁ ପରାମର୍ଶ ଦେଇଛି । ଯଦି କୌଣସି ଯାତ୍ରୀ ଜ୍ୱଳନ୍ତ ଜିନିଷ ନେଉଥିବାର ଦେଖାଯାଏ, ତେବେ ଟ୍ରେନ ଯାତ୍ରୀ ମାନଙ୍କୁ ବିପଦରୁ ରକ୍ଷା କରିବା ପାଇଁ ସହ-ଯାତ୍ରୀ ମାନଙ୍କୁ ରେଳ ସୁରକ୍ଷା ବଳ (ଆରପିଏଫ୍) ଏବଂ ସରକାରୀ ରେଳ ପୋଲିସ (ଜିଆରପି) କର୍ମକର୍ତା, ଟିଟିଇ, କୋଚ ଆଟେଣ୍ଡେଂଟ, ଷ୍ଟେସନ ପରିଚାଳକ, ଟ୍ରେନର ଗାର୍ଡ଼ ମାନଙ୍କୁ ସୂଚନା ଦେବାକୁ ଅନୁରୋଧ କରାଯାଇଛି । ଯାତ୍ରୀମାନେ ଟ୍ରେନ୍ ଚଳାଚଳ ସମ୍ବନ୍ଧୀୟ କୌଣସି ଘଟଣା ବିଷୟରେ ଜଣାଇବାକୁ ହେଲ୍ପ ଲାଇନ୍ ନମ୍ବର ୧୮୨ କୁ ଫୋନ୍ କଲ କରିପାରିବେ । ଟ୍ରେନ୍ ଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କୁ ଫଟକା ଏବଂ ବିସ୍ଫୋରକ ପଦାର୍ଥ ପରିବହନ କରିବାର ବିପଦ-ବିଷୟରେ ଅବଗତ କରାଇବା ପାଇଁ ପୂର୍ବତଟ ରେଳପଥ ସୁରକ୍ଷା ବିଭାଗ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଛି । ଫଟକା ପରିବହନ ନେଇ କୌଣସି ସନ୍ଦେହ ହେଲେ ଏହି ପରିପ୍ରେକ୍ଷୀରେ ଯାତ୍ରୀମାନେ ରେଳବାଇ କର୍ମଚାରୀଙ୍କୁ ଜଣାଇବାକୁ କୁହାଯାଇଛି ଏବଂ ରେଳବାଇ ପକ୍ଷରୁ ଟ୍ରେନରେ ଏହି ଅନିୟମିତତା ସମ୍ବନ୍ଧରେ କଡ଼ାକଡ଼ି ଯାଂଚ କରାଯାଉଛି ।

## ଆଜିଠାରୁ ସାରା ରାଜ୍ୟରେ ନିଖିଳ ଭାରତ ସମବାୟ ସପ୍ତାହ ପାଳିତ ହେବ - ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୧୩।୧୧ (ନି.ପ୍ର): ଚଳିତ ନଭେମ୍ବର ୧୪ରୁ ୨୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ୬୭ତମ ନିଖିଳ ଭାରତ ସମବାୟ ସପ୍ତାହ କୋଭିଡ଼୍-୧୯ ମାର୍ଗଦର୍ଶିକାର ଅନୁପାଳନପୂର୍ବକ ଭର୍ଚୁଆଲ ଏବଂ ଡିଜିଟାଲ୍ ମାଧ୍ୟମରେ ଏହା ପାଳନ କରାଯିବ । ଏହି ଅବସରରେ କୋଭିଡ଼୍-୧୯ ଭଳି ଏକ ଅସ୍ୱାଭାବିକ ସ୍ଥିତିରେ କୃଷି ଓ କୃଷକ ମାନଙ୍କୁ ସମବାୟ ସଂସ୍ଥା ଯୋଗାଇ ଦେଇଥିବା ସେବାର ସଫଳ କାହାଣୀ ଓ ଆଗାମୀ ଦିନରେ ଗ୍ରହଣ କରାଯିବାକୁ ଥିବା କାର୍ଯ୍ୟକ୍ରମର ବାର୍ତାକୁ ଡିଜିଟାଲ୍ ମାଧମରେ ଲୋକମାନଙ୍କ ନିକଟରେ ବ୍ୟାପକ ଭାବେ ପହଂଚାଇବାକୁ ପ୍ରୟାସ କରାଯିବ ବୋଲି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ରାଜ୍ୟରେ ସମବାୟ ସପ୍ତାହ ପାଳନ ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇ ସମସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ କରାଯାଇଥିଲା । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ନଭେମ୍ବର ୧୯ ତାରିଖରେ ଏକ ୱେବିନାରର ଆୟୋଜନ କରାଯିବ । ଏହା ପୂର୍ବରୁ ୧୯ଟି ଏଆରସିଏସ୍ ସ୍ତରରେ ଏବଂ କଟକ, ବ୍ରହ୍ମପୁର ଓ ସମ୍ବଲପୁରଠାରେ ଆଂଚଳିକ ସ୍ତରରେ ମଧ୍ୟ ୱେବିନାର ମାଧ୍ୟମରେ ଆଲୋଚନା ଚକ୍ରର ଆୟୋଜନ କରାଯିବ । ଚଳିତ ବର୍ଷ ସମବାୟ ସପ୍ତାହ ପାଳନ ଉପଲକ୍ଷେ ଆୟୋଜିତ ୱେବିନାରର ବିଷୟବସ୍ତୁ କୋଭିଡ଼୍ ମହାମାରୀ ଓ ସମବାୟ ରଖାଯାଇଛି । କୃଷି ଓ କୃଷକଙ୍କ ବିକାଶ ସହିତ ରାଜ୍ୟର ଅର୍ଥନୈତିକ ଓ ସାମାଜିକ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ସମବାୟର ଆଭିମୁଖ୍ୟ ସମ୍ପର୍କରେ ଲୋକଙ୍କୁ ଜଣାଇ ଅଧିକାରୁ ଅଧିକ ଲୋକଙ୍କୁ ସମବାୟ ପରିସର ମଧକୁ ଆଣିବା ନିମନ୍ତେ ବ୍ୟାପକ ଜନସଚେତନତା ଉପରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଗୁରୁତ୍ୱାରୋପ କରିଥିଲେ । ଏଥି ସହିତ ସମବାୟ ସଂସ୍ଥା ଗୁଡ଼ିକ ନିଜ ନିଜ ଅଂଚଳରେ ଧାନ କିଣା, ଚାଷୀଙ୍କୁ ଅଧିକ ଫସଲ ଋଣ ପ୍ରଦାନ ଆଦିରେ ହାସଲ କରିଥିବା ସଫଳତାର ବାର୍ତାକୁ ବ୍ୟାପକ ଭାବେ ପ୍ରଚାର ପ୍ରସାର କରିବା ପାଇଁ ନିଷ୍ପତି ନିଆଯାଇଥିଲା । ଏହି ଅବସରରେ ଭୁବନେଶ୍ୱରସ୍ଥିତ ରାଜ୍ୟ ସମବାୟ ଭବନ ସମେତ ସମସ୍ତ ସହର ଓ ପୁରପଲ୍ଲୀରେ ଥିବା ପ୍ରତ୍ୟେକ ସମବାୟ ସଂସ୍ଥାରେ ୧୪ ତାରିଖ ପୂର୍ବାହ୍ନରେ ସମବାୟ ପତାକା ଉତୋଳନ କରାଯିବ । ସମବାୟ ସପ୍ତାହ ପାଳନ ଉପଲକ୍ଷେ ପ୍ରକାଶ ପାଉଥିବା ସ୍ମରଣିକା ଓ ସମବାୟ ମାର୍ଗଦର୍ଶିକାକୁ ଡିଜିଟାଲ ମାଧ୍ୟମରେ କରାଯାଇ ଏହାର କପି ସମସ୍ତଙ୍କ ନିକଟକୁ ପ୍ରେରର କରିବା ପାଇଁ ନିଷ୍ପତି ହୋଇଥିଲା । ଏହି ଭର୍ଚୁଆଲ ବୈଠକରେ ସମବାୟ ବିଭାଗର ବରିଷ୍ଠ ଅଧିକାରୀ, ନିବନ୍ଧକ, ସମବାୟ ସମିତି ସମୂହ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକଙ୍କ ସମେତ ସମସ୍ତ ଏଆରସିଏସ୍, ଡିଆରସିଏସ ଏବଂ ଓଡ଼ିଶା ରାଜ୍ୟ ସମବାୟ ୟୁନିୟନର କର୍ମକର୍ତା, ବିଭିନ୍ନ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଇଫକୋର ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ ।

## ଆଇପିଏଲ-୨୦୨୦କୁ ନେଇ ବେଟିଂ ଅଭିଯୋଗରେ ୩ ବୁକି ଗିରଫ

ବାରିପଦା,୧୩।୧୧ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହ ଆଖପାଖ ଅଂଚଳରେ ଆଇପିଏଲ-୨୦୨୦କୁ ନେଇ ବେଟିଂ ଚାଲିଥିବାର ଆରକ୍ଷୀ ଅଧିକ୍ଷକ ସ୍ମିଥ ପି ପରମାରଙ୍କ ନିକଟରେ ସୂଚନା ପହଁଚିଥିଲା ଏବଂ ଏବଂ ତାଙ୍କର ନିର୍ଦ୍ଦେଶ କ୍ରମେ ବାରିପଦା ଟାଉନ ଥାନା ଏସ୍ଆଇ ଆର. କେ. ବେହେରା ଓ ଅଶୋକ କୁମାର ବାରିକ, ଏଏସ୍ଆଇ ଜି. ଏସ୍. ପରିଡ଼ା, ତୁଷାରକାନ୍ତ ପରିଡ଼ା ଓ ବାସନ୍ତୀ ସିଂ ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ଓ ପୁଲିସର ସିଭିଲ ସ୍କ୍ୱାର୍ଡ଼ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବାରିପଦା ପୌରପରିଷଦର ୱାର୍ଡ଼ ନମ୍ବର ୨୩ ତୁଳସୀଚଉରା ଅଂଚଳର ହୃଷିକେଶ ସାହୁଙ୍କ ପୁଅ ତ୍ରିଲୋଚନ ସାହୁ, ଭଞ୍ଜପୁର ବୁଢ଼ିଖମାର ଶାସନ ଅଂଚଳର ଶୁକଦେବ ମଣ୍ଡଳଙ୍କ ପୁଅ ନାରାୟଣ ମଣ୍ଡଳ ଏବଂ ୱାର୍ଡ଼ ନମ୍ବର-୧, ବାବୁସାହି ଅଂଚଳର ସ୍ୱର୍ଗତ ଲମ୍ବୋଦର ସାହୁଙ୍କ ପୁଅ ସରୋଜ କୁମାର ସାହୁ ଆଇପିଏଲ-୨୦୨୦କୁ ନେଇ ଅନଲାଇନ କ୍ରିକେଟ ଗୁରୁ ଆପ୍ସ ମାଧମରେ ଅଫ୍ ଲାଇନରେ ଏକ କ୍ରିମିନାଲ ସିଣ୍ଡିକେଲ ଓ ରେକେଟ ଚଳାଇ ବେଟିଂ ପରିଚାଳନା କରୁଥିବା ଅବସ୍ଥାରେ ପୁଲିସ ହାତରେ ଧରାପଡ଼ିଥିଲେ । ବାରିପଦା ଟାଉନ ଥାନା ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ନଗଦ ୪୧,୧୩୦ ଟଙ୍କା ଓ ୩ଟି ମୋବାଇ ଫୋନ ଜବତ କରିଥିଲେ । ଏହାପରେ ଅଭିଯୁକ୍ତ ତ୍ରିଲୋଚନ ସାହୁ, ନାରାୟଣ ମଣ୍ଡଳ ଓ ସରୋଜ କୁମାର ସାହୁଙ୍କ ନାମରେ ଭାରତୀୟ ଦଣ୍ଡବିଧି ଆଇନ ଧାରା ୨୯୪(ଏ), ୪୨୦, ୩୪ ଏବଂ ଓପିଜି ଆକ୍ଟ ଧାରା ୩ ଅନୁସାରେ କେଶ ନଂ ୭୮୨/ ୨୦୨୦ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବାର ଜଣାପଡ଼ିଛି ।

## ଷ୍ଟଲ ଭଡା ୬ ମାସର ସମ୍ପୁର୍ଣ୍ଣ ଛାଡ କରିବାକୁ ଦାବୀ

ଜୟପୁର,୧୩।୧୧ (ନି.ପ୍ର): ପବ୍ଲିକ ରାଇଟ ଆସୋସିଏସନ ଅବିଭକ୍ତ କୋରାପୁର ଜିଲା ତରଫରୁ ବୈପାରିଗୁଡା ବ୍ଲକ ମହୁଲି ସରପଂଚକୁ ଦାବୀ ପତ୍ର ପ୍ରଦାନ କରାଯାଇଛି । ଆସୋସିଏସନର ସଭାପତି ଦେବେନ୍ଦ୍ର ବାହୀନିପତି ଉକ୍ତ ଦାବୀ ପତ୍ର ପ୍ରଦାନ କରିଥିବା ବେଳେ ବିଚଲକୋଟା (କୋଟା ଛକ) ରେ ଥିବା ପଂଚାୟତ ଷ୍ଟଲ ଗୃହ ଭଡା ସୁତ୍ର ରେ ନେଇଥିବା ଷ୍ଟଟ ଗୃହିତା ଙ୍କ କୋରନା କାଳର ଷ୍ଟଲ ଭଡା ଛାଡ କରିବାକୁ ଦାବୀ କରାଯାଇଛି । କାରାଣ ରାଜ୍ୟ ସରକାରଙ୍କ କୋଭିଡ -୧୯ ଗାଇଡ ଲାଇନ ପ୍ରକାରେ ସେମାନେ ଦୀର୍ଘ ଦିନଧରି ସେ ମାନଙ୍କ ବ୍ୟବସାୟ ବନ୍ଦ ରଖିଥିବା କାରଣ ରୁ ସେମାନେ ଆର୍ଥିକ ଆନାଟନର ସମ୍ମୁଖିନ ହେଉଛନ୍ତି । ତେଣୁ ମାନବାଧିକାରର ସୁରକ୍ଷା ଦୃଷ୍ଟିରୁ ସେ ମାନଙ୍କ ଷ୍ଟଲ ଭଡା ବିଗତ ୬ ମାସର ସମ୍ପୁର୍ଣ୍ଣ ଛାଡ କରାଯାଉ ନଚେତ ସେ ମାନଙ୍କ ଷ୍ଟଲ ଭଡାର ୫୦ ପ୍ରତିଶତ ଛାଡ କରାଯାଇ ଭଡା ପୈଠ କରିବା ପାଇଁ ସମୟ ପ୍ରଦାନ କରିବାକୁ ଦାବୀ କରାଯାଇଛି । ଭଡା ପାଇ ପ ।ୟତ ତରଫର ଷ୍ଟଲ ଗୃହିତାଙ୍କୁ ନୋଟିସ ଜାରି କରାଯାଇଥିଲା । ଏହି ଦାବୀ ପତ୍ର ଦେବା ସମୟରେ ଆସୋସିଏସନର ବ୍ଲକ ସଭାପତି ଏନ.ହର, ନରସିଂହ ନାୟକ, ସିମାଂଚଳ ସୁଆର, ବାପି ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଦାବୀ ପତ୍ର ର ନକଲ ଉପ ଜିଲାପାଳ ଜୟପୁର,ବୈପାରିଗୁଡା ବିଡିଓ ଙ୍କୁ ପ୍ରଦାନ କରାଯାଇଛି ।

## ୩ ମୋରମ ବୋଝେଇ ଟ୍ରାକ୍ଟର ଓ ପ୍ରୋକଲିନ୍ ମେସିନ୍ ଜବତ : ୪ ଗିରଫ

ଗଞ୍ଜାମ,୧୩।୧୧ (ନି.ପ୍ର): ବେଆଇନ ମୋରମ ଚାଲାଣ ବେଳେ ତାରାସିଂ ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ୩ଟି ମୋରମ ବୋଝେଇ ଟ୍ରାକ୍ଟର ଓ ଗୋଟିଏ ପ୍ରୋକଲିନ୍ ମେସିନ୍ କୁ ଜବତ କରାଯାଇଛି । ଘଟଣାରେ ୪ ଜଣଙ୍କୁ ଗିରଫ କରିଛି । ତାରାସିଂ ଥାନା ପୋଲିସ ଏ ସଂକ୍ରାନ୍ତରେ ୨୩୮/ ୨୦ ରେ ଏକ ମାମଲା ରୁଜୁ କରିଛି ।

## ଜିଆଇଇଟି ବିଶ୍ୱବିଦ୍ୟାଳୟ ଗୁଣୁପୁର ସହ ନୂଆ ଦିଲ୍ଲୀ ସ୍ଥିତ ଇଲୋକ୍ଟ୍ରୋନିକସ ସେକ୍ଟର ସ୍କିଲ କାଉନସିଲ ଅଫ୍ ଇଣ୍ଡିଆ ମଧରେ ଚୁକ୍ତି ସ୍ୱାକ୍ଷର




ଗୁଣୁପୁର,୧୩।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ସହର ସ୍ଥିତ ଜିଆଇଇଟି ବିଶ୍ୱବିଦ୍ୟାଳୟ ଏକ ପ୍ରମୁଖ ଏବଂ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଭାବେ ସାରା ଦେଶ ବିଦେଶ ରେ ପରିଚିତ । ଏହାର ଗୁଣାତ୍ମକ ଶିକ୍ଷା ଓ ଶୈଳୀ ହିଁ ଆଜି ଏହାର ବିକାଶର ଏକମାତ୍ର ପରିଚୟ । ଅନୁଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା, ତାଲିମ ନେବା ଓ ଗବେଷଣା କରିବା ସହ ନିଜର ଅ'ର୍ନହିତ ଗୁଣାବଳୀକୁ ଅଧିକରୁ ଅଧିକ ଶକ୍ତିଶାଳୀ ଏବଂ ଅଭିନବକରଣର ଅଭିବୃଦ୍ଧି ନିମର୍ତେ ଜିଆଇଇଟି ବିଶ୍ୱବିଦ୍ୟାଳୟ ଗୁଣୁପୁର ସହ ନୂଆ ଦିଲ୍ଲୀ ସ୍ଥିତ ଇଲୋକ୍ଟ୍ରୋନିକସ ସେକ୍ଟର ସ୍କିଲ କାଉନସିଲ ଅଫ ଇଣ୍ଡିଆ ସହ ଚୁକ୍ତି ସ୍ୱାକ୍ଷର କରିଛି । ଏହି ଅବସରରେ ରେ ଇଲୋକ୍ଟ୍ରୋନିକସ ସେକ୍ଟର ସ୍କିଲ କାଉନସିଲ ଅଫ ଇଣ୍ଡିଆର ଉପସଭାପତି ପିୟୁସ ଚକ୍ରବର୍ତ୍ତୀ , ଜିଆଇଇଟି ବିଶ୍ୱବିଦ୍ୟାଳୟ ଗୁଣୁପୁର ର ରେଜିଷ୍ଟ୍ରାର ଡ଼. ଏନ.ଭି.ଜେ. ରାଓ ଙ୍କ ମଧରେ ଏହି ଚୁକ୍ତି ସ୍ୱାକ୍ଷର ହୋଇଥିଲା । ଏହି ଚୁକ୍ତି ଦ୍ୱାରା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଶିକ୍ଷା, ତାଲିମ ନେବା, ଗବେଷଣା କରିବା ସହ ନିଜର ଅ'ର୍ନହିତ ଗୁଣାବଳୀର ବିକାଶ ହୋଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଏହା ସହ ଅନୁଷ୍ଠାନର ଡିନ ଆର ଏଣ୍ଡ ପ୍ରଫେସର ଜେ. ବି.ଭି.ଶୁଭ୍ରମାନ୍ୟମ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପରାମର୍ଶଦାତା ସତ୍ୟ ନାରାୟଣ ମହାରଣା ମଞ୍ଚାସିନ ଥିଲେ । ଏହି କାର୍ଯ୍ୟକ୍ରମ ରେ ସମସ୍ତ ବିଭାଗର ବିଭାଗୀୟ ମୁଖ୍ୟ, ଅଧାପକ, ଅଧାପିକା, ଉପସ୍ଥିତ ଥିଲେ ।ପରିଶେଷରେ ପ୍ରଫେସର ଶୁଭ୍ରଜିତ ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ ।

# ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ରୋଜଗାର ଦେଉଛି ଗୋବର ଦୀପ



ବାଲେଶ୍ୱର,୧୩।୧୧ (ନି.ପ୍ର): କରୋନା ସଂକ୍ରମଣ ଯୋଗୁଁ ବାହାର ରାଜ୍ୟରୁ ଫେରିଆସିଥିବା ପ୍ରବାସୀ ଓଡିଆ ଶ୍ରମିକଙ୍କ ପାଇଁ ବଞ୍ଚିବାର ରାହା ଦେଖାଇଛି ରେମୁଣାର ମା ଭାରତୀ ଗୋସେବା କେନ୍ଦ୍ର । ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ଦେବାରେ ସରକାର ବିଫଳ ହେଲା ପରେ ବହୁ ଶ୍ରମିକ ଜୀବନକୁ ପାଣି ଛଡ଼ାଇ ପୂର୍ବ ଭଳି ବାହାର ରାଜ୍ୟକୁ ଚାଲି ଯାଇଇଛନ୍ତି । ମାତ୍ର ନୀଳଗିରି ଅଞ୍ଚଳର ଦୁଇଶ୍ରମିକ ପ୍ରଫୁଲ୍ଲ କୁମାର ସ ଓ ମହେଶ୍ୱର ସ ଏବେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇପାରିଛନ୍ତି । ଗୋରୁଗାଈଙ୍କ ଗୋବରରୁ ସେମାନେ ଦୀପ ପ୍ରସ୍ତୁତ ସହ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି । ବାଲେଶ୍ୱର ଗଣେଶ୍ୱରପୁର ଶିଳ୍ପାଞ୍ଚଳରେ ଥିବା ‘ମା ଭରାତୀ ଗୋ-ସେବା କେନ୍ଦ୍ର’ ଏବେ ସେମାନଙ୍କୁ ବଞ୍ଚିବାର ରାହା ଦେଖାଇଛି । କରୋନା କାଳରେ ଚେନାଇରୁ ଫେରିଥିବା ନିଳଗିରୀ ଅଞ୍ଚଳର ଏହି ଦୁଇ ପ୍ରବାସୀ ଶ୍ରମିକ ଦୀର୍ଘ ଚାରିମାସ ଘରେ ବସି ରହିବା ଫଳରେ ପରିବାର ଗୁଜୁରାଣ ମେଣ୍ଟାଇବା ସେମାନଙ୍କ ପାଇଁ ଦୁର୍ବିସହ ହୋଇ ପଡିଥିଲା । ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ପ୍ରଦାନରେ ରାଜ୍ୟ ସରକାର ସଫଳ ନହେବାରୁ ଶେଷରେ ତାଙ୍କ ସହ ଆସିଥିବା ଜିଲ୍ଲାର ବହୁ ଶ୍ରମିକ ନିଜ ନିଜର କର୍ମସ୍ଥଳକୁ ଫେରି ଯାଇଥିଲେ । ମାତ୍ର ପାରିବାରିକ ସମସ୍ୟାକୁ ଦୃଷ୍ଟିରେ ରଖି ମହେଶ୍ୱର ଓ ପ୍ରଫୁଲ୍ଲ ଘରେ ରହିଥିଲେ ବି ରୋଜଗାରର ପନ୍ଥା ଅନ୍ୱେଷଣରେ ଲାଗି ପଡ଼ିଥିଲେ । ଚେନାଇରୁ ଶିଖିଥିବା ଗୋବର ଦୀପ ତିଆରି କଳାକୁ ବ୍ୟବହାର କରି ପେଟ ପୋଷିବା ଲକ୍ଷ୍ୟରେ ସେମାନେ ଘୂରିବୁଲୁଥିଲେ । ଏହି ସମୟରେ ‘ମା ଭରାତୀ ଗୋ-ସେବା କେନ୍ଦ୍ର’କଥା ଶୁଣିବା ପରେ ସେମାନେ ସେଠାକୁ ଯାଇ କେନ୍ଦ୍ରର ତତ୍ତ୍ୱାବଧାରକ ଜିତେନ୍ଦ୍ର ସ୍ୱାଇଁ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ଭେଟି ଗୋବର ଦୀପ ସମ୍ପର୍କରେ ଅବଗତ କରିଥିଲେ । ଗୋସେବା କେନ୍ଦ୍ର କର୍ତ୍ତୃପକ୍ଷଙ୍କ ସମ୍ମତି କ୍ରମେ ସେମାନେ ଏହି ଦୀପ ତିଆରି ଆରମ୍ଭ କରିଥିଲେ । ବେଆଇନ୍ ଗୋରୁ ଚାଲାଣ ବେଳେ ଉଦ୍ଧାର ହେଉଥିବା ଶହଶହ ଗୋରୁଗାଈଙ୍କୁ ଏହି ଗୋସେବା କେନ୍ଦ୍ରରେ ରହୁଛନ୍ତି । ପ୍ରତିଦିନ ସେହି ଗୋରୁଗାଈଙ୍କଠାରୁ ବାହାରୁଥିବା ଟନଟନ ଗୋବରରୁ ଏବେ ପ୍ରସ୍ତୁତ ହେଉଛି ଦୀପ । ଏହି ଯୁବକଦ୍ୱୟଙ୍କ ପ୍ରଚେଷ୍ଟାରୁ ତିଆରି ଏହି ଗୋବର ଦୀପ ସାଧାରଣରେ ଚାହିଦା ବେଶ ବଢ଼ିଚାଲିଛି । ମାଟି ଦୀପ ଠାରୁ ଏହା ହାଲ୍‌କା ।ସାଧାରଣତଃ ଦେବାଦେବୀଙ୍କ ପୂଜାରେ ଗାଈର ଗୋବରକୁ ପବିତ୍ରତାର ମାନ୍ୟତା ଦିଆଯାଉଥିବା ବେଳେ ଗୋବର ତିଆରି ଏହି ଦୀପ କିଣିବାକୁ ଲୋକଙ୍କ ଭିତରେ ଅଧିକ ଆଗ୍ରହ ଲକ୍ଷ୍ୟ କରାଯାଇଛି । ସେଥିପାଇଁ ହଜାର ହଜାର ଦୀପ ପ୍ରସ୍ତୁତ ପାଇଁ ସେମାନଙ୍କୁ ଅଗ୍ରୀମ ବି ମିଳୁଛି । ମାତ୍ର ଏଭଳି ଛୋଟିଆ ରୋଜଗାର ମାଧ୍ୟମକୁ ଆଗାମୀ ଦିନରେ ବ୍ୟାପକ ଆକାରରେ କରାଯାଇ ଦୀପ ସାଙ୍ଗକୁ ଫୁଲକୁଣ୍ଡ ପ୍ରଭୃତି ସାମଗ୍ରୀ ପ୍ରସ୍ତୁତ କରାଗଲେ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରନ୍ତା ବୋଲି ସେମାନେ ପ୍ରକାଶ କରିଛନ୍ତି । ଏହି ଗୋବର ଦୀପର ଚାହିଦାକୁ ଦେଖି ଗୋ-ସେବା କେନ୍ଦ୍ର କର୍ତ୍ତୃପକ୍ଷ ନିକଟ ଭବିଷ୍ୟତରେ ଉଚିତ ପଦକ୍ଷେପ ନେବେ ବୋଲି ସୂଚନା ଦେଇଛନ୍ତି ।

## ସିଡ୍‌ବଲ୍‌ରେ ସବୁଜ ଦୀପାବଳୀର ବାର୍ତ୍ତା

ଭୁବନେଶ୍ୱର,୧୩।୧୧ (ନି.ପ୍ର): ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁଆଲୋକର ପର୍ବ ଦୀପାବଳୀକୁ ପ୍ରଦୂଷଣ ଏବଂ ବିପଦମୁକ୍ତ କରିବା ପାଇଁ ନିଆରା ଶୈଳୀରେ ସବୁଜ ଦୀପାବଳୀ ପାଳନ ଉପରେ ଗୁରୁତ୍ୱ ଦେଇଛନ୍ତି । ଭୁବନେଶ୍ୱର ପୋଖରୀପୁଟସ୍ଥିତ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ୍-୨ଠାରେ ରହୁଥିବା ଶ୍ରୀ ସାହୁ ଇକୋ-ଫ୍ରେଣ୍ଡଲି ଦୀପାବଳୀର ଉପାଦେୟତାକୁ ସିଡ୍‌ବଲ୍‌ରେ ଫୁଟାଇଛନ୍ତି । ପରିବେଶ ଉପଯୋଗୀ ବିହନ ପେଣ୍ଡୁ (ସିଡ୍‌ବଲ୍)ରେ ଦୀପ ତିଆରି କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ମାଟି, ମଞ୍ଜି ଓ ଖତରେ ପ୍ରସ୍ତୁତ ଏହି ବିହନ ପିଣ୍ଡୁଳା ଗୁଡ଼ିକୁ ପ୍ରଜ୍ୱଳିତ ଦୀପ ଆକାରରେ ସଜ୍ଜିତ କରାଇ ଜନସାଧାରଣଙ୍କୁ ସଚେତନତା ଉଦ୍ଦେଶ୍ୟରେ ସବୁଜ ଦୀପାବଳୀ ପାଳନ ପାଇଁ ଆହ୍ୱାନ ଜଣାଇଛନ୍ତି । ‘ସେ ନୋ ଟୁ କ୍ରାକର୍ସ’କୁ ସମର୍ଥନ କରି ସୁଶାନ୍ତ କୁହନ୍ତି ଦେଶରେ ୫୦ ପ୍ରତିଶତ ବାୟୁ ପ୍ରଦୂଷଣ ଦୀପାବଳୀ ସମୟରେ ହୋଇଥାଏ ।

# କୃଷକମାନଙ୍କୁ ଛଳନା ଏବଂ ପ୍ରତାରଣା କରିବାରେ ଅନନ୍ୟ ଉଦାହରଣ ହେଉଛି ନବୀନ ସରକାର

ଭୁବନେଶ୍ୱର,୧୩।୧୧ (ନି.ପ୍ର): ଘରୋଇ କୃଷିବଜାର ପାଇଁ ଅଧାଦେଶ ଆଣିବା ନିମନ୍ତେ ଗତକାଲି ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତି ହୋଇଛି । ଓଡିଶା କୃଷି ଉତ୍ପାଦନ ବଜାର ଆଇନ୍ - ୧୯୫୬ (ଓଏପିଏମ୍ ଆକ୍ଟ) ଯାହାକି ୧୯୫୭ଠାରୁ ଲାଗୁ ହୋଇଥିଲା, ସେହି ଆଇନକୁ ସଂଶୋଧନ କରିବା ପାଇଁ ସରକାର ନିଷ୍ପତି ନେଇଛନ୍ତି । ରାଜ୍ୟ ସରକାର କୃଷି ବଜାରକୁ ଘରୋଇ ସଂସ୍ଥା ମାନଙ୍କ ହାତରେ ଟେକି ଦେବା ନିମନ୍ତେ ଓଡିଶା କୃଷି ଉତ୍ପାଦନ ଓ ପ୍ରାଣୀଧନ ବଜାର(ପ୍ରଚାର ଓ ସୁଯୋଗ) - ୨୦୨୦ନାମରେ ଆଉ ଏକ ଅଧାଦେଶ ଆଣିବାକୁ ଯାଉଛନ୍ତି । ସୂଚନା ଯୋଗ୍ୟ ଯେ ମେ ୧୩ ତାରିଖରେ ରାଜ୍ୟ ସରକାର ଏହିଭଳି କୃଷି ବଜାର ସଂକ୍ରାନ୍ତୀୟ ଅଧାଦେଶ ଆଣିଥିଲେ, ତେବେ ପରବର୍ତୀ ସମୟରେ କେନ୍ଦ୍ର ସରକାରଙ୍କ କୃଷକ ବିରୋଧୀ କୃଷି ବିଲ୍‌କୁ ତୀବ୍ର ବିରୋଧ ସାଙ୍ଗକୁ ଆଗରେ ଉପ ନିର୍ବାଚନ ଥିବା ଯୋଗୁଁ ରାଜ୍ୟ ସରକାର ଅତ୍ୟନ୍ତ ଚତୁରତାର ସହିତ ଗତ ବିଧାନ ସଭାରେ ଏହି ଅଧାଦେଶକୁ ଉପସ୍ଥାପିତ କଲେନାହିଁ । ଏହି ଅଧାଦେଶର ଅବଧି ସରିଲା ପରେ ପୁଣି ସରକାର କୃଷି ବଜାର ସଂକ୍ରାନ୍ତୀୟ ଅଧାଦେଶ ଆଣିବା ପାଇଁ ନିଷ୍ପତି କରିଛନ୍ତି । ପ୍ରକାଶ ଥାଉକି କେନ୍ଦ୍ର ସରକାର ତିନୋଟି କୃଷି ବିଲ୍ ଆଣିଛନ୍ତି, ଯାହାକି ଆଇନରେ ପରିଣତ ହୋଇଛି ଏବଂ ସମଗ୍ର ଦେଶରେ କୃଷକମାନେ ଏହାର ତୀବ୍ର ବିରୋଧ କରୁଛନ୍ତି । କେନ୍ଦ୍ର ସରକାରଙ୍କର ଏହି ବିଲ୍ ଗୁଡିକୁ ଲୋକ ସଭାରେ ବିଜୁ ଜନତା ଦଳ ସମର୍ଥନ ଦେଇଥିଲେ । ମାତ୍ର ରାଜ୍ୟ ସଭାରେ ବିଲ୍ ଗୁଡିକ ଆଗତ ହେଲା ବେଳେ କୃଷକମାନଙ୍କ ବିରୋଧକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳର ସଦସ୍ୟମାନେ ସିଲେକ୍ଟ କମିଟିକୁ ପଠାଯାଉ ବୋଲି ପ୍ରସ୍ତାବ ଦେଇଥିଲେ । କିନ୍ତୁ ବିଜେଡି ମୌଳିକ ଭାବେ ରାଜ୍ୟ ସଭାରେ ମଧ୍ୟ ଏହିଭଳି କୃଷକ ବିରୋଧୀ ବିଲ୍ ଗୁଡିକୁ ବିରୋଧ କରି ଭୋଟ୍ ଦେଇନଥିଲେ କିମ୍ବା ଯେଉଁ ବିରୋଧୀ ଦଳମାନେ ବିରୋଧ କଲେ ସେମାନଙ୍କୁ ସମର୍ଥନ ମଧ୍ୟ କରିନଥିଲେ । ବିଜେଡିର ଏହି ଦୋଦୁଲ୍ୟମାନ୍ୟତା ଏବଂ ଛଳନାତ୍ମକ ନୀତି ଅତି ସ୍ପଷ୍ଟ ହୋଇଯାଇଛି ଯେ ବିଜେପି ଦ୍ୱାରା ଆଗତ କୃଷି ବିଲ୍/ଆଇନ ଗୁଡିକୁ ବିଜେଡି ନୀତିଗତ ଭାବେ ବିରୋଧ କରୁନାହିଁ । ସୁତରାଂ, କୃଷି ବଜାରର ସଂପୂର୍ଣ୍ଣ ଘରୋଇକରଣ କରି ମଣ୍ଡି ନିର୍ମାଣ, ଗୋଦାମ ନିର୍ମାଣ, କୃଷି ଜାତ ଦ୍ରବ୍ୟ ସଂଗ୍ରହ ଏବଂ ସଂରକ୍ଷଣ ଇତ୍ୟାଦି ସମସ୍ତ ଦାୟିତ୍ୱ କର୍ପୋରେଟ୍ ମାନଙ୍କ ହାତରେ ଟେକିଦେବା ପାଇଁ ରାଜ୍ୟ କ୍ୟାବିନେଟ୍ ଆପାତତଃ ନିଷ୍ପତି ନେଇଛନ୍ତି । ଏହି ପ୍ରକ୍ରିୟାରେ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୁଲ୍ୟ ଦେଇ ସରକାରୀ ବିଭାଗ ଜରିଆରେ ମଣ୍ଡିରେ କିଣାବିକା କାରବାରରୁ ରାଜ୍ୟ ସରକାର ଓହରିବାକୁ ଚାହୁଁଛନ୍ତି । ମୋଦି ସରକାରଙ୍କ କୃଷି ଆଇନ ଏବଂ ନବୀନ ସରକାରଙ୍କ କୃଷି ଅଧାଦେଶ ଯାହାକୁ ପରବର୍ତୀ ସମୟରେ ଆଇନରେ ପରିଣତ କରାଯିବ, ସେଥିରେ ମୌଳିକ ଭାବେ କୌଣସି ତଫାତ୍ ନାହିଁ । ଉଭୟ ସରକାର କୃଷିର କର୍ପୋରେଟ୍ କରଣ ପାଇଁ ଏକମତ । ଓଡିଶାର ୯୨ଭାଗ କୃଷକ ହେଉଛନ୍ତି ନାମମାତ୍ର ଏବଂ ଅତି ସାଧାରଣ କୃଷକ । ଏହି ସାଧାରଣ କୃଷକମାନେ ଇ- ବଜାରରେ ବୃହତ କମ୍ପାନୀମାନଙ୍କ ସହିତ ପ୍ରତିଯୋଗିତା କରିବେ ବୋଲି ସରକାରଙ୍କ ଯୁକ୍ତି ଅତ୍ୟନ୍ତ ହାସ୍ୟାସ୍ପଦ । ଏହି ଅଧାଦେଶ ଦ୍ୱାରା ପର୍ଯ୍ୟାୟ କ୍ରମେ ସରକାରୀ ମଣ୍ଡି ବ୍ୟବସ୍ଥା , ନିୟନ୍ତ୍ରିତ କୃଷକ ବଜାର କମିଟି ଇତ୍ୟାଦି ଭାଙ୍ଗିଯିବା ସହିତ ଏମ୍.ଏସ୍.ପି. ପ୍ରଦାନ ପାଇଁ କୌଣସି ଉତର ଦାୟିତ୍ୱ ରହିବ ନାହିଁ । ଏହି କୃଷକ ବିରୋଧୀ ଏବଂ ଖାଉଟି ବିରୋଧୀ ପ୍ରସ୍ତାବିତ ଅଧାଦେଶକୁ ରାଜ୍ୟର କୃଷକ ସଂଗଠନ ମାନେ ତୀବ୍ର ବିରୋଧ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଅଖିଳ ଭାରତ କୃଷକ ସଭା ସହିତ ଅନୁବନ୍ଧିତ ଓଡିଶା କୃଷକ ସଭାର ରାଜ୍ୟ ସଭାପତି ଯମେଶ୍ୱର ସାମନ୍ତରାୟ ଏବଂ ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି ।

# ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱାରା ବିଶ୍ୱବିଦ୍ୟାଳୟସ୍ତରୀୟ ଏନ.ଏସ.ଏସ. ଆୱାର୍ଡ ପ୍ରଦାନ

### ଏମ.ସି.ଏ.ଏମର ପ୍ରୋଗ୍ରାମ ଅଫିସର ଓ ସ୍ୱେଚ୍ଛାସେବୀ ସମ୍ମାନିତ







ବାରିପଦା ,୧୩।୧୧ (ନି.ପ୍ର): ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ବିଶ୍ୱବିଦ୍ୟାଳୟ ସ୍ତରୀୟ ଏନ.ଏସ.ଏସ. ଆୱାର୍ଡ ପ୍ରଦାନ ଉତ୍ସବ ବିଶ୍ୱବିଦ୍ୟାଳୟ ସିଣ୍ଡିକେଟ ହଲରେ ଆୟୋଜିତ ହୋଇଯାଇଛି । ଉଚ୍ଚଶିକ୍ଷା ବିଭାଗ ଡେପୁଟି ସେକ୍ରେଟେରୀ ତଥା ଓଡ଼ିଶା ସରକାରଙ୍କର ଏନ.ଏସ.ଏସ. ମୁଖ୍ୟ ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏନ.ଏସ.ଏସରେ ପ୍ରକୃତ କାର୍ଯ୍ୟ କରୁଥିବା ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସର ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ସହିତ କାମ କରୁଥିବା ଲୋକଙ୍କୁ ଅଧିକ ସୁବିଧା ସୁଯୋଗ ଦେବାର ଆବଶ୍ୟକତା ଅଛି ବୋଲି କହିଥିଲେ । ଭାରତ ସରକାରଙ୍କର ୟୁଥ ଅଫିସର ପିଉସ ପରପେ, କୁଳସଚିବ ସହଦେବ ସମଡିହା, କଂଟ୍ରୋଲାର ଅଫ୍ ଫାଇନାନ୍ସ ସୁକଦେବ ତରାଇ, ବାଇଗଣବାଡିଆ କଲେଜର ଅଧ୍ୟକ୍ଷ ଡ. ସଚେନ, ଏମ.ସି.ଏ ବିଭାଗର ପ୍ରଫେସର ଏମ. ହେମାବିନ୍ଦୁ, ରସାୟନ ବିଜ୍ଞାନ ପ୍ରଫେସର ପ୍ରମୋଦ କୁମାର ଶତପଥୀ, ମୟୂରଭ ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁକାନ୍ତ କୁମାର ଦ୍ୱିବେଦୀ, ମୟୁରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମ୍ୟାନେଜମେଂଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାଏକ, ଏନ.ଏସ.ଏସ. ଜିଲ୍ଲା ପ୍ରୋଗ୍ରାମ ଅଫିସର ଡ. ଶୁଭେନ୍ଦୁ କୁମାର ଦାସ, ରେକୁଟିଆ ମହାବିଦ୍ୟାଳୟର ଅଧ୍ୟକ୍ଷ ଗୋଲକ ବିହାରୀ ଆଚାର୍ଯ୍ୟ, ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏନ.ଏସ.ଏସ. କୋ-ଅଡିନେଟର ଶ୍ରୀମତୀ ଉଷା ଶତପଥୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଚଳିତ ବର୍ଷ ନିମନ୍ତେ ଏନ.ଏସ.ଏସ.ରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ମୟୁରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମ୍ୟାନେଜମେଂଟର ମହିଳା ପ୍ରୋଗ୍ରାମ ଅଫିସର ମୀରା ସେନାପତିଙ୍କୁ ବେଷ୍ଟ ପ୍ରୋଗ୍ରାମ ଅଫିସର, ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡ. ସ୍ମୃତିରଂଜନ ଦାସ ଏବଂ କରଂଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ କାର୍ଯ୍ୟକ୍ରମ ଅଧିକାରୀ ଡ. ଦେବେଶ ହୋତାଙ୍କୁ ବେଷ୍ଟ ପ୍ରୋଗ୍ରାମ ଅଫିସର, ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ମୟୁରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମ୍ୟାନେଜମେଂଟର ସଂଗୀତା ସରେନ, ଏମ.ପି.ସି. ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ମୃତି ମାଇତି, ଆଶିଷ କୁମାର ବେହେରା, ସୀମାନ୍ତ ମହାବିଦ୍ୟାଳୟର ଜନ୍ମେଜୟ ଗିରିଙ୍କୁ ବେଷ୍ଟ ଏନ.ଏସ.ଏସ. ସ୍ୱେଚ୍ଛାସେବୀ ଆୱାର୍ଡ ପ୍ରଦାନ କରାଯାଇଥିଲା । ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟର ଡ. ବିଷ୍ଣୁପ୍ରିୟା ହାଁସଦାଙ୍କୁ ସମ୍ମାନିତ କରାଯାଇଥିଲା । ଏନ.ଏସ.ଏ. ବ୍ୟୁରୋର ତୃପ୍ତି ପାତ୍ର, ଦିଲ୍ଲୀପ ପରମାଣିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦ ସମସ୍ତ ପ୍ରୋଗ୍ରାମ ଅଫିସର ଏବଂ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିବା ସହିତ ବିଶ୍ୱବିଦ୍ୟାଳୟ ଏନ.ଏସ.ଏସ ତରଫରୁ ପ୍ରକାଶିତ ପତ୍ରିକାକୁ ଉନ୍ମୋଚନ କରିଥିଲେ ଏବଂ ନୂତନ ଭାବେ ଯୋଗ ଦେଇଥିବା କୁଳସଚିବ ସହଦେବ ସମଧିଆ ଏବଂ କନଟ୍ରୋଲାର ଅଫ୍ ଫାଇନାନ୍ସ ସୁକଦେବ ତରାଇଙ୍କୁ ପୁଷ୍ପ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏନ.ଏସ.ଏସ. କୋ-ଅଡିନେଟର ଶ୍ରୀମତୀ ଉଷା ଶତପଥୀଙ୍କୁ ବିଗତ ବର୍ଷମାନଙ୍କରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଡେପୁଟି ସେକ୍ରେଟେରୀ ତଥା ଓଡ଼ିଶା ସରକାରଙ୍କର ଏନ.ଏସ.ଏସ. ମୁଖ୍ୟ ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଏବଂ ଉତର ଓଡ଼ିଶା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଦୀପ କୁମାର ଚାନ୍ଦ ପ୍ରଶଂସା କରିବା ସହିତ ବିଶ୍ୱବିଦ୍ୟାଳୟ ତରଫରୁ ଶ୍ରୀମତୀ ଶତପଥୀଙ୍କ ଧନ୍ୟବାଦ ଦେଇଥିଲେ । ବିଶ୍ୱବିଦ୍ୟାଳୟ ଏନ.ଏସ.ଏସ. ଏଡଭାଇଜରି ମିଟିଂରେ ବର୍ତମାନର ଏନ.ଏସ.ଏସ. କୋ-ଅଡିନେଟର ଶ୍ରୀମତୀ ଉଷା ଶତପଥୀଙ୍କ କାର୍ଯ୍ୟକାଳ ସରୁଥିବାରୁ ଆଉ ଏକ ବର୍ଷ ନିମନ୍ତେ ତାଙ୍କ କାର୍ଯ୍ୟକାଳ ବଢାଇବାକୁ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ : ନବମ ଓ ଦଶମ ଶ୍ରେଣୀ ପିଲା ପଢିବେ ବନ୍ଦେ ଉତ୍କଳ ଜନନୀ

ଭୁବନେଶ୍ୱର,୧୩।୧୧ (ନି.ପ୍ର): ରାଜ୍ୟସଂଗୀତର ମାନ୍ୟତା ପାଇଥିବା ‘ବନ୍ଦେ ଉତ୍କଳ ଜନନୀ’ ଏଣିକି ମାଧମିକ ସ୍ତରରେ ସ୍କୁଲ ପାଠ୍ୟକ୍ରମରେ ସ୍ଥାନ ପାଇବ । ନବମ ଓ ଦଶମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀମାନେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଏହି କାଳଜୟୀ କୃତୀ ପଢିବାର ସୁଯୋଗ ପାଇବେ । ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଆଜି ଏ ସଂକ୍ରାନ୍ତରେ ସରକାରୀ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ସୂଚନାଯୋଗ୍ୟ ଯେ ନିକଟରେ ରାଜ୍ୟ ସରକାର ‘ବନ୍ଦେ ଉତ୍କଳ ଜନନୀ’ ସଂଗୀତକୁ ରାଜ୍ୟ ସଂଗୀତର ମାନ୍ୟତା ପ୍ରଦାନ କରିଛନ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ ଗତ ମଇ ୩୦ ତାରିଖରେ ସାରା ରାଜ୍ୟ ତଥା ସାରା ବିଶ୍ୱର କୋଣ ଅନୁକୋଣରେ ଥିବା ଓଡିଆ ଭାଇ ଭଉଣୀମାନେ ଏହି ସଂଗୀତକୁ ଏକ ସମୟରେ ଗାନ କରି ଏକ ଭାବମୟ ପରିବେଶ ସୃଷ୍ଟି କରିଥିଲେ । ଗୌରବମଣ୍ଡିତ ଉତ୍କଳ ଜନନୀଙ୍କ ଜୟଗାନ କରୁଥିବା ଏହି ମହାନ ସଂଗୀତ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଓଡିଆ ଜାତୀୟତାର ଭାବକୁ ସୁଦୃଢ କରିବା ସହିତ ଓଡିଆ ଜାତିର ମହାନତା ସହ ପରିଚିତ କରାଇବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କରୋନା ସମୟରେ...

ଏହି ଅବସରରେ ନୂଆପଡା ଓ ଗଞ୍ଜାମ ଜିଲ୍ଲାର ଦକ୍ଷ କର୍ମଚାରୀ ଓ କୃଷକ ସରକାରୀ ଯୋଜନାର ସଫଳ ପରିଚାଳନା ସଂପର୍କରେ ସେମାନଙ୍କ ଅନୁଭୂତି ବର୍ଣ୍ଣନା କରିଥିଲେ । ୨୦୧୮ ମସିହାରେ ଆରମ୍ଭ ହୋଇଥିବା ଆମ କୃଷି କାର୍ଯ୍ୟକ୍ରମରେ ଚାଷୀ ମାନଙ୍କୁ ମୋବାଇଲ ଫୋନ ଭିତିକ କୃଷି ପରାମର୍ଶ ସେବା ପ୍ରଦାନ କରାଯାଉଛି । ୨୦୧୮ ମସିହାରେ ମାତ୍ର ୫୦ ହଜାର ଚାଷୀଙ୍କୁ ଧାନ ଫସଲ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଇଥିବା ବେଳେ ବର୍ତମାନ ୧୦ ଲକ୍ଷ ଚାଷୀଙ୍କୁ ୧୫ ଗୋଟି ଫସଲ ସମ୍ବନ୍ଧୀୟ ସୂଚନା ପ୍ରଦାନ କରାଯାଉଛି ।ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅରୁଣ ସାହୁ କହିଥିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ଦିଗ୍‌ଦର୍ଶନରେ ରାଜ୍ୟ କୃଷି ବିଭାଗ କୃଷି ଓ କୃଷକ ମାନଙ୍କ ଉନ୍ନତି ପାଇଁ ଉଦ୍ୟମ ଜାରି ରଖିଛି ।୫-ଟି କାର୍ଯ୍ୟକ୍ରମକୁ ବିଭାଗ ନିଷ୍ଠାର ସହ ଅନୁପାଳନ କରୁଛି ବୋଲି ସେ କହିଥିଲେ ।ଏହି କାର୍ଯ୍ୟକ୍ରମରେ ବିଭାଗର ଅନ୍‌ଲାଇନ ସେବା, ଦକ୍ଷତା କାର୍ଯ୍ୟକ୍ରମ, ଆମ କୃଷି ଆଦି ସଂପର୍କରେ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା । ବିଭାଗୀୟ ପ୍ରମୁଖ ସଚିବ ଶ୍ରୀ ସୌରଭ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍ୱତନ୍ତ୍ର ସଚିବ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, କୃଷି ଉତ୍ପାଦନ କମିଶନର, ଓଟଇଞ୍ଚର କୁଳପତି, ସମବାୟ ବିଭାଗର କମିଶନର ତଥା ଶାସନ ସଚିବ, ମତ୍ସ୍ୟ ଓ ପଶୁସଂପଦ ବିଭାଗର ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି), ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଓ କୃଷି ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ ।

# ଜିଲ୍ଲାସ୍ତରୀୟ ବିଶ୍ୱ ନିମୋନିଆ ଦିବସ ପାଳିତ

ଜଗତସିଂହପୁର,୧୩।୧୧ (ନି.ପ୍ର): ଗତକାଲି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବିଶ୍ୱ ନିମୋନିଆ ଦିବସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ,ଜଗତସିଂହପୁର ଠାରେ ପାଳିତ ହୋଇଯାଇଅଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ବିଜୟା ପଣ୍ଡା ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ ନିମୋନିଆକୁ ଯେତେ ଶୀଘ୍ର ଗୋଷ୍ଠୀ ସ୍ତରରେ ଚିହ୍ନଟ କରି ଚିକିତ୍ସା କରାଗଲେ ଶିଶୁଟି ସୁସ୍ଥ ରହିବା ସହିତ ଶିଶୁ ମୃତ୍ୟୁ ସଂଖ୍ୟା ହାର କମ୍ ହୋଇ ପାରିବ । ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ନଭେମ୍ବର ୧୨,୨୦୨୦ ଠାରୁ ଆରମ୍ଭ ହୋଇ ଫେବୃୟାରୀ ୨୮,୨୦୨୧ ପର୍ଯ୍ୟନ୍ତ ଚାଲିବ । ଏହି କାର୍ଯ୍ୟରେ ଆଶାକର୍ମୀ,ଏ.ଏନ୍.ଏମ୍ ଓ ଡାକ୍ତର ମାନଙ୍କର ବିଶେଷ ଭୂମିକା ରହିଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ,ପରିବାର କଲ୍ୟାଣ ଡା.ପ୍ରମୋଦ କୁମାର ବାରିକ,ଜିଲ୍ଲା କାର୍ଯ୍ୟକାରୀ ପରିଚାଳକ,ଜାତୀୟ ସ୍ୱାସ୍ଥ୍ୟ ମିଶନ,ଶ୍ରୀ ଚକ୍ରଧର ଜେନା,ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଓ ସୂଚନା ଅଧିକାରୀ ଶ୍ରୀମତୀ ସଚଳା ମହାନ୍ତି ଡେପୁଟୀ ମ୍ୟାନେଜର,ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଶ୍ରୀ ସୁକାନ୍ତ କୁମାର ପ୍ରଧାନ ଷ୍ଟାଫନର୍ସ ଇନ୍‌ଚାର୍ଯ୍ୟ ଜ୍ୟୋତିର୍ମୟୀ ସାହୁ,ଆସିଷ୍ଟାଣ ମ୍ୟାନେଜର ଆଶା ଅମିତା ପଣ୍ଡା,ଆସିଷ୍ଟାଣ୍ଡ ମ୍ୟାନେଜର ଗାଁ କଲ୍ୟାଣ ସମିତି,ସୁଜାତା ପ୍ରିୟମ୍ବଦା ଦାସ,ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ କର୍ମଚାରୀ ଓ ଆଶା କର୍ମୀମାନେ ଉପସ୍ଥିତ ଥିଲେ । ଶେଷରେ ସୁକାନ୍ତ କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

# କନିଷ୍ଠ ଶିକ୍ଷକ ଆଶାୟୀ ସଂଘର ପ୍ରତିବାଦ

### ପ୍ରାଇମେରୀ ସ୍କୁଲ ବନ୍ଦ ନିଷ୍ପତ୍ତି ଘରୋଇ ବିଦ୍ୟାଳୟ ପାଇଁ ପ୍ରୋତ୍ସାହନ !




ବାଲେଶ୍ୱର,୧୩।୧୧ (ନି.ପ୍ର): ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ଯୋଗୁଁ ରାଜ୍ୟରେ ସରକାରୀ ପ୍ରାଇମେରୀ ସ୍କୁଲ ବନ୍ଦ କରିବା ନେଇ ସରକାରଙ୍କ ନିଷ୍ପତିକୁ ଦୃଢ଼ ବିରୋଧ କରିଛି କନିଷ୍ଠ ଶିକ୍ଷକ ଆଶାୟୀ ସଂଘ । ଏନେଇ ସଂଗଠନର ବାଲେଶ୍ୱର ଶାଖା କର୍ମକର୍ତ୍ତା ଓ ସଦସ୍ୟମାନେ ଆଜି ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଥିଲେ । ସରକାରଙ୍କ ତ୍ରୁଟିପୂର୍ଣ୍ଣ ଶିକ୍ଷାନୀତି ଯୋଗୁଁ ଗରିବ ଅବହେଳିତ ଛାତ୍ରଛାତ୍ରୀ ଶିକ୍ଷାରୁ ବଞ୍ଚିତ ହେବାକୁ ଯାଉଥିବା ବେଳେ ଟ୍ରେନିଂପ୍ରାପ୍ତ ସିଟି ଓ ବିଇଡି ପ୍ରାର୍ଥୀ ନିଯୁକ୍ତି ସୁଯୋଗ ହରାଇବାକୁ ଯାଉଛନ୍ତି ବୋଲି ସେମାନେ ଆରୋପ ଉଠାଇଛନ୍ତି । ୨୦ରୁ କମ ଛାତ୍ରଛାତ୍ରୀ ଥିବା ପ୍ରାଇମେରୀ ସ୍କୁଲଗୁଡ଼ିକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତି ଆଶାୟୀ ଶିକ୍ଷକଙ୍କ ନିଯୁକ୍ତି ଓ ଗରିବ ଘରର ପିଲାଙ୍କ ଶିକ୍ଷା ଗ୍ରହଣରେ ଅନ୍ତରାୟ ହେବାକୁ ଯାଉଛି ବୋଲି ସଂଗଠନର କର୍ମକର୍ତ୍ତାମାନେ କହିଛନ୍ତି । ଅନ୍ୟପକ୍ଷରେ ସରକାରଙ୍କ ଅନୁମତି ନଥାଇ ଛତୁଫୁଟିଲା ଭଳି ଶହ ଶହ ସଂଖ୍ୟାରେ ପ୍ରତିଷ୍ଠା ହେଉଥିବା ଘରୋଇ ବିଦ୍ୟାଳୟ ପ୍ରତି କିଛି ମଧ୍ୟ ଅଙ୍କୁଶ ରହୁନାହିଁ । ଆବଶ୍ୟକ ଭିତ୍ତିଭୂମି ଓ ସରକାରୀ ଅନୁମତି ନଥାଇ ବି ବହୁ ଘରୋଇ ବିଦ୍ୟାଳୟ ଏବେ ଚାଲିଛି । ସରକାରୀ ବିଦ୍ୟାଳୟ ବନ୍ଦ ହୋଇଗଲେ ନିଜର ପିଲାଙ୍କୁ ଘରୋଇ ବିଦ୍ୟାଳୟରେ ପାଠ ପଢ଼ାଇବା ପାଇଁ ଗରିବ ପରିବାରମାନେ ବାଧ୍ୟ ହେବ କିମ୍ବା ସେମାନଙ୍କ ପିଲା ଆଉ ପାଠ ପଢ଼ିବାର ସୁଯୋଗ ପାଇବେ ନାହିଁ । ତେବେ ବିଦ୍ୟାଳୟ ସଂଖ୍ୟା ହ୍ରାସ ପାଇବା ଫଳରେ ଶିକ୍ଷକତା ପାଇଁ ଅପେକ୍ଷା କରିଥିବା ପ୍ରଶିକ୍ଷଣପ୍ରାପ୍ତ ପ୍ରାର୍ଥୀଙ୍କ ଭବିଷ୍ୟତ କ’ଣ ହେବ ସେନେଇ ସରକାର କିଛି ପଦକ୍ଷେପ ନ ନେବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ବୋଲି ସେମାନେ କହିଛନ୍ତି । ସରକାର ବିଦ୍ୟାଳୟ ବନ୍ଦ ନିଷ୍ପତି ପ୍ରତ୍ୟାହାର ସହ ବେଆଇନ୍ ଘରୋଇ ସ୍କୁଲ ଉଚ୍ଛେଦ କରିବା ଓ ଶିକ୍ଷକତା ଅପେକ୍ଷାରେ ଥିବା ପ୍ରଶିକ୍ଷଣପ୍ରାପ୍ତ ପ୍ରାର୍ଥୀଙ୍କୁ ତୁରନ୍ତ ନିଯୁକ୍ତି ଦେବା ପାଇଁ ଶିକ୍ଷକ ଆଶାୟୀ ସଂଘ ଦାବି କରିଛି । ନତୁବା ଆଗାମୀ ଦିନରେ ସଂଘ ଆମରଣ ଅନଶନ କରିବ ବୋଲି କର୍ମକର୍ତ୍ତାମାନେ ଚେତାବନୀ ଦେଇଛନ୍ତି । ଏନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରାଯାଇଛି ।

# ରାୟଗଡ଼ା ଜିଲ୍ଲାରେ ଆଜି ଜିରୋ କରୋନା

### ସମୁଦାୟ ଆକ୍ରାନ୍ତଙ୍କ ସଂଖ୍ୟା ୮୨୧୦ : ମୃତ୍ୟୁ ସଂଖ୍ୟା ୪୨



ରାୟଗଡ଼ା,୧୩।୧୧ (ନି.ପ୍ର): ଦୀର୍ଘ ୬ ମାସ ପରେ ଆଜି ରାୟଗଡ଼ା ଜିଲ୍ଲାରେ କରୋନା ତାର କାୟା ବିସ୍ତାର କରିବାରେ ବୋଧେ ବିଶ୍ରାମ ନେଇଛି । ଜିଲ୍ଲାରେ ଏବେ ପୁଣି ଦୋକାନ ବଜାର ରେ ଧିରେ ଧିରେ ଗହଳି ଚହଳି ଦେଖିବାକୁ ମିଳୁଛି । ଲୋକେ କରୋନା କୁ ଆଉ ଖାତିର କରୁନାହାନ୍ତି । ବର୍ତ୍ତମାନ ଜିଲ୍ଲା ରେ ଶୁନ ମାସ୍କ ଓ ଶୂନ୍ୟ ବ୍ରହ୍ମାଣ୍ଡ ରେ ସାମାଜିକ ଦୁରତ୍ୱ କୁ ବି ଭୁଲି ଯାଉଛନ୍ତି । ଜିଲ୍ଲା ପ୍ରଶାସନ ତରଫରୁ ସାମାଜିକ ଦୂରତ୍ୱ ଓ ଜନ ଗହଳି କୁ ଏହି ପର୍ଯ୍ୟନ୍ତ ରୋକ ଲଗାଯାଇଛି ହେଲେ ବି କିଛି ଲୋକ ସାଧାରଣ ଦୁରତ୍ୱ ଓ ମାଷ୍କ ପରିଧାନ କୁ ବେଖାତିର କରୁଥିବା ଦେଖିବାକୁ ମିଳୁଛି । ଯାହାର ଫଳସ୍ୱରୂପ ଆଜି ରାୟଗଡ ଜିଲ୍ଲାରେ ସଂକ୍ରମଣ ଙ୍କ ସଂଖ୍ୟା ୮୦୦୦ ଟପିଯାଇଛି, ଯେଉଁ ଜିଲ୍ଲା କି ଓଡିଶାର ଅନ୍ତିମ ଜିଲ୍ଲା ଥିଲା ଯାହାକି ଶେଷ ରେ ସଂକ୍ରମଣ ଆରମ୍ଭ ହେଲା କିନ୍ତୁ ସଂକ୍ରମଣ ସଂଖ୍ୟା ୮୦୦୦ ରୁ ଟପିବା ଉଦବେଗ ଜନକ । ଆଜି ଜିଲ୍ଲାରେ ୮୮୮ ଜଣଙ୍କ ସ୍ୱାବ ସଂଗ୍ରହ କରାଯାଇଛି ସେଥିମଧ୍ୟରୁ ୧୧୧ ଜଣଙ୍କ ଆଣ୍ଟିଜେନ ଟେଷ୍ଟ କରାଯାଇଥିଲା କିନ୍ତୁ ସବୁ ନେଗେଟିଭ ରିପୋର୍ଟ୍ ଆସିଛି । ବର୍ତ୍ତମାନ ଜିଲ୍ଲାରେ କରୋନା ଆକ୍ରାନ୍ତ ଙ୍କ ସଂଖ୍ୟା ସର୍ବମୋଟ ୮୨୧୦ ରେ ଅଛି । ଏବଂ ୮୦୬୪ ଜଣ ସୁସ୍ଥ ହୋଇ ଫେରିଥିବା ଜଣା ପଡ଼ିଛି ଏବଂ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୪୨ ରେ ପହଁଚିଛି । ୧୦୪ ଜଣ ଜିଲ୍ଲାରେ ଥିବାକିଛି କୋଭିଡ୍ କେୟାର ସେଣ୍ଟର୍ ରେ ଚିକିତ୍ସିତ ହେଉଥିବା ସହ ଘରୋଇ ସଙ୍ଗ ରୋଧ ରେ ମଧ ରହି ଚିକିତ୍ସିତ ହେଉଛନ୍ତି । ବହୁ କୋଭିଡ କେନ୍ଦ୍ର କୁ ଜିଲ୍ଲା ପ୍ରଶାସନ ତରଫରୁ ବନ୍ଦ କରିଦିଆଯାଇଛି । ସମସ୍ତେ କରୋନା କୁ ଘୃଣା କରିବା କିନ୍ତୁ ରୋଗୀ କୁ କେବେ ବି ନୁହଁ । କାରଣ ରୋଗ ସବୁବେଳେ ଆମ ସହ ରହିଛି ଆଉ ଯେଉଁ ପର୍ଯ୍ୟନ୍ତ ଏହାର ଠିକ୍ ଔଷଧ ବାହାରିନି ସେତେବେଳ ଯାଏଁ ଆମ ସହିତ ରହିବ । ତେଣୁ ପ୍ରଶାସନ ତରଫରୁ ସାମାଜିକ ଦୂରତା ରକ୍ଷା କରିବା ଓ ମାସ୍କ ପିନ୍ଧିବା କୁ ଗୁରୁତ୍ୱ ଦିଆଯାଇଛି ।

ଶନିବାର, ୧୪ ନଭେମ୍ବର ୨୦୨୦
ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା ୮

# ‘ମୋ ସ୍କୁଲ’ ଅଭିଯାନରେ ୧୬୧୦ ସ୍କୁଲ ସାମିଲ

ଭୁବନେଶ୍ୱର,୧୩।୧୧ (ନି.ପ୍ର): ‘ମୋ ସ୍କୁଲ’ ପରିଚାଳନା ସଂଗଠନର ୧୮ତମ କାର୍ଯ୍ୟକାରୀ କାଉନ୍‌ସିଲ୍ ବୈଠକ ଶୁକ୍ରବାର ଭର୍ଚୁଆଲ୍ ମୋଡ୍ ରେ ବିଦ୍ୟାଳୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ୨୫ଟି ଜିଲ୍ଲାର ୧୬୧୦ ସ୍କୁଲର ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ପୁରାତନ ଛାତ୍ରଛାତ୍ରୀମାନେ ୨ କୋଟି ୪୬ ଲକ୍ଷ ୯୦ ହଜାର ୨୦ ଟଙ୍କା ପ୍ରଦାନ କରିଥିବାବେଳେ ରାଜ୍ୟ ସରକାର ଏହାର ଦୁଇଗୁଣ ଅର୍ଥ ୪ କୋଟି ୯୩ ଲକ୍ଷ ୮୦ ହଜାର ୪୦ ଟଙ୍କା ଅନୁମୋଦନ କରିଛି । ଉଭୟ ପୁରାତନ ଛାତ୍ରଛାତ୍ରୀ ଏବଂ ରାଜ୍ୟ ସରକାରଙ୍କ ଅନୁଦାନ ମିଶି ୭ କୋଟି ୪୦ ଲକ୍ଷ ୭୦ ହଜାର ୬୦ ଟଙ୍କା ବ୍ୟୟ ଅଟକଳରେ ସଂପୃକ୍ତ ବିଦ୍ୟାଳୟର କାର୍ଯ୍ୟକ୍ରମ ଆରମ୍ଭ କରାଯିବ। ଗଜପତି, କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ବରଗଡ଼ ପ୍ରଭୃତି ଜିଲ୍ଲାର ବହୁସ୍କୁଲ ଏହି ଅଭିଯାନରେ ସାମିଲ ହୋଇ ଅନୁଦାନ ସଂଗ୍ରହ କରିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ପ୍ରକାଶ ଥାଉ କି ଗଜପତି ଜିଲ୍ଲା ସର୍ବାଧିକ ୫୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଛନ୍ତି। ଏହି ବୈଠକରେ ‘ମୋ ସ୍କୁଲ’ ଅଭିଯାନ ସହିତ ଟାଟା ଟ୍ରଷ୍ଟ ସହିତ କଳାହାଣ୍ଡି, କନ୍ଧମାଳ ଓ ରାୟଗଡ଼ା ଜିଲ୍ଲାରେ ଦଳିତ କାର୍ଯ୍ୟକ୍ରମ କରାଯିବା ପାଇଁ ନିଷ୍ପତି ନିଆଯାଇଛି । ବିଭିନ୍ନ ବିଦ୍ୟାଳୟରେ ପାଠାଗାର ଗଠନ ଉପରେ ଏବଂ ଶିକ୍ଷକମାନଙ୍କର ଦକ୍ଷତା ବୃଦ୍ଧି ପାଇଁ ମଧ୍ୟ ଆଲୋଚନା କରାଯାଇ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ‘ମୋ ସ୍କୁଲ’ ଅଭିଯାନକୁ ଅଧିକ ତ୍ୱରାନ୍ୱିତ କରି ମାର୍ଚ୍ଚ ୨୦୨୧ ମସିହା ଭିତରେ ବିଦ୍ୟାଳୟର ୫ ଲକ୍ଷ ଛାତ୍ରଛାତ୍ରୀଙ୍କୁ ଯୋଡିବା ପାଇଁ ଆଲୋଚନା କରାଯାଇଥିଲା। ଏହି ବୈଠକରେ ନିର୍ଦ୍ଦେଶକ, ମାଧ୍ୟମିକ ଶିକ୍ଷା, ନିର୍ଦ୍ଦେଶକ ପ୍ରାଥମିକ ଶିକ୍ଷା, ନିର୍ଦ୍ଦେଶକ, ଏସ୍‌ସିଇଆରଟି, ‘ମୋ ସ୍କୁଲ’ ଅଭିଯାନର ଭାରପ୍ରାପ୍ତ ଅଧିକାରୀ ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଟିଏ ଦିନରେ ୧୦୧୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୩।୧୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୧୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୦୭୦୦୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୨୯୩୭୪୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୧୭୧୫ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୧୮ ଜଣଙ୍କ ମଧ୍ୟରୁ ୫୮୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ୯୪ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଅନୁଗୁଳ ଜିଲ୍ଲାରୁ ୬୫ ଜଣ କରୋନା ସଂକ୍ରମିତ ହୋଇଥିବା ବେଳେ ବାଲେଶ୍ୱରରୁ ୨୪ ଜଣ, ବରଗଡ଼ରୁ ୨୭ ଜଣ, ଭଦ୍ରକରୁ ୯ ଜଣ, ବଲାଙ୍ଗୀରରୁ ୬୭ ଜଣ, ବୌଦ୍ଧରୁ ୨ ଜଣ, କଟକରୁ ୭୩ ଜଣ, ଦେବଗଡ଼ରୁ ୪ ଜଣ, ଢେଙ୍କାନାଳରୁ ୨୦ ଜଣ, ଗଜପତିରୁ ୭ଜଣ, ଗଞ୍ଜାମରୁ ୧୩ ଜଣ, ଜଗତ୍‌ସିଂହପୁରରୁ ୫୧ ଜଣ, ଯାଜପୁରରୁ ୩୯ ଜଣ, ଝାରସୁଗୁଡ଼ାରୁ ୨୭ ଜଣ, କଳାହାଣ୍ଡିରୁ ୪୩ ଜଣ, କନ୍ଧମାଳରୁ ୧୯ ଜଣ, କେନ୍ଦ୍ରାପଡ଼ାରୁ ୩୮ ଜଣ, କେନ୍ଦୁଝରରୁ ୩୫ ଜଣ, ଖୋର୍ଦ୍ଧାରୁ ୮୩ ଜଣ, କୋରାପୁଟରୁ ୧୨ ଜଣ, ମାଲକାନଗିରିରୁ ୩ ଜଣ, ମୟୂରଭଞ୍ଜରୁ ୮୬ ଜଣ, ନବରଙ୍ଗପୁରରୁ ୧୭ ଜଣ, ନୟାଗଡ ଜିଲ୍ଲାରୁ ୧୦ ଜଣ, ନୂଆପଡ଼ାରୁ ୪୧ ଜଣ, ପୁରୀରୁ ୩୮ ଜଣ, ସମ୍ବଲପୁରରୁ ୪୬ ଜଣ, ସୋନପୁରରୁ ୮ ଜଣ, ସୁନ୍ଦରଗଡ଼ରୁ ୯୪ ଜଣ ଓ ଷ୍ଟେଟ୍‌ପୁଲ୍‌ରୁ ୧୭ ଜଣ ଚିହ୍ନଟ ହୋଇଛନ୍ତି।

ନାମଲେଖା ଚାଲିଛି
“ସା ବିଦ୍ୟା ଯା ବିମୁକ୍ତୟେ”
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ମାତୃ ବିହାର, ମାନସିଂବଜାର, ବାଲେଶ୍ୱର
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ : ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

# ବାଲେଶ୍ୱର ବିଜେଡି ନେତା ଓ କର୍ମୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁମନ୍ତ୍ର

## ଭର୍ଚୁଆଲ ମିଟିଂରେ ଜନ ସମସ୍ୟା ସମାଧାନ ପାଇଁ ପରାମର୍ଶ



ବାଲେଶ୍ୱର,୧୩।୧୧ (ନି.ପ୍ର): ବାଲେଶ୍ୱର ସଦର ବିଧାନସଭା ଆସନ ଉପନିର୍ବାଚନରେ ବିଜେଡିର ବିଜୟକୁ ନେଇ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବ ନିର୍ବାଚିତ ବିଧାୟକଙ୍କ ସମେତ ଦଳୀୟ ନେତା ଓ କର୍ମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିଶେଷ କରି ଲୋକଙ୍କ ସମସ୍ୟା ସମାଧାନକୁ ଅଧିକ ଗୁରୁତ୍ୱ ଦେବା ପାଇଁ ସେ ନେତୃବୃନ୍ଦଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ଭର୍ଚୁଆଲ ମିଟିଂରେ ମୁଖ୍ୟମନ୍ତ୍ରୀ ବିଜେଡି ନେତା ଓ ଦଳୀୟ ଲୋକପ୍ରତିନିଧିଙ୍କୁ ଏହି ଗୁରୁମନ୍ତ୍ର ଦେଇଛନ୍ତି। ଏନେଇ ସହରର ଭେନ୍ୟା ପାରାଡାଇଜ କଲ୍ୟାଣମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡିର ନେତୃବୃନ୍ଦ ଓ କର୍ମୀମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ସହ ଡିଜିଟାଲ ପ୍ଲାଟଫର୍ମ ସହ ଯୋଡ଼ି ହୋଇଥିଲେ। ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀବାସୀଙ୍କୁ ଧନ୍ୟବାଦ ଦେବା ସହ ମହିଳାକର୍ମୀଙ୍କ କାର୍ଯ୍ୟଧାରାକୁ ଭୂୟସୀ ପ୍ରଶଂସା କରିଥିଲେ। ସେ କହିଥିଲେ କି ବିଜେଡି କଥା ଅପେକ୍ଷା କାମରେ ବିଶ୍ୱାସ କରେ। ଜିଲ୍ଲାର ବିକାଶକୁ ଆଗେଇ ନେବା ପାଇଁ ବିଜେଡି ଆଗାମୀ ଦିନରେ ଅଧିକ ଗୁରୁତ୍ୱ ଦେବ। ଜନସାଧାରଣଙ୍କ ସମସ୍ୟାକୁ ତୁରନ୍ତ ସମାଧାନ ପାଇଁ ସେ ଲୋକପ୍ରତିନିଧିଙ୍କ ସମେତ ବିଜେଡି ନେତା ଓ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନବ ନିର୍ବାଚିତ ବିଧାୟକ ସ୍ୱରୂପ ଦାସ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ବିଧାୟକ ଶ୍ରୀ ଦାସଙ୍କ ସମେତ ବିଜେଡି ଜିଲ୍ଲା ସଭାପତି ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଅରୁଣ ଦେ, ପୂର୍ବତନ ବ୍ରିଟ୍ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ବରିଷ୍ଠ ବିଜେଡି ନେତା ଶ୍ୟାମା ପ୍ରସାଦ ବେହେରାଙ୍କ ସମେତ ବହୁ ଦଳୀୟ କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

9439656277
with best Compliments from :
SIDDHESWAR COLLEGE OF PHARMACEUTICAL SCIENCES
AT/P.O. :- AMARDA ROAD- 756030
DIST :- BALASORE (ODISHA)
Approved by Pharmacy council of India, New delhi, Govt. of Odisha
&
Affiliated to Odisha State Board of Pharmacy Bhubaneswar

## ଓଡିଶାକୁ ୧୨୮ କୋଟି ଟଙ୍କାର ବାତ୍ୟା ସହାୟତା ଦେଲା କେନ୍ଦ୍ର

ଭୁବନେଶ୍ୱର,୧୩।୧୧ (ନି.ପ୍ର): ଅମ୍ଫାନ ବାତ୍ୟା ସହାୟତା ବାବଦରେ କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ଆଉ ୧୨୮.୨୩ କୋଟି ଟଙ୍କା ପ୍ରଦାନ କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଅଧକ୍ଷତାରେ ଉଚ୍ଚସ୍ତରୀୟ କମିଟି ରେ ଏହାକୁ ଅନୁମୋଦନ ମିଳିଛି। ଗତ ମେ ମାସରେ କେନ୍ଦ୍ର ସରକାର ଜାତୀୟ ବିପର୍ଯ୍ୟୟ ମୁକାବିଲା ପାଣ୍ଠି ଅଧିନରେ ଓଡ଼ିଶାକୁ ୫୦୦ କୋଟି ଟଙ୍କାର ସହାୟତା ପ୍ରଦାନ କରିଥିଲେ । କେନ୍ଦ୍ର ସରକାର ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବା ପାଇଁ ଓଡ଼ିଶା ସମେତ ୬ଟି ରାଜ୍ୟକୁ ୪,୩୮୨ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏନଡିଆରଏଫ ପାଣ୍ଠିରୁ ଏହି ଟଙ୍କା ମିଳିବ ବୋଲି ଗୃହ ମନ୍ତ୍ରାଳୟ କହିଛି। କ୍ଷୟକ୍ଷତି ନେଇ କେନ୍ଦ୍ର ସରକାର ପ୍ରଭାବିତ ରାଜ୍ୟମାନଙ୍କଠାରୁ ରିପୋର୍ଟ ଗ୍ରହଣ କରିବା ପରେ ଏବଂ କେନ୍ଦ୍ର ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର ରିପୋର୍ଟକୁ ଆଧାର କରି ଗୃହ ମନ୍ତ୍ରାଳୟ ଏହି ଟଙ୍କା ଅନୁମୋଦନ ଦେଇଛି। ଚଳିତ ବର୍ଷ ପ୍ରାକୃତିକ ବିପର୍ଯ୍ୟୟ (ଘୂର୍ଣ୍ଣିବଳୟ, ବନ୍ୟା ଏବଂ ଭୂସ୍ଖଳନ) ଯୋଗୁଁ ଓଡ଼ିଶା, ପଶ୍ଚିମବଙ୍ଗ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ସିକ୍କିମ୍ ପ୍ରଭାବିତ ହୋଇଥିଲା।

## ବେଆଇନ ଭାବେ ବାଲି ଚାଲାଣ : ୩ ଟ୍ରାକ୍ଟର ଥାନାରେ ଅଟକ, ୭୫୦୦୦ ଟଙ୍କା ଆଦାୟ



ରାୟଗଡ଼ା,୧୩।୧୧ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ପଦ୍ମପୁର ରାଜସ୍ୱ ବିଭାଗ ପକ୍ଷରୁ ଗୁରୁବାର ଦିନ ରାତି ୧୧ ଟା ସମୟରେ ୩ ଟ୍ରାକ୍ଟରକୁ ଜବତ୍ କରାଯାଇଛି । ବିଶେଷ ସୂତ୍ରରୁ ସୂଚନା ପାଇ ପଦ୍ମପୁର ତହସିଲଦାର ନୀଳମାଧ୍ୱ ମାଝୀ ଓ ଆର.ଆଇ ଭବାନୀ ପ୍ରସାଦ ରଣା ଖିଲମୁଣ୍ଡା ନିକଟସ୍ଥ ଜର୍ଯ୍ୟପୂର ଠାରେ ଏହି ଚଢାଉ କରିଥିଲେ ଓ ଟ୍ରାକ୍ଟର ଗୁଡ଼ିକୁ ଜବତ କରି ଥାନା ରେ ଅଟକ ରଖିଥିଲେ । ତହସିଲଦାର ଟ୍ରାକ୍ଟର ପିଛା ୨୫ ହଜାର ଟଙ୍କା ଜରିମାନା ପକାଇ ମୋଟ ୭୫ହଜାର ଟଙ୍କା ଆଦାୟ କରିଛନ୍ତି ।

# ବାଇକ ସହ ଗଞ୍ଜେଇ ଜବତ : ୨ ଗିରଫ

## ନିଶା ବେପାର ରୋକିବା ପାଇଁ ମାଷ୍ଟର ମାଇଣ୍ଡଙ୍କ ପାଖ ପହଂଚି ପାରୁନି ପୋଲିସର ତଦନ୍ତ



ବାରିପଦା ,୧୩।୧୧ (ନି.ପ୍ର): ବାରିପଦା ସହରରେ ଦିନକୁ ଦିନ ଚୋରା ନିଶା ବେପାର ବୃଦ୍ଧି ପାଉଥିବା ବେଳେ, ପୋଲିସ ତରଫରୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ଚୋରା ନିଶା ବେପାର ଉପରେ ରୋକ ଲଗାଇବାକୁ ଉଦ୍ୟମ କରାଯାଉଛି । ପୋଲିସ ଏବଂ ଅବକାରୀ ବିଭାଗ ମଧ୍ୟ ବିଭିନ୍ନ ସମୟରେ ଚଢାଉ କରି ଚୋରା ନିଶା ବେପାରଙ୍କୁ ଧରିବାରେ ସକ୍ଷମ ହେଉଛନ୍ତି । ତେବେ ନିଶା ଦ୍ରବ୍ୟ ଏବଂ ସଂପୃକ୍ତ ବ୍ୟକ୍ତିଙ୍କୁ ଧରିବାର ପ୍ରାଥମିକ କାର୍ଯ୍ୟ ଅବକାରୀ ବିଭାଗର ହୋଇଥିବା ବେଳେ ନିଶା ବେପାରିଙ୍କୁ ଦରିବାରେ ପୋଲିସ ଟାରୁ ପଛରେ ପଡିଯାଇଛି ଅବକାରୀ ବିଭାଗ । ଏବେ ପୋଲିସ ପକ୍ଷରୁ ଅଧିକ ନିଶା କାରବାରୀଙ୍କୁ ଧରାଯାଉଥିବାର ଦେଖାଯାଉଛି । କିନ୍ତୁ ଏତେ ଧରପଗଡ ପରେ ମଧ୍ୟ ନିଶା ବେପାର ଥମିବାର ନାମ ଧରୁ ନାହିଁ । ଆଜି ବାରିପଦା ପାଲବଣି ବାଇପାସ ନିକଟରୁ ଏକ ବାଇକରେ ପାକାପାଖି ୩ କିଲୋଗ୍ରାମ ଗା ନେଇ ଯାଉଥିବା ବେଳେ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ମୟୂରଭ ଏସ.ପି.ଙ୍କ ନିର୍ଦ୍ଦେଶ କ୍ରମେ ବାରିପଦା ଟାଉନଥାନା ଅଧିକାରୀ ବିରେନ୍ଦ୍ର ସେନାପତିଙ୍କ ତତ୍ୱାବଧାନ କ୍ରମେ ଏସଆଇ ଆର.କେ. ବେହେରା, ଏସଆଇ ଅଶୋକ କୁମାର ବାରିକ, ଏଏସଆଇ କି.ଏସ. ପରିଡା, ଏଏସଆଇ ତୁଷାରକାନ୍ତ ପରିଡା, ଏଏସଆଇ ବାସନ୍ତି ସିଂ ତଥା ଅନ୍ୟାନ୍ୟ ପୋଲିସ କର୍ମୀ ଏବଂ ସିଭିଲ ସ୍କାଡ ସହିତ ପୂର୍ବପ୍ରସ୍ତୁତି ଅନୁସାରେ ଚଢାଉ କରି ପାଲବଣି ବାଇପାସ ଠାରେ ଓଆର- ୦୧- ୟୁ-୧୫୫୨ ନମ୍ବର ଏକ ହିରୋହଣ୍ଡା ମଟର ସାଇକେଲରେ ୨କିଲୋ ୯୦୦ ଗ୍ରାମ ଗା ଜବଦ କରିଥିବାର ଜଣାଯାଇଛି । ଗା ଚୋରା ଚାଲାଣ କରୁଥିବା ଅଭିଯୋଗରେ ବୈଶିଙ୍ଗା ଥାନା କଳମା ଅଂଚଳର କାଳିଚରଣ ପ୍ରଧାନ (୪୪) ଏବଂ ବାଲେଶ୍ୱର ସଦର ଥାନା ସାହୁପଡା ଅଂଚଳର ହିମାଂଶୁ ପାତ୍ର (୩୨) ଙ୍କୁ ଗିରଫ କରିବା ସହିତ ସେମାନଙ୍କ ଠାରୁ ଗୋଟିଏ ମଟର ସାଇକେଲ, ୨କିଲୋ ୯୦୦ଗ୍ରାମ ଗା ଏବଂ ୨ଟି ମୋବାଇଲ ଫୋନ ଜବଦ କରିଥିବାର ଜଣାଯାଇଛି । ଏବାବଦରେ ବାରିପଦା ଟାଉନଥାନାରେ କେସନଂ- ୭୮୩ ତା ୧୨/୧୧/୨୦ ରିଖ ଏନଡିପିଏସ ଏକ୍ଟ ଧାରା ୨୦(ଖ)(୨)(ବି) ଦଫାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବାର ଜଣାଯାଇଛି । ତେବେ ବେଆଇନ ନିଶା ଦ୍ରବ୍ୟ ଚୋରା ଚାଲାଣରେ ସଂପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରୁଥିଲେ ମଧ୍ୟ ନିଶା ବେପାର ମାଧ୍ୟମରେ ସମାଜରେ ବିଶୃଙ୍ଖଳା ଓ ଅପରାଧ ବଢାଇ ନିଜର କଳା ସାମ୍ରାଜ୍ୟ ବିସ୍ତାର କରୁଥିବା ମାଷ୍ଟର ମାଇଣ୍ଡ ମାନଙ୍କୁ ଧରିବାରେ ପୋଲିସ ବିଫଳ ହେଉଥିବାରୁ ଦିନକୁ ଦିନ ନିଶା ବେପାର କମିବା ବଦଳରେ ବଢିବଢି ଚାଲିଥିବାର ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି ।




❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078
❐ Managing & Executive Editor : Srustidhar Parida
❐ Editor: Sairindhree Sahoo